JULY 29, 2026
WEDNESDAY, BHUBANESWAR

ଜୁଲାଇ ୨୯, ୨୦୨୬
ବୁଧବାର, ଭୁବନେଶ୍ୱର

# ଅକ୍ଷର
AKHYARA ODISHA | ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 323 | ବର୍ଷ- ୧ ● ସଂଖ୍ୟା- ୩୨୩ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- | PAGES - 12 ● PRICE- 7/-

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

## ଓଡ଼ିଶାରେ ସୃଷ୍ଟି ହେଲା ବଡ଼ ବନ୍ୟା ପରିସ୍ଥିତି

# ପ୍ରବଳ ବର୍ଷା ଯୋଗୁଁ ୫ଟି ଜିଲ୍ଲା ହାଇ-ଆଲର୍ଟରେ

## ବାଲେଶ୍ୱର ଓ ଭଦ୍ରକରେ ସ୍ଥିତି ଗମ୍ଭୀର, ବିଚ୍ଛିନ୍ନ ହେଲା ଯୋଗାଯୋଗ





ଭୁବନେଶ୍ୱର, ୨୮/୦୭ : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ପ୍ରଭାବରେ ସାରା ଓଡ଼ିଶାରେ ଲଗାତାର ପ୍ରବଳ ବର୍ଷା ଜାରି ରହିଛି, ଯାହାଫଳରେ ଉତ୍ତର ଓ କେନ୍ଦ୍ରୀୟ ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟର ଅନେକ ପ୍ରମୁଖ ନଦୀର ଜଳସ୍ତର ବିପଦ ସଙ୍କେତ ଆଡ଼କୁ ବଢୁଥିବାରୁ ପ୍ରଶାସନ ପକ୍ଷରୁ ହାଇ-ଆଲର୍ଟ ଜାରି କରାଯାଇଛି। ବାଲେଶ୍ୱରର ରାଜଘାଟଠାରେ ଜଳକା ନଦୀ ବିପଦ ସଙ୍କେତ ଅତିକ୍ରମ କରି ପ୍ରବାହିତ ହେଉଛି। ବୈତରଣୀ ନଦୀର ଜଳସ୍ତର ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ଏହା ୧୮.୧୦ ମିଟର ଉପରେ ପ୍ରବାହିତ ହେଉଛି। ଏହାଦ୍ୱାରା ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବଡ଼ ବନ୍ୟା ଆଶଙ୍କା ଦେଖାଦେଇଛି। ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨,୧୦,୪୨୯ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଛି। ବର୍ତ୍ତମାନ ହୀରାକୁଦର ୧୦ଟି ଗେଟ୍ ଖୋଲାଯାଇଛି ଏବଂ ଆଗକୁ ଆହୁରି ଗେଟ୍ ଖୋଲିବା ନେଇ ଆକଳନ କରାଯାଉଛି। ଏହି ନଦୀଗୁଡ଼ିକର ଜଳସ୍ତର ମଧ୍ୟ ସତର୍କତା ସଙ୍କେତ ପାଖାପାଖି ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ସହରରେ ୨୪୬.୬ ମିଲିମିଟର ରେକର୍ଡ ବର୍ଷା ହୋଇଛି। ବସଷ୍ଟାଣ୍ଡ ଓ ଆଖପାଖ ତଳିଆ ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି। ବସ୍ତା ଏବଂ ନୀଳଗିରି ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଉପୁଜିଛି। ଉଦଳା-ବାଲେଶ୍ୱରକୁ ସଂଯୋଗ କରୁଥିବା ଅସ୍ଥାୟୀ ପୋଲ ବୁଡ଼ିଯିବାରୁ ୮ଟି ପଞ୍ଚାୟତ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

ବୈତରଣୀର ବନ୍ୟାପାଣି କାନ୍ତିଘାଇ ବନ୍ଧ ଡେଇଁ ଧାମନଗର ଓ ଭଣ୍ଡାରୀପୋଖରୀ ବ୍ଲକର ମଣିନାଥପୁର, ସୋଲମପୁର, ବିରୋଳି ଭଳି ଅନେକ ଗାଁରେ ପଶିଯାଇଛି। ଭଣ୍ଡାରୀପୋଖରୀ-ଯାଜପୁର ରୋଡ୍‌ରେ ୪ ଫୁଟ୍‌ର ପାଣି ଚାଲୁଥିବାରୁ ଯାତାୟାତ ବନ୍ଦ ରହିଛି। ଲଗାତାର ବର୍ଷା ଯୋଗୁଁ ତେଲକୋଇର ସମାକୋଇ ନଦୀ ଉଛୁଳୁଛି। ଏଠାରେ ଶତାଧିକ ଏକର ଚାଷଜମି ବନ୍ୟା ପାଣିରେ ବୁଡ଼ି ରହିଛି। ବାଙ୍କୀ ଅଞ୍ଚଳରେ ମଧ୍ୟ ବନ୍ୟା ପାଣି ମାଡ଼ିଆସିବାରୁ ଅନେକ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ବାଲେଶ୍ୱର, ଭଦ୍ରକ, ☞ପୃଷ୍ଠା-୨

- ❖ ଖୋଲିଲା ହୀରାକୁଦର ୧୦ଟି ଗେଟ୍
- ❖ ବିପଦ ସଙ୍କେତ ଉପରେ ବୈତରଣୀ ଓ ଜଳକା
- ❖ ସୁରକ୍ଷା ଦୃଷ୍ଟିରୁ ୫ ଜିଲ୍ଲାରେ ସମସ୍ତ ସ୍କୁଲ ଓ ଶିକ୍ଷାନୁଷ୍ଠାନ ବନ୍ଦ ଘୋଷଣା
- ❖ ଜଳବନ୍ଦୀ ଜମୁତୟନ ହେଲେ ଓଡ୍ରାଫ୍ ଓ ଏନ୍‌ଡ଼ିଆରଏଫ ଟିମ୍

## ଓଡ଼ିଶାରେ ବନ୍ୟା ସ୍ଥିତି ନିୟନ୍ତ୍ରଣରେ, ଭୟଭୀତ ହୁଅନ୍ତୁ ନାହିଁ: ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର, ୨୮/୦୭ : ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥିଲେ ମଧ୍ୟ ଓଡ଼ିଶାର ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିବା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ମଙ୍ଗଳବାର ସେ କହିଛନ୍ତି ଯେ, ସରକାର ସମସ୍ତ ନଦୀର ଜଳସ୍ତର ଉପରେ କଡ଼ା ନଜର ରଖିଛନ୍ତି ଏବଂ ଲୋକଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ସରକାରୀ ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାରାହାରି ୪୭.୨ ମିଲିମିଟର ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ବର୍ଷାଠାରୁ ଅଧିକ। ଏହା ସହିତ ରାଜ୍ୟର ୮ଟି ବ୍ଲକରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଥିବାରୁ କିଛି ନଦୀର ଜଳସ୍ତର ବଢ଼ିଛି।

ହୀରାକୁଦ ଡ୍ୟାମରୁ ବର୍ତ୍ତମାନ କେବଳ ୨ଟି ଗେଟ୍ ଖୋଲାଯାଇଛି। ମୁଣ୍ଡଳି ବ୍ୟାରେଜ ଦେଇ ସନ୍ଧ୍ୟା ସୁଦ୍ଧା ପ୍ରାୟ ୭ ଲକ୍ଷ କ୍ୟୁସେକ୍ ପାଣି ପ୍ରବାହିତ ହେବ ବୋଲି ଆକଳନ କରାଯାଇଛି। ତେବେ ମହାନଦୀ ଅବବାହିକାରେ ବନ୍ୟାର କୌଣସି ବଡ଼ ବିପଦ ନାହିଁ ବୋଲି ଜଳସମ୍ପଦ ବିଭାଗ ସ୍ପଷ୍ଟ କରିଛି। ଅନ୍ୟପଟେ ବୈତରଣୀ, ଜଳକା ଓ ସାଳନ୍ଦୀ ନଦୀର ଜଳସ୍ତରକୁ ନେଇ ସତର୍କତା ଜାରି ରହିଛି। ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ ଦିଲ୍ଲୀପ ରାଉତଙ୍କ ସୂଚନା ଅନୁସାରେ, ବୈତରଣୀ ନଦୀ ପାଇଁ ଚାନ୍ଦବାଲି, ଧାମନଗର ଓ ଯାଜପୁର ଅଞ୍ଚଳରେ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଜଳକା ନଦୀ ପାଇଁ ବସ୍ତା ଓ ବାଲେଶ୍ୱର ସଦର ଅଞ୍ଚଳକୁ ଆଲର୍ଟରେ ରଖାଯାଇଛି। ଆନନ୍ଦପୁରରେ ବୈତରଣୀ ନଦୀ ବିପଦ ସଙ୍କେତ ଅତିକ୍ରମ କରି ୩୮ ମିଟର ଉଚ୍ଚତାରେ ପ୍ରବାହିତ ହେଉଛି, ଯେଉଁଠାରେ ବିପଦ ସଙ୍କେତ ୩୭.୪୫ ମିଟର ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ନିରନ୍ତର ନଜରଦାରି କରାଯାଉଛି। ବାଲେଶ୍ୱର, ଭଦ୍ରକ ଓ ସୁନ୍ଦରଗଡ଼ ଜିଲ୍ଲାରେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ☞ପୃଷ୍ଠା-୨

## ନୀଳକନ୍ଦରରେ ନିଳାଦ୍ରିନାଥ
## ଭକ୍ତ ପାଇଲେ ନୀଳାଚଳ ଅବଢା



ପୁରୀ,୨୮/୭ : ନୀଳାଦ୍ରିନାଥ ରଥଯାତ୍ରା ଲୀଳାଖେଳା ସାରି ସୋମବାର ରାତିରେ ନୀଳକନ୍ଦରକୁ ଯାଇ ରତ୍ନସିଂହାସନରେ ବିରାଜମାନ କରିଛନ୍ତି । ଶ୍ରୀମନ୍ଦିର ପୁଣି ଲାଗିଲା ଗହଳିଚହଳି । ୧୨ ଦିନଧରି ରୋଷଘରେ ଅବଢା ପ୍ରସ୍ତୁତି ହୋଇନଥିଲା । ମଙ୍ଗଳବାର ମହାପ୍ରସାଦ ନୀଳାଚଳ ଅବଢା ଭାବେ ଭକ୍ତ ମାନେ ପାଇଛନ୍ତି । ଅପରାହ୍ନ ୨ଟା୫୦ରେ ରୋଷହୋମ, ୩ଟାରେ ବେଶ ଶେଷ, ୩ଟା୨୫ରେ ସୂର୍ଯ୍ୟପୂଜା, ୩ଟା୪୫ରେ ଦ୍ୱାରପାଳ ପୂଜା, ୪ଟାରେ ଗୋପାଳବଲ୍ଲଭ ପୂଜା, ୪ଟା୪୦ରେ ସକାଳଧୂପ ଡାକିଗଲେ, ୪ଟା ୫୫ରେ ସକାଳ ଧୂପ ଛେକ ଓ ଭୋଗ ମଣ୍ଡପ ଉଠିଥିଲା । ୫ଟାରେ ସକାଳଧୂପ ପୂଜା ଓ ୫ଟା୩୫ରେ ସକାଳଧୂପ ଟେରା ବନ୍ଧା ହୋଇଥିଲା । ଭକ୍ତ ପାଇଲେ ନୀଳାଚଳ ଅଭଢା। ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଦାରୁବ୍ରହ୍ମଙ୍କ ଦର୍ଶନ କରିଛନ୍ତି । ମଙ୍ଗଳବାର ଭକ୍ତମାନେ ନୀଳାଚଳ ଅବଢା ପାଇଛନ୍ତି । ସୋମବାର ନୀଳାଦ୍ରି ବିଜେ ପରେ ପ୍ରଥମ ଅଭଢା ବାହାରିଛି । ଶ୍ରୀମନ୍ଦିର ରୋଷଘର ବାର ଦିନ ଖାଲି ପଡିବା ପରେ ଚୁଲି ଗୁଡିକ ଶୁଦ୍ଧପୁତ ଭାବେ ନିର୍ମାଣ କରାଯାଇ ସୁପକାର ମାନେ ମହାପ୍ରସାଦ ପ୍ରସ୍ତୁତି କରିଥିଲେ । ଆଜି ଠାରୁ ଷାଠିଏ ପଉଟି ଭୋଗ ପ୍ରସ୍ତୁତି ଆରମ୍ଭ ହୋଇଛି । ଭକ୍ତ ମାନେ ଶ୍ରୀମନ୍ଦିର ଯାଇ ରତ୍ନବେଦିରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆନନ୍ଦ ବଜାରରେ ମହାପ୍ରସାଦ ☞ପୃଷ୍ଠା-୨

## ଇଣ୍ଡିଆନ୍ ଆଇଡଲ୍ ବିଜେତା ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



- ◆ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା
- ◆ ନୂଆ ପିଢ଼ିର କଣ୍ଠଶିଳ୍ପୀଙ୍କ ପାଇଁ ପ୍ରେରଣା ହେଉଛନ୍ତି ଜ୍ୟୋତିର୍ମୟୀ- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮/୦୭ : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷର ଇଣ୍ଡିଆନ୍ ଆଇଡଲ୍- ସିଜିନ୍ ୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ଆଜି ତାଙ୍କ ସରକାରୀ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥି ସହିତ ଜ୍ୟୋତିର୍ମୟୀଙ୍କ ଅସାଧାରଣ କୃତିତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ଜ୍ୟୋତିର୍ମୟୀ ଆଜି ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ପ୍ରଦର୍ଶନ କରିବା ସହିତ ଇଣ୍ଡିଆନ୍ ଆଇଡଲ୍'ର ସଫଳତା ପଛରେ ଥିବା ତାଙ୍କ କଠିନ ପରିଶ୍ରମ ଓ ଅଧ୍ୟବସାୟ ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀ ଜ୍ୟୋତିର୍ମୟୀଙ୍କ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନିଜର ଅସାଧାରଣ ପ୍ରତିଭା ଓ କଠିନ ସାଧନା ବଳରେ ଜାତୀୟ ସ୍ତରରେ ବିଜେତା ହୋଇ ରାଜ୍ୟ ପାଇଁ ସେ ଗୌରବ ଆଣିଛନ୍ତି ବୋଲି କହିଥିଲେ। ନୂଆ ପିଢ଼ିର କଣ୍ଠଶିଳ୍ପୀଙ୍କ ପାଇଁ ଜ୍ୟୋତିର୍ମୟୀ ଏକ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ।

ସୂଚନାଯୋଗ୍ୟ ଯେ, ଜ୍ୟୋତିର୍ମୟୀ ତାଙ୍କର ସଙ୍ଗୀତ ପ୍ରତିଭାକୁ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଉପଯୋଗ କରୁଛନ୍ତି। ରାଜ୍ୟର ଅନେକ କ୍ୟାନ୍ସର ହସ୍ପିଟାଲରେ ମ୍ୟୁଜିକ୍ ଥେରାପି ପ୍ରୟୋଗ କରି ସେମାନଙ୍କ କଷ୍ଟ ଲାଘବ କରିବାରେ ସହାୟତା କରିଛନ୍ତି। ତାଙ୍କର ଏହି ବିରଳ ପ୍ରତିଭା ଓ ସେବା ମନୋଭାବର ☞ପୃଷ୍ଠା-୨

## ବୃଦ୍ଧି ପାଉଛି ବଜେଟ୍ ବ୍ୟୟ



ଭୁବନେଶ୍ୱର, ୨୮/୦୭ : ରାଜ୍ୟରେ ବଜେଟ୍ ଖର୍ଚ୍ଚ ବୃଦ୍ଧି ପାଉଛି। ଚଳିତ ଆର୍ଥିକ ବର୍ଷର ଜୁନ୍ ସୁଦ୍ଧା ମୋଟ ଖର୍ଚ୍ଚ (ଋଣ ସେବା ଏବଂ ବିପର୍ଯ୍ୟୟ ପରିଚାଳନାକୁ ବାଦ ଦେଇ) ୪୪,୩୮୯ କୋଟି ଟଙ୍କା, ଯାହା ବଜେଟ୍ ର ୧୫.୭%। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ମୋଟ ବଜେଟ୍ ଖର୍ଚ୍ଚ ୩୮,୬୬୨ କୋଟି ଟଙ୍କା ଥିଲା, ଯାହା ବଜେଟ୍‌ର ୧୪.୮% ରହିଥିଲା। ପୂର୍ବ ବର୍ଷ ତୁଳନାରେ ଜୁନ୍ ୨୦୨୬ ଶେଷ ସୁଦ୍ଧା ମୋଟ ଖର୍ଚ୍ଚ ୧୪.୮% ବୃଦ୍ଧି ପାଇଛି। ବଜେଟ୍ ବ୍ୟବହାର ଗତ ବର୍ଷ ତୁଳନାରେ ୦.୯% ବଢିଛି। ଜୁନ୍ ୨୦୨୬ ଶେଷ ସୁଦ୍ଧା କାର୍ଯ୍ୟକ୍ରମ ଖର୍ଚ୍ଚ ୨୬,୪୩୭ କୋଟି ଟଙ୍କା, ଯାହା ବଜେଟ୍ ର ୧୪.୧%। ☞ପୃଷ୍ଠା-୨

## ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ନାମରେ ନାମିତ ହେଲା ଫୁଲବାଣୀର ମେଡିକାଲ କଲେଜ



- ◆ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ବିଂଚି ନାରାୟଣ ତ୍ରିପାଠୀ
- ◆ ଫାଇଲ୍ ଚୋରି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶକୁ ସ୍ୱାଗତ

ଭୁବନେଶ୍ୱର, ତା. ୨୮/୦୭: କନ୍ଧମାଳରେ ଜିଲାର ଫୁଲବାଣୀଠାରେ ପ୍ରତିଷ୍ଠିତ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ନାମିତ କରିବା, ତାଙ୍କ ସ୍ମୃତିକୁ ଅଧିକ ଉଜାଗର କରିବା ପାଇଁ ତାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା କନ୍ୟାଶ୍ରମକୁ ୧୩ କୋଟି ଟଙ୍କାର ସହାୟତା ଘୋଷଣା ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ରୁ ସ୍ୱାମୀଜୀଙ୍କ ହତ୍ୟାକାଣ୍ଡର ଫାଇଲ୍ ଚୋରି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟସରକାରଙ୍କୁ ଓଡ଼ିଶାବାସୀ ତଥା ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିଂଚି ନାରାୟଣ ତ୍ରିପାଠୀ ଧନ୍ୟବାଦ ଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରେସ୍ ବାର୍ତାରେ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଉପାନ୍ତ ଅଂଚଳ ଭାବେ ପରିଚିତ କନ୍ଧମାଳ ଜିଲ୍ଲାର ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପାଇଁ ନିରନ୍ତର କାର୍ଯ୍ୟ କରୁଥିଲେ। ଏହି ସମ୍ପ୍ରଦାୟର ବିକାଶ ଓ ଉନ୍ନତି ପାଇଁ ସେମାନଙ୍କ ଭିତରେ ଶିକ୍ଷାର ପ୍ରସାର କରାଇବା ପାଇଁ ସ୍ୱାମୀଜୀ ନିରନ୍ତର ପ୍ରୟାସ କରୁଥିଲେ। ଉକ୍ତ ଅଂଚଳରେ ଥିବା କୁସଂସ୍କାର ଦୂରକରି ନିଶା ନିବାରଣ କରାଇବା, ପିଲାମାନଙ୍କୁ ବିଶେଷକରି ଜନଜାତି ବର୍ଗର ଝିଅମାନଙ୍କୁ ସଂସ୍କୃତ ପାଠ ପଢ଼ାଇବା, ସସଙ୍ଗ କରାଇବା, ସେମାନଙ୍କୁ ଭାରତୀୟ ସଂସ୍କୃତି ଆଧାରିତ ସଂକୀର୍ତନ କରାଇବା, ☞ପୃଷ୍ଠା-୨

## ଶୃଙ୍ଖଳିତ ରଥଯାତ୍ରା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଲେ ଆଇନ ମନ୍ତ୍ରୀ



ପୁରୀ, ୨୮/୦୭ : ଚଳିତ ବର୍ଷ ପବିତ୍ର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଛି। ସେଥିପାଇଁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ରଥଯାତ୍ରା ଶୃଙ୍ଖଳିତ ହୋଇଛି । ସେବାୟତ ବୃନ୍ଦ ନିର୍ଦ୍ଧାରିତ ସମୟରେ ନୀତିକାନ୍ତି କରିଛନ୍ତି। ପ୍ରତିକୂଳ ପାଗ ସତ୍ତ୍ୱେ ସମସ୍ତ ପୋଲିସ ପ୍ରଶାସନ, ସ୍ୱାସ୍ଥ୍ୟ କର୍ମୀ, ବିଦ୍ୟୁତ କର୍ମଚାରୀ, ସ୍ୱେଚ୍ଛାସେବୀ ମହାପ୍ରଭୁଙ୍କ ରଥଯାତ୍ରାରେ ନିଜର ସେବା ଯୋଗାଇଛନ୍ତି । ସେହିପରି ଭାରତ ଏବଂ ଭାରତ ବାହାରୁ ଆସିଥିବା ସମସ୍ତ ଭକ୍ତ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନରେ ସାମିଲ ହୋଇଥିବାରୁ ଆଇନ ମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେହିପରି ସାରା ବିଶ୍ୱରେ ମହାପ୍ରଭୁ ତାଙ୍କର କୃପା ବର୍ଷାନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି ଆଇନ ମନ୍ତ୍ରୀ ।



AKHYARA ODISHA | ଓଡ଼ିଶା

## ବ୍ୟଙ୍ଗ ବିଚାର

### ଡ.ଗିରୀଶ ରଂଜନ

ଦିନରାତି ଖାଲି ବରଷା ଛେଚୁଚି
ଅଧା ଓଡ଼ିଶାରେ ପାଣି
ସରକାର ଖାଲି ସମୀକ୍ଷା କରନ୍ତି
ଦେଖାନ୍ତି ତାଙ୍କର ଠାଣି
ବିରୋଧି ଛାଡ଼ନ୍ତି ବାଣୀ
ବନ୍ୟା ନିୟନ୍ତ୍ରଣ ସମ୍ପୂର୍ଣ୍ଣ ବିଫଳ
ମିଳୁନି ରିଲିଫ ମୁଣି

## ବିଜ୍ଞାନ ଓ ନବସୃଜନରେ ନୂଆ ଦିଗ

# 'ବିକଶିତ ଓଡ଼ିଶା-୨୦୩୬' ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



### ବିଜ୍ଞାନଭିତ୍ତିକ ଓଡ଼ିଶା ଗଠନ ଦିଗରେ ମୋହନ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଭୁବନେଶ୍ୱର, ୨୮/୦୭ : ବିଜ୍ଞାନ ଓ ପ୍ରଯୁକ୍ତିର ଶକ୍ତିକୁ ଆଧାର କରି ଓଡ଼ିଶାକୁ ନବସୃଜନର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ଦିଗରେ ମୋହନ ସରକାର ଆଉ ଏକ ଦୃଢ଼ ପଦକ୍ଷେପ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅଧକ୍ଷତା କରି ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ଯୋଜନା ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ସବିଶେଷ ସମୀକ୍ଷା କରିଛନ୍ତି। 'ବିକଶିତ ଓଡ଼ିଶା-୨୦୩୬'ର ସ୍ୱପ୍ନକୁ ସାକାର କରିବା ପାଇଁ ବିଜ୍ଞାନ, ଗବେଷଣା ଓ ନବସୃଜନକୁ ଅଧିକ ଗତିଶୀଳ କରିବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ବୈଠକରେ ମତ ପ୍ରକାଶ କରିଥିଲେ। ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବର ବିକାଶ, ଗବେଷଣା କାର୍ଯ୍ୟକୁ ପ୍ରୋତ୍ସାହନ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିର ବ୍ୟାପକ ପ୍ରୟୋଗ ମାଧ୍ୟମରେ ସୁଶାସନକୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଭୁବନେଶ୍ୱରରେ ପ୍ରସ୍ତାବିତ ସାଇନ୍ସ ସିଟି ପ୍ରକଳ୍ପର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା ହୋଇଥିଲା। ଏହା ସହ ପଠାଣୀ ସାମନ୍ତ ☞ପୃଷ୍ଠା-୨

## ଗଗନଯାନର ସ୍ୱପ୍ନକୁ ଡେଣା ଦେବ 'ୟାଟ୍‌ସ'

- ◆ ଓଡ଼ିଶାରୁ ବାହାରିବେ ଭାରତର ପରବର୍ତ୍ତୀ ମହାକାଶଚାରୀ: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର
- ◆ ୩୦ ଜିଲ୍ଲାର ୨୭୦ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ମହାକାଶ ବିଜ୍ଞାନର ସୁବର୍ଣ୍ଣ ସୁଯୋଗ

ଭୁବନେଶ୍ୱର, ୨୮/୦୭ : ଓଡ଼ିଶାର ଯୁବପିଢ଼ିଙ୍କ ମନରେ ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ଗବେଷଣା ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ଲୋକସେବା ଭବନସ୍ଥିତ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ କାର୍ଯ୍ୟାଳୟରେ 'ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ-୨୦୨୬'ର ଆନୁଷ୍ଠାନିକ ଶୁଭାରମ୍ଭ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ☞ପୃଷ୍ଠା-୨





ବୁଧବାର ୨୯।୦୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପ୍ରବଳ ବର୍ଷା ଯୋଗୁଁ...

ମୟୂରଭଞ୍ଜ, କେନ୍ଦୁଝର ଏବଂ ସମ୍ବଲପୁର ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲକୁ ବନ୍ଦ ରଖାଯାଇଛି। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସ୍ଥିତିର ସମୀକ୍ଷା କରିଛନ୍ତି। ସୁନ୍ଦରଗଡ଼, ବାଲେଶ୍ୱର ଓ ଭଦ୍ରକର ବିପଦସଙ୍କୁଳ ଅଞ୍ଚଳରେ ODRAF, NDRF ଏବଂ ଅଗ୍ନିଶମ ବାହିନୀ ମୁତୟନ କରାଯାଇ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଆଗାମୀ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଦେଇଛି।

### ଓଡ଼ିଶାରେ ବନ୍ୟା ସ୍ଥିତି...

ଟିମ୍ ମୁତୟନ କରାଯାଇଛି। ବନ୍ୟାପ୍ରବଣ ଅଞ୍ଚଳରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା, ରନ୍ଧା ଖାଦ୍ୟ ବଣ୍ଟନ ଓ ଅନ୍ୟାନ୍ୟ ରିଲିଫ୍ କାର୍ଯ୍ୟ ଆରମ୍ଭ ହୋଇସାରିଛି। ରାଜସ୍ୱ ମନ୍ତ୍ରୀ ପୁଣିଥରେ ସ୍ପଷ୍ଟ କରିଛନ୍ତି ଯେ, ପରିସ୍ଥିତିକୁ ସରକାର ନିରନ୍ତର ସମୀକ୍ଷା କରୁଛନ୍ତି ଏବଂ ବର୍ତ୍ତମାନ ସୁଦ୍ଧା ଭୟଭୀତ ହେବାର କୌଣସି କାରଣ ନାହିଁ। ସମସ୍ତ ବିଭାଗ ପରସ୍ପର ସମନ୍ୱୟରେ କାର୍ଯ୍ୟ କରୁଥିବାରୁ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ କହିଛନ୍ତି।

### ଭକ୍ତ ପାଇଲେ ନୀଳାଚଳ...

ସେବନ କରିଛନ୍ତି । ସାଧାଅନ୍ନ, ମିଠାଅନ୍ନ, ଘିଅଅନ୍ନ,ଖେଚୁଡି କାନିକା, ସାଧାଡାଲି, ମିଠାଡାଲି, ଡାଲେମା ,ମସଲା ଡାଲେମା, ବେସର, ମହୁର, କଦଳୀ ,ଶାଗ ଭଜା, ପୋଟଳ ତରକାରୀ , ଫାଳସୋଲା ତରକାରୀ , ଗଜାମୁଗ ତରକାରୀ,ସନ୍ତୁଳା, ଜହ୍ନି ରାଇତା ଆଦି ମହାପ୍ରସାଦ ସେବନ କରି ଭକ୍ତ ତୃପ୍ତ । ପ୍ରଥମ ଅଭଡା ପାଇବା ପାଇଁ ଶ୍ରୀକ୍ଷେତ୍ର ବାସୀଙ୍କ ନାହିଁ ନଥିବା ଭିଡ ଲାଗିଥିବା ପରିଲିକ୍ଷିତ ହୋଇଛି । ମହାପ୍ରସାଦ ବାହକକାରୀ ମାନେ ବେତାରେ ନୀଳାଚଳ ଅଭଡା ଧରି ଉତ୍ତର ଦ୍ୱାର ଦକ୍ଷିଣ ଦ୍ୱାର ଦେଇ ବାହାରୁଥିବା ଦେଖିବାକୁ ମିଳିଥିଲା । ଅଭଡା ନେବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିବା ଦେଖିବାକୁ ମିଳିଥିଲା । ଅଭଡା ସେବନ କରି ଆତ୍ମତୃପ୍ତି ପାଇଛନ୍ତି ଭକ୍ତ । ଭକ୍ତମାନେ ଘରକୁ ଅଭଡା ନେଉଥିବା ଦେଖିବାକୁ ମିଳିଛି ।

### ଇଣ୍ଡିଆନ୍ ଆଇଡଲ୍ ବିଜେତା...

ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ସାରା ରାଜ୍ୟ ତଥା ଦେଶର ଏକ 'ଯୁବ ଆଇକନ୍'। ସଙ୍ଗୀତକୁ ରୋଗୀଙ୍କ ସେବା କ୍ଷେତ୍ରରେ ବ୍ୟବହାର କରିବାର ଏହି ଉଦ୍ୟମ ଆଗାମୀ ଦିନରେ ଏକ ନୂଆ ଟ୍ରେଣ୍ଡ୍ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଜ୍ୟୋତିର୍ମୟୀଙ୍କ ଭଳି ଯୁବ ପ୍ରତିଭାଙ୍କ ନିଷ୍ଠା ଓ ଉଦ୍ୟମ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାର୍ଥକ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜ୍ୟୋତିର୍ମୟୀଙ୍କ ଏହି ଯାତ୍ରାରେ ରାଜ୍ୟବାସୀ ବିପୁଳ ଉତ୍ସାହର ସହ ସମର୍ଥନ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଜାତୀୟ ସ୍ତରର କୃତିତ୍ୱ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ସ୍ମରଣୀୟ ଅଧ୍ୟାୟ ଏବଂ ଏହା ଓଡିଶାର କଳା ପ୍ରତିଭାକୁ ଜାତୀୟ ସ୍ତରରେ ଆହୁରି ଉଜ୍ଜ୍ୱଳ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଜ୍ୟୋତିର୍ମୟୀଙ୍କ ପିତା ଚକ୍ରଧର ନାୟକ ଓ ମାତା ଗୌରୀ ନାୟକ ଉପସ୍ଥିତ ଥିଲେ।

### ବୃଦ୍ଧି ପାଉଛି ବଜେଟ୍...

ଜୁନ୍ ୨୦୨୫ ସୁଦ୍ଧା ଏହା ୨୧,୫୦୩ କୋଟି ଟଙ୍କା ଥିଲା, ଯାହା ବଜେଟ୍ ର ୧୨.୩%। ଗତ ବର୍ଷ ତୁଳନାରେ ୨୦୨୬ ଜୁନ୍ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଅବଧିରେ କାର୍ଯ୍ୟକ୍ରମ ଖର୍ଚ୍ଚ ୨୨.୯% ବୃଦ୍ଧି ପାଇଛି, ତଥାପି ବଜେଟ୍ ବ୍ୟବହାର ମାତ୍ର ୧.୮% ବୃଦ୍ଧି ପାଇଛି । ୨୦୨୬ ଜୁନ୍ ଶେଷ ସୁଦ୍ଧା ବ୍ୟୟ ୧୭,୯୫୩ କୋଟି ଟଙ୍କା, ଯାହା ବଜେଟ୍ ର ୧୮.୮%। ୨୦୨୫ ଜୁନ୍ ଶେଷ ସୁଦ୍ଧା ଏହା ୧୭,୧୫୯ କୋଟି ଟଙ୍କା ଥିଲା, ଯାହା ବଜେଟ୍‌ର ୧୯.୬%। ୨୦୨୬ ଜୁନ୍ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଅବଧିରେ ଖର୍ଚ୍ଚ ଗତ ବର୍ଷ ତୁଳନାରେ ୪.୬% ବୃଦ୍ଧି ପାଇଛି। ବଜେଟ୍ ବ୍ୟବହାର ୦.୮% ହ୍ରାସ ପାଇଛି। ରାଜ୍ୟ ସରକାର ବଜେଟରେ ବରାଦ ଅର୍ଥ ଖର୍ଚ୍ଚ ନେଇ ସମସ୍ତ ବିଭାଗଗୁଡିକୁ ଦାଗିଦା କରିଛନ୍ତି। ବିଶେଷକରି ଭିତ୍ତିଭୂମି ବିକାଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସାମାଜିକ କ୍ଷେତ୍ର ପାଇଁ ବରାଦ ହୋଇଥିବା ଅର୍ଥ ଯେଭଳି ଅଧିକରୁ ଅଧିକ ପରିମାଣରେ ଖର୍ଚ୍ଚ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି । ରାଜ୍ୟ ସରକାର ଆସନ୍ତାବର୍ଷ ପ୍ରାରମ୍ଭରେ ପଞ୍ଚାୟତ ନିର୍ବାଚନ ଓ ପରେ ପରେ ପୌର ନିର୍ବାଚନକୁ ଯିବାକୁ ପ୍ରସ୍ତୁତ ହେଉଥିବାବେଳେ ଚଳିତବର୍ଷର ବଜେଟ୍ ଅର୍ଥ ବ୍ୟୟ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। କାରଣ ସାମାଜିକ କ୍ଷେତ୍ରରେ ବ୍ୟୟ ଅର୍ଥର ପ୍ରଭାବ ସାଧାରଣ ଭୋଟରଙ୍କୁ ପ୍ରଭାବିତ କରିବ । ତେଣୁ ପଞ୍ଚାୟତିରାଜ ଓ ପାନୀୟଜଳ, ଏମଏସଏମଇ, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଯେଭଳି ଅଧିକରୁ ଅଧିକ ବଜେଟ୍ ଅର୍ଥ ବ୍ୟୟ କରିବେ ତାହା ଉପରେ ସରକାର ନଜର ରଖିଛନ୍ତି।

### ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ନାମରେ...

ସେମାନଙ୍କ ଆର୍ଥିକ ବିକାଶ କରିବା ପାଇଁ ସ୍ୱାମୀଜୀ ଉତ୍ସର୍ଗୀକୃତ ମନୋଭାବ ନେଇ ସାଧନାରେ ପ୍ରବୃତ୍ତ ଥିଲେ। ମାତ୍ର ଉକ୍ତ ଅଂଚଳର ଯେଉଁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଓ ସଂସ୍ଥା ଧର୍ମାନ୍ତୀକରଣ କାର୍ଯ୍ୟ କରୁଥିଲେ, ସେମାନେ ସ୍ୱାମୀଜୀଙ୍କ ଏହି କାର୍ଯ୍ୟକୁ ଘୋର ବିରୋଧ କରୁଥିଲେ । ସେହି କାରଣରୁ ଧର୍ମାନ୍ତୀକରଣ କରୁଥିବା ବ୍ୟକ୍ତି ଓ ସଂସ୍ଥାଗୁ ?କର ଆକ୍ରୋଶର ଶୀକାର ହୋଇଥିଲେ ସ୍ୱାମୀଜୀ । ବାରମ୍ବାର ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା । ଏହାସତ୍ତ୍ୱେ ତତ୍କାଳୀନ ରାଜ୍ୟ ସରକାରଙ୍କ ତରଫରୁ ସ୍ୱାମୀଜୀଙ୍କୁ ଯେଉଁ ପ୍ରକାର ସୁରକ୍ଷା ଦିଆଯିବା କଥା ସେପରି ଦିଆଯାଇ ନ ଥିଲା । ଶେଷରେ ୨୦୦୮ ଅଗଷ୍ଟ ୨୩ ତାରିଖରେ ପବିତ୍ର ଜନ୍ମାଷ୍ଟମୀରେ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ଜଳେଶପଟ୍ଟା ଆଶ୍ରମରେ ଉତ୍ସବ ପାଳନ କରାଯାଉଥିବା ବେଳେ ଅଜ୍ଞାତ ବନ୍ଧୁକଧାରୀମାନେ ଅତ୍ୟନ୍ତ ନିର୍ମମ ଭାବେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସହ ଅନ୍ୟ ୪ ଜଣ ସାଧୁ ଓ ସାଧ୍ୱୀ ଯଥା ମାତା ଭକ୍ତିମୟୀ, ବାବା ଅମୃତାନନ୍ଦ, କିଶୋର ବାବା ଓ ପୁରଞ୍ଜନ ନାୟକଙ୍କୁ ହତ୍ୟା କରିଥିଲେ । ହତ୍ୟା ପରବର୍ତ୍ତୀ ଅବସ୍ଥାରେ କନ୍ଧମାଳ ଜିଲ୍ଲାରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା । ତତ୍କାଳୀନ ସରକାର ଓଡ଼ିଶାବାସୀଙ୍କ ଜନମତ ଚାପରେ ଆସି ପ୍ରଥମେ ଜଷ୍ଟିସ ଶରତ ମହାପାତ୍ରଙ୍କ ନେତୃତ୍ୱରେ କମିଶନ ବସାଇଥିଲେ । ଜଷ୍ଟିସ ଶରତ ମହାପାତ୍ରଙ୍କ ମୃତ୍ୟୁ ପରେ ଉକ୍ତ କମିଶନଙ୍କ କାର୍ଯ୍ୟକୁ ଜଷ୍ଟିସ୍ ଏ.ଏସ୍.ନାଇଡୁଙ୍କୁ ଅର୍ପଣ କରାଯାଇଥିଲା। ୨୦୧୬ ସେପ୍ଟେମ୍ବର ୧୬ରେ ଏହି କମିଶନ ତତ୍କାଳୀନ ରାଜ୍ୟ ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟକୁ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ୮ ବର୍ଷ ଧରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ । ତଦନ୍ତ ରିପୋର୍ଟ ଆଧାରରେ ଯେଉଁମାନେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଛନ୍ତି ବା କେଉଁ କାରଣରୁ ଏହି ହତ୍ୟାକାଣ୍ଡ ହୋଇଛି ତାହା ମଧ୍ୟ ସାର୍ବଜନୀନ କରାଯାଇ ନଥିଲା । ବିରୋଧୀ ଦଳରେ ଥିଲାବେଳେ ବିଜେପି ଏନେଇ ବିଭିନ୍ନ ସମୟରେ ପ୍ରଶ୍ନ ଉଠାଇଥିଲା । ଏହି ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରିବା ପାଇଁ ଦଳ ପକ୍ଷରୁ ବାରମ୍ବାର ଦାବି କରାଯାଇଥିଲା । ମାତ୍ର ତତ୍କାଳୀନ ସରକାର ସେଥିପ୍ରତି ଗୁରୁତ୍ୱ ଦେଇ ନଥିଲେ । ୨୦୨୪ ଜୁନ୍‌ରେ ବିଜେପି ଓଡ଼ିଶାରେ କ୍ଷମତାକୁ ଆସିବା ପରେ ଏହି ଫାଇଲକୁ ସାର୍ବଜନୀନ କରିବା ପାଇଁ ଚେଷ୍ଟା କରିଥିଲା । ଏହାର ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟର ସବୁଠାରୁ ବୃହତ୍ ଓ ବିଶ୍ୱାସନୀୟ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚକୁ ଫାଇଲ୍ ଚୋରି ମାମଲା ହସ୍ତାନ୍ତର କରିଛନ୍ତି । କ୍ରାଇମବ୍ରାଂଚ ଏହାର ତଦନ୍ତ ଅତ୍ୟନ୍ତ ଗୁରୁତ୍ୱ ଓ ନିଷ୍ଠାର ସହ କରିବ ବୋଲି ଆଶା କରାଯାଉଛି । ସେ ଦୃଷ୍ଟିରୁ ବିଜେପି ପକ୍ଷରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦିଆଯାଉଛି। ଅପରପକ୍ଷେ ଦୀର୍ଘଦିନ ଧରି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ କନ୍ଧମାଳ ଜିଲ୍ଲାରେ ସେବା କାର୍ଯ୍ୟ କରୁଥିଲେ । ସେହି ସେବା କାର୍ଯ୍ୟକୁ ଓଡ଼ିଶା ସରକାର ଆଜି ସ୍ୱିକୃତୀ ପ୍ରଦାନ କରିଛନ୍ତି। କନ୍ଧମାଳର ଫୁଲବାଣୀଠାରେ ନୂତନଭାବେ ପ୍ରତିଷ୍ଠା ହୋଇଥିବା ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ନାମକରଣ କରିବା ପାଇଁ ସରକାର ନିଷ୍ପତି ନେଇସାରିଛନ୍ତି । ଏନେଇ ଦଳ ପକ୍ଷରୁ ରାଜ୍ୟ ସରକାରଙ୍କୁ ଯେତେ ଧନ୍ୟବାଦ ଦେଲେ ତାହା କମ୍ ହେବ । ଏଥିସହ ଜଳେଶପଟ୍ଟାଠାରେ ଯେଉଁଠାରେ ସ୍ୱାମୀଜୀଙ୍କ ଦେହାନ୍ତ ହୋଇଥିଲା, ସେଠାରେ ଏବେ ଏକ କନ୍ୟାଶ୍ରମ ଚାଲିଛି । ଉକ୍ତ କନ୍ୟା ଆଶ୍ରମରେ ଅଧିକାଂଶ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଝିଅମାନେ ରହି ପାଠ ପଢ଼ିବା ସହ ସଂସ୍କୃତ ଅଧ୍ୟୟନ କରୁଛନ୍ତି । ତାହାର ଉନ୍ନତି ପାଇଁ ଓ ସ୍ୱାମୀଜୀଙ୍କ ସ୍ମୃତିକୁ ଅଧିକ ଉଜ୍ଜୀବିତ କରିବା ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୧୩ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି । ଯେଉଁଥିରେ ଉକ୍ତ ଅଂଚଳର ୩୦୦ ଶହ ଛାତ୍ରୀ ରହିବା ପାଇଁ ଏକ ଛାତ୍ରୀ ନିବାସଠାରୁ ଆରମ୍ଭ କରି ଏକ ପାଚେରୀ ନିର୍ମାଣ କରିବାକୁ ବ୍ୟବସ୍ଥା କରାଯାଇଛି । ଏହାଛଡ଼ା ପାଖରେ ଥିବା ନଦୀରୁ ଜଳ ଆଣି ଉକ୍ତ ଅଂଚଳର ବିକାଶ କରିବା ପାଇଁ ମଧ୍ୟ ଯୋଜନା କରାଯାଇଛି । ଜନଜାତି ଝିଅମାନଙ୍କ ଉନ୍ନତି ପାଇଁ ସ୍ୱାମୀଜୀ ଯେଉଁ ପ୍ରଚେଷ୍ଟା ଆରମ୍ଭ କରିଥିଲେ, ତାହାର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ସହଯୋଗର ହାତ ବଢ଼ାଇଥିବାରୁ ଓଡ଼ିଶା ସରକାରଙ୍କୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଧନ୍ୟବାଦ ଦିଆଯିବା ସହ କୃତଜ୍ଞତା ଜ୍ଞାପନ କରାଯାଉଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଏହି ପ୍ରେସ୍ ବାର୍ତାରେ ରାଜ୍ୟ ଉପସଭାପତି ଶ୍ରୀ ଅଶୋକ ମିଶ୍ର ଓ ରାଜ୍ୟ ପ୍ରବକ୍ତା ଶ୍ରୀ ହିତେଶ ମହାପାତ୍ର ଉପସ୍ଥିତ ଥିଲେ ।

### 'ବିକଶିତ ଓଡ଼ିଶା-୨୦୩୬' ପାଇଁ...

ପ୍ଲାନେଟାରିୟମ୍ ଏବଂ ଖଣ୍ଡପଡ଼ା ପ୍ଲାନେଟାରିୟମ୍‌ର କାର୍ଯ୍ୟକ୍ରମ ଓ ଭିତ୍ତିଭୂମି ବିକାଶ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲୁଥିବା ଏବଂ ପ୍ରସ୍ତାବିତ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍‌ଗୁଡ଼ିକର ସ୍ଥିତି ଏବଂ ଅଗ୍ରଗତି ନେଇ ମଧ୍ୟ ଅଧିକାରୀମାନେ ଉପସ୍ଥାପନା କରିଥିଲେ। ନବସୃଜନ ଓ ଉନ୍ନତ ପ୍ରଯୁକ୍ତିକୁ ଅଧିକ ଗତିଶୀଳ କରିବା ଦିଗରେ ଓଡ଼ିଶା ଇନୋଭେସନ୍ ମିଶନ୍ ଏବଂ ଓଡ଼ିଶା ଡ୍ରୋନ୍ ମିଶନ୍‌ର ଅଗ୍ରଗତି ମଧ୍ୟ ବୈଠକର ଅନ୍ୟତମ ପ୍ରମୁଖ ଆଲୋଚ୍ୟ ବିଷୟ ଥିଲା। ଡ୍ରୋନ୍ ପ୍ରଯୁକ୍ତି, କୃତ୍ରିମ ବୁଦ୍ଧିମତ୍ତା, ଭୌଗୋଳିକ ସୂଚନା ପ୍ରଣାଳୀ ଏବଂ ଅନ୍ୟାନ୍ୟ ଆଧୁନିକ ପ୍ରଯୁକ୍ତିକୁ ଶାସନ ବ୍ୟବସ୍ଥା ଓ ଯୁବପିଢ଼ିଙ୍କ ଦକ୍ଷତା ବିକାଶ ସହ ଯୋଡ଼ିବା ପାଇଁ ସରକାରଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଯୋଜନା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଗବେଷଣା ଓ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ପାଇଁ ବାୟୋଟେକ୍ନୋଲୋଜି ପାର୍କ ଏବଂ ବାୟୋଟେକ୍ନୋଲୋଜି ଅନୁଦାନ ଯୋଜନାର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ସେହିପରି, ପ୍ରସ୍ତାବିତ ବିଜ୍ଞାନ ଭବନ ପ୍ରତିଷ୍ଠା, ବିଭାଗୀୟ ବଜେଟ୍ ବ୍ୟବହାର ଏବଂ ଅନ୍ୟାନ୍ୟ ଚାଲୁଥିବା ପ୍ରକଳ୍ପର ସ୍ଥିତି ଉପରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଉଚ୍ଚସ୍ତରୀୟ ବୈଠକରେ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍, ଅତିରିକ୍ତ ସଚିବ, ଯୁଗ୍ମ ସଚିବ, ଉପସଚିବ, ଆର୍ଥିକ ପରାମର୍ଶଦାତା ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟରେ ବିଜ୍ଞାନ, ଗବେଷଣା ଓ ପ୍ରଯୁକ୍ତିଭିତ୍ତିକ ଉନ୍ନୟନକୁ ନୂଆ ଗତି ଦେବା ସହିତ ଯୁବପିଢ଼ିଙ୍କୁ ନବସୃଜନ ଦିଗରେ ପ୍ରେରିତ କରିବା ଲକ୍ଷ୍ୟରେ ମୋହନ ସରକାରଙ୍କ ଏହି ପଦକ୍ଷେପ ଆଗାମୀ ଦିନରେ ଓଡ଼ିଶାକୁ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠିତ କରିବ ବୋଲି ଆଶା କରାଯାଉଛି।

### ଗଗନଯାନର ସ୍ୱପ୍ନକୁ...

ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ କରକମଳରେ ସମ୍ପନ୍ନ ହୋଇଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ, ''ଭାରତ ଆଜି ମହାକାଶ ଗବେଷଣାରେ ବିଶ୍ୱରେ ନୂଆ କୀର୍ତ୍ତିମାନ ସ୍ଥାପନ କରୁଛି। 'ଗଗନଯାନ' ପରି ଆକାଂକ୍ଷୀ ଅଭିଯାନରେ ଆଗାମୀ ଦିନରେ ଓଡ଼ିଶାର ଯୁବପିଢ଼ି ମଧ୍ୟ ଅଗ୍ରଣୀ ଭୂମିକା ନେବେ। 'ଯାତ୍ସ' କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଭବିଷ୍ୟତର ବୈଜ୍ଞାନିକ ଓ ମହାକାଶଚାରୀ ସୃଷ୍ଟିର ଏକ ସଶକ୍ତ ମଞ୍ଚ।'' ଓଡ଼ିଶାର ପ୍ରଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ମହାମହୋପାଧ୍ୟାୟ ପଠାଣି ସାମନ୍ତଙ୍କ ସ୍ମୃତିରେ ୨୦୦୭ ମସିହାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଚଳିତ ବର୍ଷ ୨୦ତମ ସଂସ୍କରଣରେ ପଦାର୍ପଣ କରିଛି। ଟାଟା ଷ୍ଟିଲ୍ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନସ୍ଥ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ମିଳିତ ସହଯୋଗରେ ଏହା ଆୟୋଜିତ ହେଉଛି। ଚଳିତ ବର୍ଷ ଏହି ପ୍ରତିଯୋଗିତା ରାଜ୍ୟର ୩୦ଟି ଜିଲ୍ଲାର ୨୭୦ଟି ବିଦ୍ୟାଳୟକୁ ଆଚ୍ଛାଦିତ କରିବ। ପ୍ରତି ଜିଲ୍ଲାରୁ ଦୁଇଜଣ ଶ୍ରେଷ୍ଠ ପ୍ରତିଯୋଗୀ ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହେବେ ଏବଂ ଶେଷରେ ୩୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଇସ୍ରୋର ଏକ ମହାକାଶ କେନ୍ଦ୍ର ପରିଦର୍ଶନର ସୁଯୋଗ ମିଳିବ। ଏପର୍ଯ୍ୟନ୍ତ ୫.୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବାବେଳେ ୨୬୦ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀ ଇସ୍ରୋ କେନ୍ଦ୍ର ପରିଦର୍ଶନର ଅବିସ୍ମରଣୀୟ ସୁଯୋଗ ପାଇଛନ୍ତି। ଗତ ସଂସ୍କରଣର ବିଜେତାମାନେ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟର ପରିଦର୍ଶନ କରି ମହାକାଶ ବିଜ୍ଞାନର ବ୍ୟବହାରିକ ଅନୁଭୂତି ଲାଭ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍, ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଓ ଟାଟା ଷ୍ଟିଲ୍‌ର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଜ୍ଞାନ ପ୍ରତି ଆଗ୍ରହ, ନବସୃଜନ ପ୍ରତି ଉତ୍ସାହ ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ଓଡ଼ିଶାର ଯୁବ ପ୍ରତିଭାଙ୍କୁ ବିଶ୍ୱସ୍ତରୀୟ ସୁଯୋଗ ସହ ଯୋଡ଼ିବାରେ 'ଯାତ୍ସ' ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତ ପ୍ରକାଶ ପାଇଛି।

---

**ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିଶନରଙ୍କ ନୂଆପଡ଼ା ଗସ୍ତ**

## ବିକାଶ ପ୍ରକଳ୍ପ ଓ ପ୍ରଶାସନିକ କାର୍ଯ୍ୟର ସମୀକ୍ଷା

ନୂଆପଡ଼ା, ୨୮/୦୭( ଅକ୍ଷର ଓଡିଶା ) ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିଶନର-ତଥା-ପ୍ରମୁଖ ଶାସନ ସଚିବ ଏବଂ ନୂଆପଡ଼ା ଜିଲ୍ଲାର ରାଜ୍ୟ ନୋଡ଼ାଲ ଅଧିକାରୀ ପ୍ରେମ ଚନ୍ଦ୍ର ଚୌଧରୀଙ୍କ ଦୁଇଦିନିଆ ନୂଆପଡ଼ା ଗସ୍ତ ଅବସରରେ ସ୍ଥାନୀୟ ସଦ୍ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ବିକାଶମୂଳକ କାର୍ଯ୍ୟ, ପ୍ରଶାସନିକ ପଦକ୍ଷେପ, ଅଭିନବ ପଦକ୍ଷେପ, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା ଅଭିଯାନ ଏବଂ 'ମିଶନ ନୂଆପଡ଼ାଫ୍ରମ୍ ଡ୍ରିମ୍ ଟୁ ରିଆଲିଟି' ଅଧୀନରେ ଚିହ୍ନଟ ୨୫ଟି ଡ୍ରିମ୍ ପ୍ରକଳ୍ପର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।




**ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା ଅଭିଯାନ ଓ ବିଭିନ୍ନ ଅଭିନବ ପଦକ୍ଷେପର ପ୍ରଶଂସା**

ସମୀକ୍ଷା ବେଳେ ଶ୍ରୀ ଚୌଧରୀ କହିଥିଲେ ଯେ, ନୂଆପଡ଼ାର ସାମଗ୍ରିକ ଓ ଦୀର୍ଘମିଆଦି ବିକାଶ ପାଇଁ ପ୍ରସ୍ତୁତ ୨୫ଟି ଡ୍ରିମ୍ ପ୍ରକଳ୍ପ ଜିଲ୍ଲାର ବିକାଶର ନୂତନ ଦିଗ ନିର୍ଦ୍ଧାରଣ କରିବ। ବ୍ରିଜିଂ ନୂଆପଡ଼ା, ସାଲିହା ଗାନ୍ଧୀ ସ୍ମୃତିସ୍ଥଳୀର ବିକାଶ, ଖଡ଼ିଆର ଋଷିପୀଠ ଓ ପାରିପାର୍ଶ୍ୱିକ ଅଞ୍ଚଳର ପର୍ଯ୍ୟଟନ ବିକାଶ, ନୂଆପଡ଼ା ପ୍ଲାଷ୍ଟିକ୍ ପ୍ୟାଲେଟାଇଜେସନ୍ ପ୍ରକଳ୍ପ ଏବଂ ଖଡ଼ିଆର କଟନ୍ ଜିନିଂ ଆଣ୍ଡ ପ୍ରେସିଂ ମିଲ୍ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ପାଇଁ ବୈଜ୍ଞାନିକ ଦୃଷ୍ଟିକୋଣରେ ବିସ୍ତୃତ ପ୍ରକଳ୍ପ ପ୍ରତିବେଦନ (ଡିପିଆର୍) ପ୍ରସ୍ତୁତ କରି ବିଭିନ୍ନ ବିଭାଗର ଯୋଜନା ସହ ସମନ୍ୱୟ ରଖି କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଥିଲେ। ନୂଆପଡ଼ାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଓ ଆବଶ୍ୟକ ସମର୍ଥନ ମିଳିବ ବୋଲି ସେ ଆଶ୍ୱାସନ ଦେଇଥିଲେ।

ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଅଭିନବ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା କରିଥିଲେ। ପ୍ରବାସ ନିରାକରଣ ସଚେତନତା ଶିବିର ଅଧୀନରେ ଜିଲ୍ଲାର ପାଞ୍ଚଟି ବ୍ଲକରେ ଏପର୍ଯ୍ୟନ୍ତ ୮୬ଟି ସଚେତନତା ଶିବିର ଆୟୋଜନ, 'ଝିଅ ପାଇଁ ଗଛଟିଏ', 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ', ପ୍ରତି ସୋମବାର ଗ୍ରାମାଞ୍ଚଳରେ ପ୍ରାଣୀ ସ୍ୱାସ୍ଥ୍ୟ ଶିବିର, 'ପକ୍ଷୀ ପାଇଁ ଦିନଟିଏ', ରକ୍ତଦାନ ଶିବିର ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଭଳି ଅଭିନବ କାର୍ଯ୍ୟକ୍ରମ ସମ୍ପର୍କରେ ସେ ସୂଚନା ଦେଇଥିଲେ।

ଜିଲ୍ଲାପାଳ କହିଥିଲେ ଯେ, ସମନ୍ୱିତ ପ୍ରୟାସ ଫଳରେ ଜିଲ୍ଲାରେ ପ୍ରବାସ ହ୍ରାସ ପାଇଛି। କିନ୍ତୁ କିଛି ଆକାଂକ୍ଷାଜନିତ ପ୍ରବାସ ଏବେ ମଧ୍ୟ ରହିଛି। ସ୍ଥାୟୀ ଜୀବିକା ସୃଷ୍ଟି ଏବଂ ରୋଜଗାରର ସୁଯୋଗ ବୃଦ୍ଧି ପାଇଁ ନୂଆପଡ଼ା ଜିଲ୍ଲାକୁ ଏକ ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍‌ର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ। ଜିଲ୍ଲାର ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଏବଂ ନିଷିଦ୍ଧ ପ୍ଲାଷ୍ଟିକ୍ ବିରୋଧରେ ଚାଲିଥିବା ନିରନ୍ତର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ମଧ୍ୟ ଜିଲ୍ଲାପାଳ ଅବଗତ କରାଇଥିଲେ। ୟୁନିସେଫ୍‌ର ସାଉଥ୍ ଏସିଆ ବୁଲେଟିନ୍‌ରେ ଏହି ଅଭିଯାନ ସ୍ଥାନ ପାଇଥିବା ଏବଂ ଏହା ରାଜ୍ୟ ତଥା ଦେଶ ପାଇଁ ଏକ ଅନୁକରଣୀୟ ମଡେଲ୍ ଭାବେ ପରିଚିତି ଲାଭ କରିଥିବା ବିଷୟ ସେ ଉଲ୍ଲେଖ କରିଥିଲେ। ଏହି ପଦକ୍ଷେପର ପ୍ରଶଂସା କରି ଶ୍ରୀ ଚୌଧରୀ ଅଭିଯାନକୁ ଆହୁରି ସୁଦୃଢ଼ ଭାବେ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଦୁଇଦିନିଆ ଗସ୍ତ ସମୟରେ ଶ୍ରୀ ଚୌଧରୀ ଡୁମେରପାଣି ଏବଂ ଖୋକସାରେ ଗୋପାଳନ ଯୋଜନାର ସଫଳ ହିତାଧିକାରୀଙ୍କୁ ଭେଟି ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ବୈଜ୍ଞାନିକ ଚାରା ଚାଷ, ସ୍ଥାୟୀ ଜଳ ବ୍ୟବସ୍ଥା ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଡେରି ୟୁନିଟ୍ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେଇଥିଲେ। ସେ ପରିବେଶ ନିୟନ୍ତ୍ରିତ ବ୍ରଏଲର୍ ପୋଲ୍ଟ୍ରି ୟୁନିଟ୍ ପରିଦର୍ଶନ କରି ବୈଜ୍ଞାନିକ ପରିଚାଳନା, ଜୈବ ସୁରକ୍ଷା, ବର୍ଜ୍ୟ ପରିଚାଳନା ଓ ଖାଦ୍ୟ ପରିଚାଳନାକୁ ଗୁରୁତ୍ୱ ଦେବା ସହ ଚାରା ଉଦ୍ୟୋଗୀ ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଓମଫେଡ୍ କ୍ଷୀର ସଂଗ୍ରହ କେନ୍ଦ୍ର ପରିଦର୍ଶନ ବେଳେ କ୍ଷୀର ମୂଲ୍ୟ ପ୍ରଦାନର ମାନୁଆଲ୍ ବ୍ୟବସ୍ଥା ପରିବର୍ତ୍ତେ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଏବଂ ସ୍ୱଚ୍ଛ ଦେୟ ପ୍ରଦାନ ବ୍ୟବସ୍ଥା ପ୍ରଚଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ଏବଂ ଜିଲ୍ଲା ରୋଗ ନିର୍ଣ୍ଣୟ ପରୀକ୍ଷାଗାର ପରିଦର୍ଶନ କରି ସେବାର ମାନ ବୃଦ୍ଧି, ଅଧିକ ନମୁନା ସଂଗ୍ରହ ଏବଂ ଭିତ୍ତିଭୂମିର ଉନ୍ନତି ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା ବେଳେ କ୍ଷେତ୍ରସ୍ତରରେ ଜନବଳ ଅଭାବ ସମ୍ପର୍କରେ ସେ ଅବଗତ ହୋଇ ସମସ୍ୟାର ସମାଧାନ ପାଇଁ ଆଶ୍ୱାସନ ଦେଇଥିଲେ। ଗସ୍ତ ଅବସରରେ ସେ ସମରସିଂ ଗ୍ରାମପଞ୍ଚାୟତର ପନିପରିବା ଚାଷ, ବଞ୍ଜିବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ବୁଢ଼ିକୋମନାର ପିଆଜ ସଂରକ୍ଷଣ ଗୋଦାମ, କୋମନା ସାମ୍ପ୍ରଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଟିଖାଲିସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିସରରେ ନିର୍ମିତ ଇକୋ-ଟୁରିଜିମ୍ କଟେଜ୍ ଓ ବିଜ୍ଞାନ ସଂଗ୍ରହାଳୟ ପରିଦର୍ଶନ କରି ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଆଜିର ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଲମ୍ୱୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନଙ୍କ ସମେତ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ନୂଆପଡ଼ା ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମ

ନୂଆପଡ଼ା, ୨୮/୦୭(ଅକ୍ଷର ଓଡିଶା): ଓଡ଼ିଶାର ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପୀନାଥ କୁଅଁର ସୋମବାର ନୂଆପଡ଼ା ଜିଲ୍ଲା ଗସ୍ତ କରି ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ (ଏସ୍‌ଆଇଆର୍-୨୦୨୬) କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଥିଲେ। ଗସ୍ତ ଅବସରରେ ସେ ନୂଆପଡ଼ା ବ୍ଲକ ଅଧୀନ ଆମାନର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା ଶୁଣାଣି ସ୍ଥଳ ପରିଦର୍ଶନ କରି ଶୁଣାଣି ପ୍ରକ୍ରିୟାର ତଦାରଖ କରିଥିଲେ। ସେଠାରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ନିର୍ବାଚନ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ ଏବଂ ମତଦାତାମାନଙ୍କ ସହ ଆଲୋଚନା କରି ଶୁଣାଣି ପ୍ରକ୍ରିୟାର ସ୍ୱଚ୍ଛତା, ଗୁଣାତ୍ମକ ମାନ ଓ କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପରବର୍ତ୍ତୀ ସମୟରେ ସେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ, ଉପଜିଲ୍ଲାପାଳ-ତଥା-ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ୭୧ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ସୁର୍ମୀ ସୋରେନ, ଅତିରିକ୍ତ ଜିଲ୍ଲାପାଳ-ତଥା-ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ୭୨ ଖଡ଼ିଆର ବିଧାନସଭା ନିର୍ବାଚନମଣ୍ଡଳୀ ସୁବାଷ ଚନ୍ଦ୍ର ରଇତ, ଡେପୁଟି ଜିଲ୍ଲାପାଳ (ନିର୍ବାଚନ) ଶେଖ ନସିମ, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ଅନ୍ୟାନ୍ୟ ନିର୍ବାଚନ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ସେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା କରିବା ସହ ନୋଟିସ୍‌ଗୁଡ଼ିକର ଅନ୍‌ଲାଇନ୍ ଫଇସଲା ପ୍ରକ୍ରିୟା ଅନୁଧ୍ୟାନ କରିଥିଲେ। ଭାରତ ନିର୍ବାଚନ ଆୟୋଗଙ୍କ



ସମୀକ୍ଷା କଲେ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପୀନାଥ କୁଅଁର

ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ନୋଟିସ୍‌ର ସମୟୋପଯୋଗୀ, ସ୍ୱଚ୍ଛ ଏବଂ ନିର୍ଭୁଲ ଫଇସଲା ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଶ୍ରୀ କୁଅଁର କହିଥିଲେ ଯେ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପ୍ରତ୍ୟେକ ସ୍ତରରେ ନିର୍ଭୁଲତା, କାର୍ଯ୍ୟଦକ୍ଷତା ଏବଂ ନାଗରିକ-କୈନ୍ଦ୍ରିକ ସେବାକୁ ସର୍ବାଧିକ ଗୁରୁତ୍ୱ ଦେବା ଆବଶ୍ୟକ। ମତଦାତାଙ୍କ ସୁବିଧା ଓ ନିର୍ବାଚନ ପ୍ରକ୍ରିୟାର ବିଶ୍ୱସନୀୟତାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟ ଯଥାନିୟମ ଓ ସ୍ୱଚ୍ଛତାର ସହ ସମ୍ପନ୍ନ କରିବାକୁ ସେ ଅଧିକାରୀମାନଙ୍କୁ ଆହ୍ୱାନ ଜଣାଇଥିଲେ।

## ରଥ ଯାତ୍ରା ଉପଲକ୍ଷେ ଭାବଗ୍ରାହୀ କଳା ନିକେତନର ଭକ୍ତି ସଙ୍ଗୀତ ଓ ନୃତ୍ୟ ସମାରୋହ

କେନ୍ଦ୍ରାପଡ଼ା. ୨୮।୭ (ଅକ୍ଷର ଓଡ଼ିଶା) : ଗଗନ କୁମାର ପ୍ରଧାନ ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ଜିଲ୍ଲା ସଂସ୍କୃତି ପରିଷଦ ସହାୟତାରେ ମନୋଜ୍ଞ ଭକ୍ତି ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ସଫଳତାର ସହିତ ପରିବେଷିତ ହୋଇଯାଇଛି। କଳା ନିକେତନ ଓ ରେଡିଓ ଭାବଗ୍ରାହୀର ପ୍ରତିଷ୍ଠାତା ତଥା ବିଶିଷ୍ଟ ଗୀତିକାର ଏବଂ ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ାଙ୍କ ବଳିଷ୍ଠ ସଂଯୋଜନାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଉପେନ୍ଦ୍ର କୁମାର ପାତ୍ରୀ, ସନ୍ତୋଷ ଦାସ, ରଞ୍ଜନ ବରାଳ ଏବଂ ରୂପାଲି ସୁତାର ଶ୍ରୀ ବଳଦେବଜୀଉଙ୍କ ଭଜନ ସମେତ ଚିର ସବୁଜ ଅକ୍ଷୟ ମହାନ୍ତିଙ୍କ କେତେକ କାଳଜୟୀ ସଙ୍ଗୀତ ପରିବେଷଣ କରିଥିଲେ। ରଶ୍ମିତା ସୁତାର, ଅଙ୍କିତା ପରିଡ଼ା, ଅର୍ପିତା ସାହୁ, ଅଙ୍କିତା ସାହୁ




ଏବଂ ଅଭିଲିପ୍ସା ସାହୁ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରିଥିଲେ। ରଞ୍ଜନ ବରାଳ, ବଳରାମ ମଲିକ, ସ୍ମୃତି ରଞ୍ଜନ ବିଶ୍ୱାଳ ଏବଂ କୈଳାସ ପରିଡ଼ା ବାଦ୍ୟ ଯନ୍ତ୍ରରେ ସହାୟତା କରିଥିଲେ। ଏହି ଅବସରରେ ଫୋରଡ ବାୟା ଆଶ୍ରମର ମହନ୍ତ ହୃଷୀକେଶ ଦାସ ମହାରାଜ, ବାବା ନାରାୟଣ ସ୍ୱାଇଁ, ସମାଜସେବୀ ମନୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ସଂସ୍କୃତି ପରିଷଦ ତରଫରୁ ଭାବଗ୍ରାହୀ କଳା ନିକେତନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାବଗ୍ରାହୀ କଳା ନିକେତନ ପରେ ପଳସିଂହା ସ୍ଥିତ ଗଣକବି ଗୋପାଳ ଦାଶ ସ୍ମୃତି ସଂସଦ ଆନୁକୂଲ୍ୟରେ ରାଧାକାନ୍ତ ଦାଶଙ୍କ ନେତୃତ୍ୱରେ ନାଟକ କଳା ପାହାଡ଼ ଏବଂ ଭକ୍ତ ଦାସିଆ ପରିବେଷଣ କରାଯାଇଥିଲା। ରଥଯାତ୍ରା ଉପଲକ୍ଷେ ଭାବଗ୍ରାହୀ କଳା ନିକେତନ ତରଫରୁ ବଡମାଣତିଆ ମାଉସୀ ମା' ମନ୍ଦିରରେ ସନ୍ଧ୍ୟା ଦର୍ଶନ ଅବସରରେ ଭଜନ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ନିଳାଦ୍ରିବିଜେ ଉପଲକ୍ଷେ କୋରୋ ଜଗନ୍ନାଥ ମନ୍ଦିରରେ ଭଜନ ଓ ନୃତ୍ୟ ଭାବଗ୍ରାହୀ କଳା ନିକେତନ ଏବଂ ମହ୍ଲାର ଅର୍କେଷ୍ଟ୍ରା ଆନୁକୂଲ୍ୟରେ ପ୍ରସ୍ତୁତ କରାଯାଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ସମସ୍ତ ସ୍ଥାନରେ ଶତାଧିକ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମକୁ ଆଗ୍ରହର ସହିତ ଉପଭୋଗ କରିଥିଲେ।

## ନଳବଣ୍ଟ ଓ ଖଣ୍ଡଦେଉଳି ସୋସାଇଟିରେ ସାର ବଣ୍ଟନକୁ ନେଇ ଅଭିଯୋଗ

ଆସିକା, ୨୮/୦୭ (ଅକ୍ଷର ଓଡ଼ିଶା) : ଖରିଫ ଚାଷ ଜୋରସୋରରେ ଚାଲିଥିବା ବେଳେ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକରେ ସାର ସଙ୍କଟ ଚାଷୀଙ୍କ ପାଇଁ ଗୁରୁତର ସମସ୍ୟା ପାଲଟିଛି। ନଳବଣ୍ଟ ଓ ଖଣ୍ଡଦେଉଳି ସୋସାଇଟିରେ ସାର ବଣ୍ଟନରେ ଅନିୟମିତତା ଏବଂ ଅବ୍ୟବସ୍ଥା ନେଇ ଚାଷୀମାନେ ଅଭିଯୋଗ କରିବା ସହ ଆସିକା ସହକାରୀ ନିବନ୍ଧକଙ୍କ ନିକଟରେ ଦାବିପତ୍ର ଦେଇଛନ୍ତି। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ନଳବଣ୍ଟ ସୋସାଇଟିରେ ସରକାରୀ ଦର ୨୬୬.୫୦ ଥିବା ୟୁରିଆ ବସ୍ତାକୁ ୩୦୦ରେ ବିକ୍ରି କରାଯାଉଛି। ଏହାସହ ୟୁରିଆ ନେବାକୁ ଆସୁଥିବା ଚାଷୀଙ୍କୁ ୦୪ ଜୁଲାଇ ୨୦୨୪ରେ ପ୍ରସ୍ତୁତ ହୋଇଥିବା ଏବଂ ବର୍ତ୍ତମାନ ବ୍ୟବହାର ଅବଧି ସମାପ୍ତ ହୋଇଯାଇଥିବା ନାନୋ ୟୁରିଆକୁ ୨୫ରେ ବାଧ୍ୟତାମୂଳକ ଭାବେ କିଣିବାକୁ କୁହାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର



ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଗତକାଲି ଚାଷୀମାନେ ସୋସାଇଟି ସମ୍ମୁଖରେ ପ୍ରତିବାଦ କରିଥିଲେ।

ସେହିପରି ଖଣ୍ଡଦେଉଳି ସୋସାଇଟିରେ ପ୍ରାୟ ଦୁଇ ମାସ ଧରି ସାର ଗୋଦାମରେ ମହଜୁଦ ଥିଲେ ମଧ୍ୟ ସମ୍ପାଦକଙ୍କ କ୍ଷମତା ହସ୍ତାନ୍ତର ଓ ପିଓଏସ୍ ମେସିନ ସମସ୍ୟା ଦର୍ଶାଇ ଚାଷୀଙ୍କୁ ସାର ବଣ୍ଟନ କରାଯାଉନାହିଁ। ଫଳରେ ସୋସାଇଟି ଅଧୀନରେ ଥିବା ୮ଟି ଗ୍ରାମର ଚାଷୀ ସରକାରୀ ଦରରେ ସାର ପାଇବାରୁ ବଞ୍ଚିତ ହୋଇ ଖୋଲା ବଜାରରୁ ୭୦୦ରୁ ୮୦୦ ଦେଇ ସାର କିଣିବାକୁ ବାଧ୍ୟ ହେଉଥିବା କହିଛନ୍ତି। ଧାନ ରୁଆ କାମ ଚାଲିଥିବା ସମୟରେ ସାର ଅଭାବ ଯୋଗୁଁ ଚାଷ କାର୍ଯ୍ୟ ବ୍ୟାହତ ହେଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଆଜି ମଧ୍ୟ ବହୁ ଚାଷୀ ଆସିକା ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟରେ ପହଞ୍ଚି ତୁରନ୍ତ ସମସ୍ୟାର ସମାଧାନ ଦାବି କରିଥିଲେ। ଏହି ଅବସରରେ ବରିଷ୍ଠ ସମବାୟବିତ ପ୍ରମୋଦ କୁମାର ସ୍ୱାଇଁ, ଚାଷୀ ନେତା ଅରୁଣ ଦଳାଇ, ଜେ.ପି. ସ୍ୱାଇଁ, ପ୍ରେମାନନ୍ଦ ବିଶୋଇ, କବିର ସ୍ୱାଇଁ, ରାମଚନ୍ଦ୍ର ଭୂୟାଁ, ପ୍ରଶାନ୍ତ ବିଷୋୟୀ, ଶ୍ରୀକାନ୍ତ ପ୍ରସାଦ ବିଷୋୟୀ, ଶଙ୍କର ପ୍ରସାଦ ବିଷୋୟୀ ଓ ନିରଞ୍ଜନ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏସମ୍ପର୍କରେ ଆସିକା ସହକାରୀ ନିବନ୍ଧକ କହିଛନ୍ତି ଯେ, ନଳବଣ୍ଟ ଓ ଖଣ୍ଡଦେଉଳି ସୋସାଇଟିରେ ଉପୁଜିଥିବା ସାର ବଣ୍ଟନ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।



# ଓଡାପଡାରେ ଓଡିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ



ଖଜୁରିଆକଟା ୨୮/୭(ନୀଳକଣ୍ଠ ଦାସ)ଓଡାପଡା ବ୍ଲକ ସଭା ଗୃହ ଠାରେ ଢ଼େଙ୍କାନାଳ ବନଖଣ୍ଡ ସ୍ତରୀୟ ଜୈବବିବିଧତା ସଂପର୍କିତ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡାପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ଷଡଂଗୀ ତ୍ରିସ୍ତରୀୟ ଜୈବ ବିବିଧତା ସଂରକ୍ଷଣ ବ୍ୟବସ୍ଥାରେ ସ୍ଥାନୀୟ ସ୍ତରରେ ଥିବା ଜୈବବିବିଧତା ପରିଚାଳନା ସମିତି (ବିଏମସି) ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସ୍ଥାନୀୟ ସ୍ତରରେ ପ୍ରସ୍ତୁତି କରାଯାଉଥିବା ଜନ ଜୈବବିବିଧତା ନଥିପତ୍ର ବା ପିବିଆର୍ ଏକ ଆଇନଗତ ବୈଷୟିକ ଓ ବିଜ୍ଞାନ ସମ୍ମତ ନଥିପତ୍ର ଅଟେ । ଏହି ନଥିପତ୍ରକୁ ଆଧାର କରି ସ୍ଥାନୀୟ ଜୈବବିବିଧତାର ସୁରକ୍ଷା , ଧାରାବାହିକ ବ୍ୟବହାର ସମ୍ଭବ ହେବ ବୋଲି ଶ୍ରୀ ଷଡଂଗୀ ପ୍ରକାଶ କରିଥିଲେ । ଅନ୍ୟମାନଂକ ମଧ୍ୟରେ ଓଡିଶା ଜୈବବିବିଧତା ବୋର୍ଡର ବନଖଣ୍ଡ ଅଧିକାରୀ ଶିଶିର କୁମାର ମିଶ୍ର ଜୈବବିବିଧତାର ସୁରକ୍ଷା ଓ ପରିଚାଳନା କ୍ଷେତ୍ରରେ ବିଏମସି ର ସହଯୋଗ ଏକାନ୍ତ ଆବଶ୍ୟକ ଏବଂ ସ୍ଥାନୀୟ ଅଂଚଳର ଜଂଗଲ, ବନ୍ୟଜନ୍ତୁ ଓ ପରିସଂସ୍ଥାର ସୁରକ୍ଷା ସମ୍ଭବ ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମର ସହଯୋଗୀ ଅନୁଷ୍ଠାନ ଭାବରେ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଆୟୋଜନ କରିବାରେ ସହଯୋଗ କରିଥିଲ। । ଓଡିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୋର୍ଡର ସଂଯୋଜକ ଡା. ଶୁଭ୍ରାଂଶୁ ନାୟକ କୃଷି ଜୈବବିବିଧତାର , ଅଣୁଜୀବର ସଂରକ୍ଷଣ, ଦେଶୀୟ ବିହନର ସୁରକ୍ଷା, ଜଂଗଲୀ କିସମ କୃଷି , ମିଲେଟ୍ କୃଷି ଉପରେ ପରାମର୍ଶ ପ୍ରଦାନ କରିଥିଲେ । ଉଦ୍ଭିଦ ବିଜ୍ଞାନୀ ଡା. ପ୍ରଭାତ କୁମାର ଦାସ ବିଭିନ୍ନ ପ୍ରକାର ଉଦ୍ଭିଦ ଓ ସେମାନଂକର ଗୁଣାବଳୀ , ବିଭିନ୍ନ କାରଣ ଜନିତ ବିଲୁପ୍ତ ପାଉଥିବା ଏବଂ ତାହାର ସଂରକ୍ଷଣର ଆବଶ୍ୟକତା ଓ ପଦ୍ଧତି ପ୍ରକ୍ରିୟା ଉପରେ ସୁପରାମର୍ଶ ପ୍ରଦାନ କରିଥିଲେ । ଅନ୍ୟମାନଂକ ମଧ୍ୟରେ ବନ୍ୟଜୀବ ବିଶେଷଜ୍ଞ ଡା. ଶିବ ପ୍ରସାଦ ପରିଡା ବନ୍ୟଜୀବ, ଗୃହପାଳିତ ପଶୁ ମାନଂକ ସମ୍ବନ୍ଧରେ ବିଏମସିର କର୍ମକର୍ତ୍ତା ମାନଂକୁ ଉପଦେଶ ଦେଇଥିଲେ । ସେହିପରି ପରିବେଶବିତ୍ ପ୍ରସନ୍ନ କୁମାର ବେହେରା ବିଏମସି ର ଗଠନ ପ୍ରଣାଳୀ, କାର୍ଯ୍ୟାବଳୀ, ଦାୟିତ୍ୱ ଓ ଭୂମିକା ଉପରେ ଆଲୋଚନା କରାଯାଇଥିଲା । ଢେଂକାନାଳ ବନଖଣ୍ଡର ସହକାରୀ ବନ ସଂରକ୍ଷକ ନୀଳେନ୍ଦ୍ର ଦଳପତି ବିଏମସି ସ୍ଥାନୀୟ ଅଂଚଳର ବିଭିନ୍ନ ପାରମ୍ପରିକ ଜ୍ଞାନ ଥିବା ଏବଂ ଅନୁଭୂତି ଥିବା ବ୍ୟକ୍ତି ବିଶେଷଂକୁ ନେଇ ଜୈବବିବିଧତା ନଥିପତ୍ର ପ୍ରସ୍ତୁତି କରାଯିବାର ପଦ୍ଧତି ଓ କୌଶଳ ଉପରେ ପ୍ରାଂଜଳଭାବେ ଅବଗତ କରାଯାଇଥିଲା । ଏତଦ୍ ସହିତ ଓଡାପଡା ବ୍ଲକ ର ଜିପିଓ ପ୍ରିୟବ୍ରତ ପଟ୍ଟନାୟକ , ଓପିଏସ୍ ମହାବିଦ୍ୟାଳୟର ସିନିୟର୍ ପ୍ରଫେସର୍ ମନୋଜ କୁମାର ରାଉତ , ଆଶୁତୋଷ ମହାପାତ୍ର, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ସଂଯୋଜକ ପ୍ରିୟବ୍ରତ ବେହେରା, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ଦାସ , ସ୍ୱସ୍ତୀ ଦୀପା, ପ୍ରତ୍ୟୁଷା ମାଝୀ, ଲିକୁନ ପ୍ରଧାନ , ଚନ୍ଦନ ସାହୁ ଓଡିଶା ଜୈବବିଧତା ବୋର୍ଡର ଚିତ୍ତ ରଂଜନ ନାୟକ ,ଢେଂକାନାଳ ବନଖଣ୍ଡର ବନପାଳ ବନରକ୍ଷୀ ଏବଂ ଓଡାପଡା ବ୍ଲକର ୧୨ ଟି ଜୈବବିବିଧତା ପରିଚାଳନା ସମିତିର ଅଧ୍ୟକ୍ଷ, ଅଧ୍ୟକ୍ଷା , ସଭ୍ୟ ଓ ସଭ୍ୟା , ଓପିଏସ୍ ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ଗ୍ରାମ ସ୍ତରୀୟ ଶିଶୁ କଲ୍ୟାଣ ସୁରକ୍ଷା କମିଟିର ବୈଠକ



ପରଜଙ୍ଗ,୨୮/୦୭(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ବିରାଶାଳ ଗ୍ରାମ ପଞ୍ଚାୟତ ରହଣି ଗ୍ରାମରେ ବିଶ୍ୱ ଯୁବକେନ୍ଦ୍ର ସଂସ୍ଥା ଆନୁକୂଲ୍ୟରେ ଗ୍ରାମସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା ଓ ବିଶ୍ୱ ଯୁବକେନ୍ଦ୍ର ପ୍ରକଳ୍ପ ସହାୟିକା ସୁମିତ୍ରା ଦେହୁରୀ ଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜରୁ ବାଲ୍ୟ ବିବାହ ଭଳି କୁପ୍ରଥାକୁ ସମୂଳେ ନିରାକାରଣ କରିବା ଏବଂ ଶିଶୁ ମାନଙ୍କ ଭବିଷ୍ୟତ କୁ ସୁରକ୍ଷିତ ଓ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଲୋଚନା ହୋଇଥିଲା ଓ ରହଣି ଗ୍ରାମର ଅଙ୍ଗନାୱାଡି କର୍ମୀ, ଗ୍ରାମ ର ୱାର୍ଡ ସଭ୍ୟା,ଏବଂ ଗ୍ରାମର ବରିଷ୍ଠ ବ୍ୟକ୍ତି ଓ ଗ୍ରାମବାସୀ ମାନେ ଉପସ୍ଥିତ ରହି ସମାଜ ଦାୟିତ୍ୱ ବୋଧର ପରିଚୟ ପ୍ରଦାନ କରିଥିଲେ ଓ ବାଲ୍ୟ ବିବାହ ର ଭୟାବହ କୁ ପରିଣାମ ସମ୍ପର୍କରେ ଆଲୋଚନା କରାଯାଇଥିଲା ଓ ଅପରିପକ୍ୱ ବୟସରେ ବିବାହ ହେବା ଫଳରେ କିଶୋରୀମାନଙ୍କ ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହେବା , ଶିକ୍ଷା ରୁ ବଞ୍ଚିତ ହେବା ,ମାତୃମୃତ୍ୟୁ ଓ ପୌଷ୍ଟିକ ଅଭାବ ପରି ଗୁରୁତର ସମସ୍ୟା ଦେଖାଦେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା ଓ ଏହାସହିତ ବାଲ୍ୟ ବିବାହ ନିଷେଧ ଆଇନ ଓ ଏହା ଶହ ସମ୍ପୃକ୍ତ ଦଣ୍ଡ ବିଧାନ ବିଷୟରେ ମଧ୍ୟ ସମସ୍ତଙ୍କୁ ସଚେତନ କରାଯାଇଥିଲା ଓ ଏମର୍ଜେନ୍ସି ନମ୍ବର ୧୦୯୮ କୁ କଲ କରି ଜଣାଇବା ପାଇଁ ବୁଝି କହିବା ସମାଜ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି କୁ ପ୍ରଥା ବିରୋଧରେ ସଜାଗ ରହିବା ସହ ଯେକୌଣସି ବାଲ୍ୟ ବିବାହ ସମ୍ପର୍କତ ସୂଚନା ତୁରନ୍ତ ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗକୁ ଜଣାଇବା ପାଇଁ ଆହ୍ୱାନ ଦିଆଯାଇଥିଲା ଓ ବୈଠକରେ ସମସ୍ତ ଉପସ୍ଥିତ ବ୍ୟକ୍ତି ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଏକତ୍ରିତ ଭାବେ ଶପଥ ଗ୍ରହଣ କରିଥିଲେ ।

# ଶୁଣିଲାନି ବିଦ୍ୟୁତବିଭାଗ ଶତାଧିକ ପୁରୁଷ ମହିଳା ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ଖଜୁରିଆକଟା ୨୮/୭(ନୀଳକଣ୍ଠ ଦାସ)ବାରମ୍ବାର ବିଦ୍ୟୁତକାଟ, ବିଦ୍ୟୁତ ଯୋଗାଣରେ ଅବ୍ୟବସ୍ଥା ପାଇଁ ହିନ୍ଦୋଳ ଜନସାଧାରଣ ଅତିଷ୍ଠ ।ତେବେ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ କୁନୁଆ ପଂଚାୟତ ଅସନବଣିଆ ଗ୍ରାମ ଦାଣ୍ଡରୁ ଦୁର୍ବୃତ୍ତମାନେ ବିଦ୍ୟୁତତାର ଚୋରି କରିନେବାଦ୍ୱାରା ୧୫ଦିନ ଧରି ଗ୍ରାମବାସୀ ଅନ୍ଧାରରେ ରହିଥିବାବେଳେ ଅଭିଯୋଗ ସତ୍ୱେ ବିଦ୍ୟୁତବିଭାଗ କୌଣସି ପଦକ୍ଷେପ ନନେବାରୁ ଆଜି ଶତାଧିକ ମହିଳାପୁରୁଷ ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳ ହାତୀ ବନ୍ୟଜନ୍ତୁ ଉପଦ୍ରୁତ ଅଞ୍ଚଳ ହୋଇଥିବାବେଳେ ଛାତ୍ରଛାତ୍ରୀ ଓ ସାଧାରଣ ଜନତା ବର୍ଷା ଅନ୍ଧାରରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଓ ତୁରନ୍ତ ବିଦ୍ୟୁତ ସମସ୍ୟା ସମାଧାନପାଇଁ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସି ଏବଂ ୭ଦିନ ଭିତରେ ସମସ୍ୟା ସମାଧାନ ନହେଲେ ଗ୍ରାମବାସୀ ଆନ୍ଦୋଳନକୁ ଉଲ୍ହାଇବାକୁ ଚେତାବନୀ ଦେଇଛନ୍ତି। ତେବେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ବେଉରା ଖୁବଶୀଘ୍ର ସମସ୍ୟାର ସମାଧାନ କରିବାକୁ ପ୍ରତିଶୃତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି ।

# ଧାନ ରୋଇବା ବେଳେ ବଜ୍ରାଘାତ, ମହିଳା ମୃତ



କାମାକ୍ଷାନଗର:୨୮/୭(ସୁମନ୍ତ ଜେନା) ଲଗାଣ ବର୍ଷା ସହ ବଜ୍ରପାତ ପୁଣି ନେଇଛି ଆଉ ଏକ ଜୀବନ। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଶ୍ରୀମୂଳା ଗାଁରେ ଧାନ ରୋଇବାକୁ ଯାଇଥିବା ଜଣେ ମହିଳାଙ୍କର ବଜ୍ରାଘାତରେ ମୃତ୍ୟୁ ହୋଇଛି ।ମୃତ ମହିଳା ହେଲେ କାମାକ୍ଷାନଗର ବ୍ଲକ ଶ୍ରୀମୂଳା ଗାଁର ଗୀତାଞ୍ଜଳି ବେହେରା। ସୂଚନା ଅନୁସାରେ, ଗତକାଲି ସେ ଧାନ ରୋଇବା ପାଇଁ ବିଲକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ ।ରାତିରେ ବିଲ ମଧ୍ୟରେ ଗୀତାଞ୍ଜଳି ପଡ଼ିଥିବା ଅବସ୍ଥାରେ ମିଳିଥିଲେ। ପରେ ପରିବାର ଲୋକେ ତୁରନ୍ତ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବାଗୀତାଞ୍ଜଳି ଙ୍କ ଗାଲ, କାନ ଓ ପେଟ ପୋଡ଼ିଯାଇଥିବା ବେଳେ ଖବର ପାଇ କାମାକ୍ଷାନଗର ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଚଳାଇଛି ।ଲଗାଣ ବର୍ଷା ସମୟରେ ଚାଷ କାମ କରୁଥିବା ବେଳେ ବଜ୍ରପାତ ଯୋଗୁଁ ପୁଣି ଏକ ଅମୂଲ୍ୟ ଜୀବନ ଚାଲିଯାଇଛି ।

# ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଲକ୍ଷାଧିକ ଟଙ୍କାର କୋଠଘର, ପ୍ରଶାସନ ନିରବଦ୍ରଷ୍ଟ



ପରଜଙ୍ଗ,୨୮/୦୭:(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଜୟପୁରାକାଟେଣୀ ପଞ୍ଚାୟତରେ ତତ୍କାଳୀନ ସରକାର ସମୟରେ ସାମୂହିକ କାର୍ଯ୍ୟର ଉନ୍ନତି ପାଇଁ ଲକ୍ଷାଧିକ ଟଙ୍କା ଅଟକଳ ବ୍ୟୟରେ କିଛି ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ବର୍ତମାନ ସେହି କାର୍ଯ୍ୟ ଗୁଡ଼ିକ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡି ରହିଥିବା ଦେଖିବାକୁ ମିଳିଛି। ସେହିପରି ଭାବେ ଉକ୍ତ ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ କୋଠ ନିର୍ମଣ କାର୍ଯ୍ୟ ପାଇଁ ଆର୍ଥିକ ବର୍ଷ ୨୦୨୩-୨୪ ମସିହାରେ ପରଜଙ୍ଗ ସମିତି ପକ୍ଷରୁ ଛଅ ଲକ୍ଷ ଟଙ୍କାର ଅଟକଳ ବ୍ୟୟରେ ପ୍ରକଳ୍ପ ମଞ୍ଜୁରୀ ହୋଇଥିଲା। କୋଠଘର ଆରମ୍ଭ ହୋଇ ପ୍ଲିନ୍ଥ କାର୍ଯ୍ୟ ଆରମ୍ଭ ହୋଇ ବର୍ତ୍ତମାନ ପଡିରହିଛି। ଅର୍ଦ୍ଧ ନିର୍ମିତ କୋଠଘର ର ଲୁହା ଛଡ ଗୁଡିକ ଖରା, ବର୍ଷାରେ ଆଂଶିକ ନଷ୍ଟ ହେବାକୁ ଲାଗିଲାଣି। କୋଠଘର ଯଥାଶୀଘ୍ର ସମ୍ପୂର୍ଣ୍ଣ ହେଲେ ଗୋବିନ୍ଦପୁର ଗ୍ରାମବାସୀ ଉପକୃତ ହେବେ । ସରକାରୀ ଅର୍ଥ ଅଧାଗଡ଼ା ଘରେ ପଡିରହିଛି ଯାହାଫଳରେ ସରକାରଙ୍କ ରାଜକୋଷରୁ ଅର୍ଥ ଅପଚୟ ହେଉଥିଲେ ମଧ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛନ୍ତି। ଅର୍ଦ୍ଧ ନିର୍ମିତ କୋଠଘର କୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଙ୍କ ଦୃଷ୍ଟି ଆକର୍ଷଣ ସହ ତ୍ୱରାନ୍ୱିତ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଭିଜିଲାନ୍ସ ହାତରେ ଧରାପଡ଼ି ଆରଆଇ'ଙ୍କୁ ଦୁଇବର୍ଷ ଜେଲଦଣ୍ଡ

ଖଜୁରିଆ କଟା ୨୮/୭(ନୀଳକଣ୍ଠ ଦାସ)ହିନ୍ଦୋଳ-ଲାଂଚ ମାଗିବା ମହଙ୍ଗା ପଡିଲା ରାଜସ୍ୱ ନିରୀକ୍ଷିକାଙ୍କୁ,ଭିଜିଲାନ୍ସ କୋର୍ଟ ଦୁଇବର୍ଷ ଜେଲ ଦଣ୍ଡାଦେଶ ଦେଲେ। ଖବରରୁ ପ୍ରକାଶ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ ଅଧୀନ କନ୍ଦରାସିଂ ସର୍କଲର ପୂର୍ବତନ ରାଜସ୍ୱନିରୀକ୍ଷିକା ତଥା ବର୍ତମାନ ହିନ୍ଦୋଳ ତହସିଲ ପଞ୍ଚୁପଡ଼ା ସର୍କଲରେ ଆରଆଇ ଭାବରେ କାର୍ଯ୍ୟରତ ମାଳତୀ ଦେହୁରୀ ଏକ ମ୍ୟୁଟେସନ କେଶରେ ଅଭିଯୋଗ କାରୀଙ୍କୁ ଠାରୁ ଲାଞ୍ଚଟଙ୍କା ଦାବି କରୁଥିବାବେଳେ ଓଡିଶା ଭିଜିଲାନ୍ସ ବିଭାଗ ଦ୍ୱାରା ଧରା ପଡି ଗିରଫ ହୋଇଥିଲେ। ତେବେ ଓଡିଶା ଭିଜିଲାନ୍ସ ଚାର୍ଜସିଟ କେଶନଂ-ଟ/ସ ୧୩(୨)କ୍ସ/ଓ୍ୱ ୧୩(୧)(ୟ)/ ୭ଚଉ ଇମସ୍ପ, ୧୯୮୮ରେ ଦୋଷୀ ସାବ୍ୟସ୍ତ ହୋଇ ଢେଙ୍କାନାଳ ଜିଲ୍ଲାର ଭିଜିଲାନ୍ସ ବିଭାଗର ମାନ୍ୟବର ସ୍ୱତନ୍ତ୍ର ବିଚାରପତି ଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ଦୁଇବର୍ଷ ଜେଲ ଦଣ୍ଡାଦେଶ ଓ ଅର୍ଥଦଣ୍ଡ ପାଇଛନ୍ତି।

# ମୁକୁଳା ଅବସ୍ଥାରେ ମହାନ୍ତି ସାହି ବିଦ୍ୟୁତ ଟ୍ରାନ୍ସଫୋରମର ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା



ପରଜଙ୍ଗ,୨୮ ।୦୭(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମର ମହାନ୍ତି ସାହି ପାଇଁ ଉଦ୍ଦିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫୋରମର ଟି ମୁକୁଳା ଅବସ୍ଥାରେ ପଡି ରହିଛି। ଉକ୍ତ ଟ୍ରାନ୍ସଫୋରମର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ାର ଆବଶ୍ୟକତା ରହିଥିବା ବେଳେ ବିଦ୍ୟୁତ ବିଭାଗର ଅପାରଗତା ଯୋଗୁଁ ଧନଜୀବନ ହାନୀ ହେଉଥିଲେ ମଧ ନିରବଦ୍ରଷ୍ଟା ବିଭାଗୀୟ ଅଧିକାରୀ ବୋଲି ଅଭିଯୋଗ ହୋଇଛି। ମୁକୁଳା ଟ୍ରାନ୍ସଫୋରମର ସଂଯୋଗରେ ଆସି କିଛି ଦିନ ମଧ୍ୟରେ ଗାଈଗୋରୁ ମୃତ୍ୟୁବରଣ କରିଥିବା ସହ ପାଖରେ ଅଙ୍ଗନବାଡ଼ି କେନ୍ଦ୍ର,ପଶୁ ସହାୟକ କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ, ଡାକଘର, ପଞ୍ଚାୟତ କାର୍ଯ୍ୟାଳୟ ଥିବାରୁ ଦୈନନ୍ଦିନ ଶତାଧିକ ଛୋଟ ରୁ ବୃଦ୍ଧ ପର୍ଯ୍ୟନ୍ତ ଗ୍ରାମବାସୀ ଚଳାଚଳ କରୁଥିବା ବେଳେ କେତେବେଳେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହୋଇପାରେ ତାହାକୁ ଏଡ଼ାଇ ଦିଆଯାଇ ନପରେ। ବିଦ୍ୟୁତ ଟ୍ରାନ୍ସଫୋରମର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ ନେବାରେ ବିଫଳ ହୋଇପଡିଛି। ଆଗାମୀ ଦିନରେ କୈଣସି ଦୁର୍ଘଟଣା ଜନିତ ସମସ୍ୟା ଉପୁଜିବ ସେଥିପାଇଁ ବିଦ୍ୟୁତ ବିଭାଗ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ ବୋଲି ରମେଶ ମହାନ୍ତି ଦାବି କରିଛନ୍ତି।

# ସମସ୍ତ ଆକ୍ରମଣକାରୀଙ୍କୁ ଗିରଫ ଓ ନିଜ ସୁରକ୍ଷା ଦାବି କରି ପିଇଓ ସଙ୍ଘର ଗଣଧାରଣା



କାମାକ୍ଷାନଗର:୨୮/୭(ସୁମନ୍ତ ଜେନା) ଗତକାଲି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା କୁ ନେଇ କାମାକ୍ଷାନଗର ବ୍ଲକ ପରିସରରେ ପିଇଓ ଙ୍କୁ ନିସ୍ତୁକ ମାଡ଼ ଘଟଣା କ୍ଷ ସମସ୍ତ ଆକ୍ରମଣକାରୀ ଙ୍କୁ ଗିରଫ ଓ ପିଇଓ ମାନଙ୍କୁ ସରକାର ଙ୍କ ତରଫରୁ ସୁରକ୍ଷା ଯୋଗାଇବା ଦାବି ନେଇ ଗଣଧାରଣା ରେ ବସିଲେ କାମାକ୍ଷାନଗର ବ୍ଲକ ପିଇଓ ସଙ୍ଘ କ୍ଷ ଆଜି କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ବ୍ଲକ ର ସମସ୍ତ ପଞ୍ଚାୟତ ର ପିଇଓ ଓ ଏଡିଓ ମାନେ ଧାରଣା ରେ ବସିଛନ୍ତି କ୍ଷ ଦାବି ପୂରଣ ନହେଲେ ସେମାନେ ଅନିର୍ଦ୍ଧିଷ୍ଟ କାଳ ପାଇଁ କଲମଛାଡ଼ କରିବା ସହିତ ସରକାରୀ କାର୍ଯ୍ୟ ରୁ ବିରତି ନେବାପାଇଁ ଚେତାବନୀ ଦେଇଛନ୍ତି କ୍ଷ ତେବେ ଘଟଣା କୁ ନେଇ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଶୀଘ୍ର ଏହାର ନିର୍ଯ୍ୟାସ ବାହାରିବାପାଇଁ ବିଡ଼ିଓ ପ୍ରଭୁ କଲ୍ୟାଣ ଦାସ କହିଛନ୍ତି ।

# ରାମିଆଳ ନଦୀରେ ବୁଡ଼ିଲା କପିଳେଶ୍ୱର ମନ୍ଦିର

କାମାକ୍ଷାନଗର:୨୮/୭(ସୁମନ୍ତ ଜେନା) ଲଘୁଚାପ ଜନିତ ଲଗାଣ ବର୍ଷାରେ ଫୁଲିଛି ରାମିଆଳ ନଦୀ ।ନଦୀର ବଢୁଥିବା ଜଳସ୍ତରରେ ସମ୍ପୂର୍ଣ୍ଣ ବୁଡ଼ି ଯାଇଛି ଦ୍ୱାଦଶ ଶତାବ୍ଦୀର ଐତିହ୍ୟ ବହନ କରୁଥିବା କପିଳେଶ୍ୱର ଶିବ ମନ୍ଦିର। କାମାକ୍ଷାନଗର ବ୍ଲକ ହାଟୁଆରୀ ନିକଟ ରାମିଆଳ ନଦୀ ମଝିରେ ରହିଛି ଐତିହାସିକ କପିଳେଶ୍ୱର ଶିବ ମନ୍ଦିର। ଦ୍ୱାଦଶ ଶତାବ୍ଦୀର ଏହି ପ୍ରାଚୀନ ଶୈବପୀଠ ସାରା ବର୍ଷ ଶ୍ରଦ୍ଧାଳୁଙ୍କ ଆସ୍ଥାର କେନ୍ଦ୍ର ପାଲଟିଥାଏ ।ତେବେ ଗତ ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ ରାମିଆଳ ନଦୀରେ ଜଳସ୍ତର ହଠାତ୍ ବୃଦ୍ଧି ପାଇଛି। ଫଳରେ ସମ୍ପୂର୍ଣ୍ଣ ମନ୍ଦିରଟି ବନ୍ୟାଜଳରେ ବୁଡ଼ି ରହିଛି। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟ ପାଣି ତଳେ ଚାଲିଯାଇଥିବାରୁ ଭକ୍ତମାନଙ୍କ ଯାତାୟାତ ଠପ୍ ହୋଇଛି।

# ଗ୍ୟାସ ଟାଙ୍କିରେ ଲାଗିଲା ନିଆଁ ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ

କାମାକ୍ଷାନଗର:୨୮/୭ (ସୁମନ୍ତ ଜେନା) କାମାକ୍ଷାନଗର ସହର ର ମୁଣ୍ଡିଦେଉଳି ସାହି ରେ ରୋଷେଇ କରୁଥିବା ବେଳେ ଗ୍ୟାସ ଟାଙ୍କି ରେ



ଲାଗିଲା ନିଆଁ କ୍ଷ ଅଳ୍ପକେ ବର୍ତ୍ତିଲେ ପରିବାର ଲୋକ କ୍ଷ ଲକ୍ଷାଧିକ ଟଙ୍କା ର ବୈଦ୍ୟୁତିକ ସାମଗ୍ରୀ ପୋଡି ପାଉଁଶ କ୍ଷ ସୂଚନା ଅନୁସାରେ କାମାକ୍ଷାନଗର ସହର ର ମୁଣ୍ଡିଦେଉଳି ସାହି ର ସିଦ୍ଧେଶ୍ୱର ନାୟକ ଙ୍କ ଘରେ ଦୀପାଞ୍ଜଳି ସିଂହ ଭଡା ରେ ରହୁଛନ୍ତି କ୍ଷ ଆଜି ସକାଳୁ ଦୀପାଞ୍ଜଳି ଗ୍ୟାସ ଲଗାଇ ପିଲାଙ୍କ ପାଇଁ ଜଳଖିଆ ପ୍ରସ୍ତୁତ କରୁଥିବା ବେଳେ ହଟାତ ଗ୍ୟାସ ଟାଙ୍କି ରେ ନିଆଁ ଲାଗିଯାଇଥିଲା କ୍ଷ ଫଳରେ ସେହି ନିକଟରେ ଥିବା ଫ୍ରିଜ, ଇଣ୍ଡକ୍ସନ, ସୋଫା ଓ ଅନ୍ୟାନ୍ୟ ବୈଦ୍ୟୁତିକ ସାମଗ୍ରୀ ଗୁଡିକ ନିଆଁ ଦାଉ ରେ ପୋଡି ପାଉଁଶ ହୋଇଯାଇଛି କ୍ଷ ପରିବାର ଲୋକ ନିଆଁ କୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେଥିରେ ସଫଳ ନହେବାରୁ ଅଗ୍ନିଶମ ବାହିନୀ କୁ ଖବର ଦେଇଥିଲେ କ୍ଷ ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳ ରେ ପହଞ୍ଚି ଗ୍ୟାସ ଟାଙ୍କି କୁ ଆୟତ୍ତ କରି ଘରୁ ବାହାରକୁ ଆଣିଛନ୍ତି କ୍ଷ ଫଳରେ ଏକ ବଡ଼ ବିପଦ ରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ପରିବାର ଲୋକେ ।

## ରସଗୋଲା ଆମ ଐତିହ୍ୟ ଓ ସଂସ୍କୃତିର ବାହକ

# ଢେଙ୍କାନାଳରେ ପାଳିତ ବିଶ୍ୱ ରସଗୋଲା ଦିବସ



ଢେଙ୍କାନାଳ,୨୮/୦୭(ସୁଶାନ୍ତ କୁମାର ପାଣୀ):ଢେଙ୍କାନାଳ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦ ଓ ମିଷ୍ଟାନ୍ନ ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର ସନ୍ଧ୍ୟାରେ ମୀନାବଜାରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ବିଶ୍ୱ ରସଗୋଲା ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ମୁଖ୍ୟ ଅତିଥି ଉପ- ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ପଦ୍ମଚରଣ ସାହୁ କହିଲେ ଯେ, ରସଗୋଲା ଆମ ଓଡିଆଙ୍କ ଐତିହ୍ୟ ଓ ସଂସ୍କୃତିର ବାହକ। ଆଜକୁ ହଜାର ବର୍ଷ ତଳୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରସଗୋଲା ଭୋଗ ହୋଇ ଆସୁଛି। ଯୁବରାଜ ଅମରଜ୍ୟୋତି ସିଂହଦେଓ କହିଲେ ସମସ୍ତଙ୍କ ଜୀବନ ମହାପ୍ରଭୁଙ୍କ କୃପାରୁ ରସଗୋଲା ପରି ମଧୁମୟ ହେଉ ।ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ କହିଲେ ଯେ, ନୀଳାଦ୍ରୀ ବିଜେ ସମୟରେ ମହାପ୍ରଭୁ ମା' ଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିଥାନ୍ତି। ତେଣୁ ରସଗୋଲା ଓଡିଆ ଅସ୍ମିତାର ପ୍ରତୀକ ।ଏହି ଅବସରରେ ଢେଙ୍କାନାଳର ବିକାଶ ପାଇଁ ଭାଗିରଥୀ ସାଗରରେ ମହାରାଜା ଭଗୀରଥଙ୍କ ପ୍ରତିମୂର୍ତ୍ତି, କୁଟୁଣିଆ ପାହାଡରେ ଢେଙ୍କା ଶବରଙ୍କ ପ୍ରତିମା ଏବଂ ରାଜପ୍ରସାଦ ସୌନ୍ଦର୍ଯ୍ୟକରଣ ନେଇ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ପୌରପାଳିକା ଅଧକ୍ଷା ଜୟନ୍ତୀ ପାତ୍ର ଓ ଅନ୍ୟାନ୍ୟ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ସମସ୍ତଙ୍କୁ ରସଗୋଲା ଓ ପ୍ରସାଦ ବଣ୍ଟନ କରାଯାଇଥିଲା।

# ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର



ରାସୋଳ ୨୮/୭(ଗୋକୁଳାନନ୍ଦ ପୃଷ୍ଟି) - ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଏକ ଅଜଣା ବ୍ୟକ୍ତିର ଶବ ବିଲରେ ଭାସୁଥିବା ଚର୍ଚ୍ଚାର କାରଣ ପାଲଟିଛି। ଖବରରୁ ପ୍ରକାଶ ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ କୁନୁଁଆ ଗାଁର ଏକ ବିଲ ଭିତରେ ଭାସୁଛି ଅଜଣା ଯୁବକର ମୃତଦେହ ଭାସୁଥିବା ଅଞ୍ଚଳବାସି ଦେଖିଥିଲେ ।ମୃତ ଯୁବକଙ୍କ ପରିଚୟ ଅସ୍ପଷ୍ଟ ଥିବା ବେଳେ ସେ ଗୋଟେ ଲୁଙ୍ଗି ଶାର୍ଟ ପିନ୍ଧିଥିବା ଓ ଶବଟିର ଚମଡା ଛାଡି ଯାଇଥିବା ସହ ପଚି ଯାଇଛି ।ଶବଟି ୩ରୁ ୪ଦିନର ହୋଇଥିବା ଅନୁମାନ ହୋଇଥିବାବେଳେ ଏହା ହତ୍ୟା ନା ଆତ୍ମହତ୍ୟା ନା ସ୍ୱାଭାବିକ ମୃତ୍ୟୁ ତାହା ଏବେ ସନ୍ଦେହ ସୃଷ୍ଟି କରିଛି ।ତେବେ ଘଟଣା ସ୍ଥଳରେ ରାସୋଳ ପୋଲିସ ପହଞ୍ଚି ଅପରାହ୍ନରେ ଶବ ଉଦ୍ଧାରକରି କେଶ ନଂ -ଉଡି ୧୫/୨୦୨୬ରେ ମାମଲା ରୁଜୁକରି ତଦନ୍ତ ଜାରି ରହିଛି ଏବଂ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

# ଲଗାଣ ବର୍ଷାରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ଆଖୁଆପାଳ ପଞ୍ଚାୟତର ପାଞ୍ଚଟି ପଡା



ପରଜଙ୍ଗ,୨୮ ।୦୭(ଅକ୍ଷର ଓଡ଼ିଶା): ଚଳିତ ଲଗାଣ ବର୍ଷାରେ ଜଳବନ୍ଦୀ ଅବସ୍ଥାରେ ପାଞ୍ଚଟି ପଡାର ଶତାଧିକ ପରିବାର ଲୋକେ। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତର ପାଞ୍ଚଟି ପଡା ଜଳମଗ୍ନ ହୋଇ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଗତକାଲି ଠାରୁ ଲଗାଣ ବର୍ଷା ଯୋଗୁଁ ଜାତୀୟ ରାଜପଥ ଠାରୁ ଦୋମୁହାଁଣୀ ଗ୍ରାମକୁ ଯାଇଥିବା ରାସ୍ତାରେ ଥିବା ଗମ୍ଭାରୀଆ ନାଳ ଉପରେ ଦଶ ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚତାରେ ବର୍ଷା ପାଣି ନିଷ୍କାସନ ହେଉଥିବାରୁ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଛି। ଦୋମୁହାଁଣୀ ଠାରୁ ଝରାପାଳ , ଭେରୁବଣିଆ ଦୁଇଟି ଆଦିବାସୀ ଅଧ୍ୟୁଷିତ ବସ୍ତି କୁ ଥିବା ମାଟି ମୋରମ ରାସ୍ତା ସାଙ୍ଗକୁ ଗମ୍ଭାରୀଆ ନାଳ ଜଳପତ୍ତନ ବୃଦ୍ଧି ଯୋଗୁଁ ଉଭୟ ବସ୍ତିକୁ ଦୈନନ୍ଦିନ ଜୀବନର ଆବଶ୍ୟକତା ସାମଗ୍ରୀ ହେଉବା ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ସେହିପରି ଭାବେ ଉକ୍ତ ପଞ୍ଚାୟତର ରଘୁନାଥପୁର ଗ୍ରାମ ଠାରୁ ଅନୁସୂଚିତ ଜାତି ସାହିକୁ ଯିବାଆସିବା ନିମନ୍ତେ ଥିବା ରାସ୍ତା ଉପରେ ବର୍ଷା ପାଣି ନିଷ୍କାସନ ଯୋଗୁଁ ବିଚ୍ଛିନ୍ନ ହୋଇପଡ଼ିଛି। ସମସ୍ତ ବାହ୍ୟ ଜଗତରୁ ବିଚ୍ଛିନ୍ନ ଥିବା ଲୋକମାନଙ୍କୁ ସରକାରଙ୍କ ସହାୟତା ଯୋଗାଇଦେବାକୁ ଆଖୁଆପାଳ ପଞ୍ଚାୟତର ସମାଜସେବୀ ସମୀର କୁମାର ସାହୁ ଦାବି କରିଛନ୍ତି।




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

## ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟାକାଣ୍ଡ ମାମଲା, କ୍ରାଇମ୍ ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ସ୍ୱଚ୍ଛତାର ନୂତନ ଅଧ୍ୟାୟ

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ତାଙ୍କର ଚାରିଜଣ ସହଯୋଗୀଙ୍କ ନୃଶଂସ ହତ୍ୟାକାଣ୍ଡ, ତା'ପରବର୍ତ୍ତୀ କାନ୍ଧମାଳ ହିଂସାକାଣ୍ଡ, ଏବଂ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ପାଇଁ ଗଠିତ ଜଷ୍ଟିସ୍ ଆର.ପି. ନାଇଡୁ କମିଶନଙ୍କ ଗୋପନୀୟ ନଥି ଗାଏବ୍ ହୋଇଯିବା ଘଟଣାକୁ ନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ କ୍ରାଇମ୍ ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି, ତାହା ରାଜ୍ୟର ଆଇନ ଶାସନ, ସାମ୍ବିଧାନିକ ମୂଲ୍ୟବୋଧ, ଏବଂ ପ୍ରଶାସନିକ ସ୍ୱଚ୍ଛତା ପୁନଃପ୍ରତିଷ୍ଠା କ୍ଷେତ୍ରରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ସାହସିକ ଓ ଐତିହାସିକ ନିଷ୍ପତ୍ତି। ଏହି ସମ୍ପୂର୍ଣ୍ଣ ଘଟଣାବଳୀକୁ ଭଲ ଭାବରେ ବୁଝିବା ପାଇଁ ଏହାର ଐତିହାସିକ ପୃଷ୍ଠଭୂମି, ସ୍ୱାମୀଜୀଙ୍କ ଜୀବନ ଓ ସେବା, କାନ୍ଧମାଳର ଅଶାନ୍ତ ବାତାବରଣ, ନାଇଡୁ କମିଶନଙ୍କ ଗଠନ, ପ୍ରଶାସନିକ ଅବହେଳା ଯୋଗୁଁ ଫାଇଲ ଗାଏବ୍ ହେବାର ଗୁରୁତର ସଙ୍ଗୀନତା, ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ନେତୃତ୍ୱ ଓ କ୍ରାଇମ୍ ବ୍ରାଞ୍ଚ ନିର୍ଦ୍ଦେଶର ସକାରାତ୍ମକ ପ୍ରଭାବକୁ ନିରପେକ୍ଷ ଭାବେ ବିଶ୍ଳେଷଣ କରିବା ଆବଶ୍ୟକ।

ଓଡ଼ିଶାର ଇତିହାସରେ କାନ୍ଧମାଳର ଅରଣ୍ୟାଞ୍ଚଳ ଓ ସେଠାକାର ଗ୍ରାମୀଣ ତଥା ବନବାସୀ ସମାଜର ବିକାଶ ପାଇଁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଯୋଗଦାନ ଅତୁଳନୀୟ। ୧୯୬୦ ଦଶକରୁ ସେ ନିଜର ଆଧ୍ୟାତ୍ମିକ ଓ ସାମାଜିକ ଯାତ୍ରା ଆରମ୍ଭ କରି କାନ୍ଧମାଳର ଚକାପାଦ ଓ ଜଳପେଟା ଭଳି ଅତି ପଛୁଆ ଏବଂ ଦୁର୍ଗମ ଅଞ୍ଚଳରେ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଥିଲେ। ସେଠାରେ ବସବାସ କରୁଥିବା ଗରୀବ ବନବାସୀ ଓ ଆଦିବାସୀ ଶିଶୁମାନଙ୍କ ଶିକ୍ଷା ପାଇଁ କନ୍ୟାଶ୍ରମ, ଆବାସିକ ବିଦ୍ୟାଳୟ, ସଂସ୍କୃତ ବିଦ୍ୟାଳୟ, ଏବଂ ଗୋସେବା କେନ୍ଦ୍ରମାନ ସ୍ଥାପନ କରିଥିଲେ। ସେ କେବଳ ଜଣେ ଧର୍ମଗୁରୁ ନଥିଲେ, ବରଂ ଜଣେ କ୍ରାନ୍ତିକାରୀ ସମାଜ ସଂସ୍କାରକ ଥିଲେ, ଯିଏ ବନବାସୀମାନଙ୍କୁ ନିଶା ନିବାରଣ, ଅନ୍ଧବିଶ୍ୱାସ ଦୂରୀକରଣ, ଏବଂ ଆତ୍ମସମ୍ମାନର ସହ ଜୀବନଯାପନ କରିବା ପାଇଁ ସଦାସର୍ବଦା ପ୍ରେରଣା ଦେଉଥିଲେ। ଓଡ଼ିଶାର ଗ୍ରାମୀଣ ଓ ବନବାସୀ କ୍ଷେତ୍ରରେ ଧର୍ମାନ୍ତରୀକରଣ, ବେଆଇନ କାର୍ଯ୍ୟକଳାପ, ଏବଂ ଗୋ-ଚାଲାଣ ବିରୁଦ୍ଧରେ ସେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ, ଯାହା ଦ୍ୱାରା ଅନେକ ଅସାମାଜିକ ଓ ସ୍ୱାର୍ଥପର ଗୋଷ୍ଠୀ ତାଙ୍କ ପ୍ରତି ବିଦ୍ୱେଷ ଭାବ ପୋଷଣ କରିଥିଲେ। ତାଙ୍କ ଉପରେ ପୂର୍ବରୁ ଅନେକ ଥର ପ୍ରାଣଘାତୀ ଆକ୍ରମଣ ହୋଇଥିଲା, ମାତ୍ର ସେ ନିଜର ନିଷ୍ଠା ଓ ବନବାସୀ ସେବାରୁ କେବେ ମଧ୍ୟ ଓହରି ନଥିଲେ।

୨୦୦୮ ମସିହା ଅଗଷ୍ଟ ୨୩ ତାରିଖ ପବିତ୍ର ଜନ୍ମାଷ୍ଟମୀ ରାତିରେ, ଯେତେବେଳେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଜଳପେଟା ଆଶ୍ରମରେ ନିଜର ଶିଷ୍ୟ ଓ ସହଯୋଗୀମାନଙ୍କ ସହ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଆଲୋଚନାରେ ନିମଗ୍ନ ଥିଲେ, ସେତେବେଳେ ଏକ ସଶସ୍ତ୍ର ଆତତାୟୀ ଗୋଷ୍ଠୀ ଆଶ୍ରମ ମଧ୍ୟରେ ପଶି ସ୍ୱାମୀଜୀଙ୍କ ସହିତ ତାଙ୍କର ଚାରିଜଣ ସହଯୋଗୀମାତା ଭକ୍ତିମୟୀ, ବାବା ଅମୃତାନନ୍ଦ, କିଶୋର ବାବା, ଏବଂ ପୁରଞ୍ଜନ ଗୌଡ଼ଙ୍କୁ ଅତ୍ୟନ୍ତ ବୀଭତ୍ସ, ନିର୍ଦ୍ଦୟ ଓ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ। ଏହି ନୃଶଂସ ହତ୍ୟାକାଣ୍ଡ ସାରା ଓଡ଼ିଶାରେ ଏକ ଭୟଙ୍କର ପ୍ରତିକ୍ରିୟା ସୃଷ୍ଟି କରିଥିଲା, ଯାହା ପରବର୍ତ୍ତୀ ସମୟରେ କନ୍ଧମାଳରେ ଅଭୂତପୂର୍ବ ସାମ୍ପ୍ରଦାୟିକ ହିଂସାର ରୂପ ନେଇଥିଲା। ଏହି ବୃହତ ଘଟଣାର ସତ୍ୟତା ଉଦ୍‌ଘାଟନ, ହତ୍ୟାକାଣ୍ଡ ପଛର ଗୁପ୍ତ ଷଡ଼ଯନ୍ତ୍ରକାରୀଙ୍କୁ ଚିହ୍ନଟ, ଏବଂ କାନ୍ଧମାଳ ହିଂସାର ପ୍ରକୃତ କାରଣ ଖୋଜିବା ପାଇଁ ତତ୍କାଳୀନ ରାଜ୍ୟ ସରକାର ଜଷ୍ଟିସ୍ ଆର.ପି. ନାଇଡୁଙ୍କ ଅଧ୍ୟକ୍ଷତାରେ ଏକ ଅନୁସନ୍ଧାନ କମିଶନ ଗଠନ କରିଥିଲେ।

ଜଷ୍ଟିସ୍ ନାଇଡୁ କମିଶନ୍ ଦୀର୍ଘ ଦିନ ଧରି କ୍ଷେତ୍ର ପରିଦର୍ଶନ, ସାକ୍ଷ୍ୟଗ୍ରହଣ, ପ୍ରଶାସନିକ କାର୍ଯ୍ୟାନୁଷ୍ଠାନର ସମୀକ୍ଷା ଏବଂ ବହୁମୂଲ୍ୟ ଗୋପନୀୟ ସାକ୍ଷ୍ୟସଂଗ୍ରହ କରି ନିଜର ବିସ୍ତୃତ ରିପୋର୍ଟ ରାଜ୍ୟ ଗୃହ ବିଭାଗ ନିକଟରେ ଦାଖଲ କରିଥିଲେ। ମାତ୍ର ଦୁର୍ଭାଗ୍ୟର ବିଷୟ ହେଉଛି, ଏହି ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଏବଂ ତାହାର ଆନୁଷଙ୍ଗିକ ତଦନ୍ତ ସମ୍ପର୍କିତ ନଥିପତ୍ର ରାଜ୍ୟ ସଚିବାଳୟର ସୁରକ୍ଷିତ ହେପାଜତରୁ ଗାଏବ୍ ହୋଇଯାଇଥିଲା। ଏକ ସମ୍ବିଧାନିକ କମିଶନଙ୍କ ନଥିପତ୍ର ଗୃହ ବିଭାଗରୁ ଅଦୃଶ୍ୟ ହେବା କେବଳ ସାଧାରଣ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଏହା ଆଇନ ଶାସନ, ନ୍ୟାୟପାଳିକା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ କୁଠାରଘାତ। ଦୀର୍ଘ ବର୍ଷ ଧରି ପୂର୍ବତନ ଶାସନ କାଳରେ ଏହି ଗାଏବ୍ ଫାଇଲ୍ ମାମଲାକୁ ଚାପି ରଖିବା, ବିଧାନସଭାକୁ ସଠିକ୍ ତଥ୍ୟ ନଦେବା, ଏବଂ ଏଥିପାଇଁ ଦାୟୀ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନନେବା ଏକ ଗୁରୁତର ସନ୍ଦେହ ସୃଷ୍ଟି କରିଥିଲା ଯେ ଅସଲ ଅପରାଧୀ ଓ ଷଡ଼ଯନ୍ତ୍ରକାରୀମାନଙ୍କୁ ସୁରକ୍ଷା ଦେବା ପାଇଁ କାଳେ ଏହି ପ୍ରଶାସନିକ ଷଡ଼ଯନ୍ତ୍ର ରଚାଯାଇଥିଲା।

ଏହି ସମସ୍ତ ପରିପ୍ରେକ୍ଷୀରେ, ଓଡ଼ିଶାର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ଏବଂ ସାହସିକ ନିଷ୍ପତ୍ତି ସମଗ୍ର ରାଜ୍ୟରେ ଏକ ଆଶାର ଆଲୋକ ଦେଖାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବିଭାଗରୁ ନାଇଡୁ କମିଶନ୍‌ର ଗାଏବ୍ ଫାଇଲ୍ ମାମଲାକୁ ଅତ୍ୟନ୍ତ ସଙ୍ଗୀନ ଭାବେ ଗ୍ରହଣ କରି ଏହାର ନିରପେକ୍ଷ ଓ କଠୋର ତଦନ୍ତ ଭାର ଓଡ଼ିଶା ପୋଲିସର କ୍ରାଇମ୍ ବ୍ରାଞ୍ଚକୁ ହସ୍ତାନ୍ତର କରିଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପ୍ରମାଣ କରେ ଯେ ତାଙ୍କ ସରକାର 'ଶୂନ୍ୟ ସହନଶୀଳତା' ନୀତିରେ ବିଶ୍ୱାସ କରନ୍ତି ଏବଂ ପ୍ରଶାସନିକ ଅନିୟମିତତା କିମ୍ବା ନ୍ୟାୟିକ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଥିବା କୌଣସି ବ୍ୟକ୍ତିଙ୍କୁ କ୍ଷମା ଦିଆଯିବ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଏହି ଆଦେଶ ପଛରେ କେବଳ ଗୋଟିଏ ନଥିପତ୍ର ଖୋଜିବାର ଲକ୍ଷ୍ୟ ନାହିଁ, ବରଂ ଯେଉଁମାନେ ଗୃହ ବିଭାଗର ସୁରକ୍ଷା ବଳୟ ମଧ୍ୟରେ ଥାଇ ଫାଇଲ ଗାଏବ୍ କରିବାର ଦୁଃସାହସ କରିଛନ୍ତି, ସେହି ପ୍ରଭାବଶାଳୀ ଅଫିସର, ନେତା କିମ୍ବା ଗୁପ୍ତ କାରପଟ୍ଟାଲମାନଙ୍କୁ ଆଇନର ଗାଡ଼ିଆରେ ଠିଆ କରିବା ହେଉଛି ମୂଳ ଉଦ୍ଦେଶ୍ୟ।

## ଅଶାନ୍ତ ମନର ପ୍ରତିଫଳନ




ବସନ୍ତ କୁମାର ପ୍ରଧାନ
ହରିହରପୁର, ଛେଣ୍ଡିପଦା,
ଅନୁଗୋଳ, ୭୭୩୫୬୧୧୪୮୪


ପ୍ରତ୍ୟେକ ଜୀବନ କିଛି ନା କିଛି ସମସ୍ୟାର ସମ୍ମୁଖୀନ ହୋଇଥାଏ। ସେଥିପାଇଁ ମନ ଅଶାନ୍ତ ଓ ଅସ୍ଥିର ହୋଇ ଉଠେ। ଅସ୍ଥିର ମନରେ କେବେ ସୁଖ ଆସେନା। ଅଶାନ୍ତ ମନ ଅଶାନ୍ତିର ମୂଳ କାରଣ। ଏହି ଅଶାନ୍ତି ସ୍ୱ - ଅର୍ଜିତ ଅଟେ କ୍ଷ ନିଜର ମାନସିକ ସ୍ଥିତି ଦୁର୍ବଳ ହୋଇ ପଡ଼ିଲେ ମନରେ ନାନା ପ୍ରକାର ବିକାର ସୃଷ୍ଟି ହୁଏ ଓ ସେହି ବିକାର ଦ୍ୱାରା ମନ ସର୍ବଦା ଅସ୍ଥିର ହୁଏ । ବାୟୁ ଦ୍ୱାରା ଦୀପର ଶିଖା ଯେପରି ଅସ୍ଥିର ହୁଏ ସେହିପରି ନାନା ବିଷୟ ବାସନାରେ ମନ ଅଶାନ୍ତ ରହି ଅଶାନ୍ତି କୁ ଡାକି ଆଣିଥାଏ। ପ୍ରତ୍ୟେକ ଜୀବନରେ ସାମୟିକ ଭାବେ କିଛି ସମୟ ପାଇଁ ସ୍ଥିରତା ଆସି ପୁଣି ଚାଲିଯାଏ। ସେହି ସ୍ଥିରତା ଚିରସ୍ଥାୟୀ ହୋଇ ପାରିଲେ ଜୀବନରେ ଚିର ସୁଖ ଶାନ୍ତି ମିଳିଥାଏ କ୍ଷ ଯେଉଁ ସବୁ କାରଣ ଗୁଡ଼ିକ ମନକୁ ଅଶାନ୍ତ ରଖେ ଆମେ ତା'ର କାରଣକୁ ଖୋଜି ବାହାର କରିବା ଉଚିତ। ସାଂସାରିକ ମୋହ ମାୟାଠାରୁ ଟିକିଏ ଦୂରେଇ ଯାଇ ସତ୍ୟାନୁଗ୍ରହୀ ହୋଇ ଆଧ୍ୟାତ୍ମିକ ଚେତନାରେ ଅନୁପ୍ରାଣିତ ହେଲେ ଜୀବନ ପୂର୍ଣ୍ଣତା ଆଡକୁ ଅଗ୍ରସର ହୋଇଥାଏ। ମନରେ ଆନନ୍ଦ ଓ ସନ୍ତୋଷ ମିଳିଥାଏ। ଏଣୁ ଅସତର ମାୟା ପ୍ରୀତିରୁ ନିଜକୁ ଦୂରେଇ ରଖିବାକୁ ହେବ। ମାୟା-ମୃଗ ଜୀବନକୁ ଲକ୍ଷ୍ୟ ଭ୍ରଷ୍ଟ କରିଥାଏ। ସେଥିପାଇଁ ମନରେ ଉଦବେଗ ସୃଷ୍ଟି ହୁଏ। ଏହି ଉଦବେଗ ମନରୁ ଶାନ୍ତି ରତ୍ନକୁ ହରଣ କରେ କ୍ଷକାମନା ହେଉଛି ଶାନ୍ତିର ଚିର ଶତ୍ରୁ। କାମନା ବାସନା ମଣିଷର ସହଜାତ ପ୍ରକୃତି ହେଲେହେଁ ଆମେ ନିଷ୍କାମ ଭାବେ କର୍ମ କଲେ ମନରେ ସ୍ଥିରତା ଆସେ ଓ ଶାନ୍ତି ମିଳିଥାଏ।

## ଭାରତୀୟ ଜଳବାୟୁ, ଏଲ୍ ନିନୋ ଓ ଅର୍ଥନୀତି




**ଡା. ରାଜ କିଶୋର ପଣ୍ଡା**
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର, ୮୧୪୪୦୪୨୯୯୭


ମଧ୍ୟପ୍ରାଚ୍ୟ ସଙ୍କଟର ଅନିଶ୍ଚିତତା ମଧ୍ୟରେ ପୃଥିବୀ ପୃଷ୍ଠକୁ ଏବେ ଘେରି ରହିଛି ଏକ ବିଷମ ଜଳବାୟୁ ଜନିତ ସମସ୍ୟା। ଏହା ହେଉଛି ଏଲ୍ ନିନୋ। ଜଳବାୟୁ ବିଜ୍ଞାନୀଙ୍କ ମତାନୁଯାୟୀ ଏହା ମଧ୍ୟରେ ଏଲ୍ ନିନୋ ପ୍ରଶାନ୍ତ ମହାସାଗରରେ ସକ୍ରିୟ ହୋଇଯାଇଛି। ଏହାର ପ୍ରଭାବ ଭାରତବର୍ଷରେ ମୌସୁମୀ ଚକ୍ର ଉପରେ ପଡ଼ିବା ପ୍ରାୟ ନିଶ୍ଚିତ ବୋଲି ସ୍ୱୀକାର କରାଯାଉଛି। କେବଳ ଏତିକି ନୁହେଁ, ଏଲ୍-ନିନୋ ମୌସୁମୀ ଯିବା ପରେ ମଧ୍ୟ ସକ୍ରିୟ ରହିବା ଆଶଙ୍କା ବର୍ତ୍ତମାନ ଜନମାନସର ଚିନ୍ତା ବଢ଼ାଇ ଦେଇଛି। ଯଦି ସେପ୍ଟେମ୍ବର ପର୍ଯ୍ୟନ୍ତ ଏହା ସକ୍ରିୟ ରୁହେ ତା'ହେଲେ କୃଷି ଓ ପେୟ ଜଳର ଉପଲବ୍ଧତା ଉପରକୁ ଗଭୀର ବିପଦ ମାଡ଼ି ଆସିବ। ଆମେରିକାର ଜଳବାୟୁ ଗବେଷଣା ସଂସ୍ଥାନ "ନ୍ୟାସନାଲ୍ ଓସେନିକ୍ ଆଣ୍ଡ୍ ଏଣ୍ଡୋସ୍ପିୟରିକ୍ ଆଡ୍‌ମିନିଷ୍ଟ୍ରେସନ୍" ଅନୁସାରେ ଏଲ୍ ନିନୋ ଜୁନ୍ରୁ ଜୁଲାଇ ମଧ୍ୟରେ ପ୍ରବେଶ କରିବାର ଅଛି। ଏହାର ପ୍ରବେଶରେ ହିଁ ପ୍ରଶାନ୍ତ ମହାସାଗରର ପୃଷ୍ଠଦେଶରେ ତାପମାତ୍ରା ସାମାନ୍ୟ ଠାରୁ ୦.୭୦ମ ବୃଦ୍ଧି ପାଇଅଛି, ଯାହାକି ଇଙ୍ଗିତ କରୁଛି କି ପରିସ୍ଥିତି ଆଗକୁ ଆହୁରି ବିଗିଡ଼ିପାରେ।

ଭାରତୀୟ ଜଳବାୟୁ ବିଭାଗ ମଧ୍ୟ ମାନୁଛି କି, ଏଲ୍ ନିନୋର ସିଧା ପ୍ରଭାବ ମୌସୁମୀ ଜନିତ ବର୍ଷା ଉପରେ ପଡ଼ିବ, ଅର୍ଥାତ୍ ବର୍ଷା କମ୍ ହେବ। ଏହା ମଧ୍ୟ ପ୍ରତିଫଳିତ ହୋଇଛି ଚଳିତ ବର୍ଷର ଜୁନରେ। ଜୁନ୍ ଚଉଦ ସୁଦ୍ଧା ସ୍ୱାଭାବିକଠାରୁ ଅଠେଇଶି ପ୍ରତିଶତ କମ୍ ବର୍ଷା ରେକର୍ଡ଼ କରାଯାଇଛି। ଯଦି ଜୁଲାଇ ମାସରେ ମଧ୍ୟ ଏହିପରି ଧାରା ଜାରି ରହେ, ତାହା ହେଲେ ଖରିଫ୍ ଫସଲ ପ୍ରଭାବିତ ହେବା ସହ ମରୁଡ଼ି ଓ ଖାଦ୍ୟାଭାବ ମଧ୍ୟ ଦେଖାଯାଇପାରେ। ସ୍ୱାଭାବିକ ଅବସ୍ଥାରେ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ବହୁଥିବା ତୀବ୍ର ବାୟୁ, ଉତ୍ତପ୍ତ ଜଳକୁ ଏସିଆ ଓ ଅଷ୍ଟ୍ରେଲିଆ ଆଡ଼କୁ ଠେଲିଥାଏ, ଯାହାଦ୍ୱାରା ଭାରତରେ ଭଲ ବର୍ଷା ହୋଇଥାଏ ମାତ୍ର ଏଲ୍ ନିନୋର ପ୍ରଭାବରେ ଉପରୋକ୍ତ ବାୟୁ ଦୁର୍ବଳ ହୋଇ ପଡ଼ିବାରୁ ମଧ୍ୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ପେରୁର ତଟବର୍ତ୍ତୀ ଜଳ ଅସାମାନ୍ୟ ଭାବରେ ଉତ୍ତପ୍ତ ହୋଇପଡ଼େ। ଏହାଦ୍ୱାରା ବୈଶ୍ୱିକ ବୃଷ୍ଟିଚକ୍ର ବିପର୍ଯ୍ୟସ୍ତ ହୁଏ। ସମୁଦ୍ରର ଏହି ତାପମାତ୍ରାକୁ ବାୟୁମଣ୍ଡଳରେ ପରିବ୍ୟାପ୍ତ ହେବା ପାଇଁ କିଛି ସମୟ ଲାଗିଥାଏ, ଯାହାକି ଆଗାମୀ ବର୍ଷରେ ତାପମାତ୍ରା ବୃଦ୍ଧି ରୂପରେ ସାମ୍ନାକୁ ଆସିଥାଏ। ଜଳବାୟୁ ବିଭାଗ ଦର୍ଶାଇଛି କି ଆଗାମୀ ଅଗଷ୍ଟ-ସେପ୍ଟେମ୍ବରରେ ମୌସୁମୀ ବାୟୁ ଆହୁରି ଆଗକୁ ଅଗ୍ରସର ହେବା ସହ ଏଲ୍ ନିନୋ ଆହୁରି ଶକ୍ତିଶାଳୀ ହେବ। ଏଥିମଧ୍ୟରେ ଭାରତୀୟ ପାଣିପାଗ ବିଜ୍ଞାନୀମାନେ ଏକ ସୁଖଦ ସମ୍ଭାବନା ମଧ୍ୟ ଦର୍ଶାଇଛନ୍ତି। ଏହା ହେଉଛି ଭାରତ ମହାସାଗରର ଦ୍ୱିଧ୍ରୁବ ପରିସ୍ଥିତି। ଇଂରାଜୀରେ ଏହାକୁ କୁହାଯାଏ Indian Ocean Dipole (IOD)। ଏଥିରେ ଯଦି ପଶ୍ଚିମ ଭାରତ ମହାସାଗରର ତାପମାତ୍ରା ପୂର୍ବ ଅପେକ୍ଷା ଉତ୍ତପ୍ତ ରହେ, ତାହା ହେଲେ ଏଲ୍‌ନିନୋର ପ୍ରଭାବ କିଛି ମାତ୍ରାରେ ହ୍ରାସ ପାଇପାରିବ।

ଏଲ୍ ନିନୋ ଏକ ପ୍ରାକୃତିକ ଜଳବାୟୁ ଚକ୍ର ଅଟେ। ଏଥିରେ ମଧ୍ୟ ଓ ପୂର୍ବ ପ୍ରଶାନ୍ତ ମହାସାଗରର ପୃଷ୍ଠଦେଶର ତାପମାତ୍ରା ସାମାନ୍ୟଠାରୁ ବହୁତ ଅଧିକ ହୋଇଯାଇଥାଏ। ପ୍ରାୟତଃ ଏହି ଘଟଣା ପ୍ରତି ଦୁଇ ବର୍ଷରେ ସଂଘଟିତ ହୋଇଥାଏ ଓ ଏହାର ପ୍ରଭାବ ସମ୍ପୂର୍ଣ୍ଣ ବିଶ୍ୱର ଜଳବାୟୁ, ତାପମାତ୍ରା ଓ ବୃଷ୍ଟିପାତ ଉପରେ ପଡ଼ିଥାଏ। ଚଳିତ ବର୍ଷ ଏହାକୁ ସୁପର ଏଲ୍ ନିନୋ ବୋଲି କୁହାଯାଉଛି। ଏହାର ପ୍ରଭାବ ବର୍ଷର ଶେଷ ପର୍ଯ୍ୟନ୍ତ ରହିବ। ବୈଜ୍ଞାନିକମାନଙ୍କର କହିବା ଅନୁଯାୟୀ ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବରରେ



ଯଦିବା ଏଲ୍ ନିନୋର ପ୍ରଭାବ କମ୍ ରହିବ, ସେପ୍ଟେମ୍ବର ଶେଷ ସୁଦ୍ଧା ଏହା ବେଶୀ ଶକ୍ତିଶାଳୀ ହେବାର ସମ୍ଭାବନା ରହିଛି।

ଏଲ୍ ନିନୋ ଶବ୍ଦଟି ସ୍ପେନୀୟ ଭାଷାରୁ ଆସିଅଛି। ଦକ୍ଷିଣ ଆମେରିକାର ମାଛଧରାଳି ମାନଙ୍କର ଧ୍ୟାନ ୧୬୦୦ ମସିହାରେ ଗୋଟିଏ ଘଟଣା ଉପରକୁ ଯାଇଥିଲା, ଯେଉଥିରେ ସେମାନେ ଲକ୍ଷ୍ୟ କରିଥିଲେ କି, ପ୍ରଶାନ୍ତ ମହାସାଗରର ପେରୁ ତଟବର୍ତ୍ତୀ ଅଞ୍ଚଳରେ ଜଳର ତାପମାତ୍ରା ଡିସେମ୍ବର ମାସରେ କିଛି ଥର ବୃଦ୍ଧି ପାଉଛି। ଏହା ସାଧାରଣତଃ ବଡ଼ଦିନ ସମୟରେ ହେଉଥିଲା ଓ ସେମାନେ ଏହାକୁ "ଅଲ୍ ନିନୋ ଡି ନାବିଦାଦ୍" ବୋଲି ନାମିତ କଲେ। ଏହାକୁ ପରେ ଏଲ୍ ନିନୋ ବୋଲି କୁହାଗଲା। ସେହିପରି ଆଉ ଏକ ଜଳବାୟୁ ପରିସ୍ଥିତି ମଧ୍ୟ ଅଛି ଯାହାକୁ କୁହାଯାଏ "ଲା ନିନୋ"।

ଏହା ଏଲ୍ ନିନୋର ବିପରୀତ ପ୍ରକ୍ରିୟା। ଏଥିରେ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଜଳୀୟ ତାପମାତ୍ରା ଅହେତୁକ ଭାବରେ ଶୀତଳ ହୋଇଯାଇଥାଏ। ତେବେ ଏଲ୍ ନିନୋକୁ ନେଇ ବର୍ତ୍ତମାନ ସମୟରେ ଜଳବାୟୁ ବିଜ୍ଞାନୀ, ପରିବେଶବିତ୍, କୃଷି ବିଜ୍ଞାନୀ ଓ ଅର୍ଥନୈତିଜ୍ଞ ମାନଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ଚିନ୍ତାଗ୍ରସ୍ତ ଅଛନ୍ତି। ଏବେ ଦୃଷ୍ଟି ଦେବା ଏହାର ଆର୍ଥିକ ପ୍ରଭାବ ଉପରେ।

ବୃଷ୍ଟିପାତରେ ହ୍ରାସ:- ଏଲ୍ ନିନୋ ଦକ୍ଷିଣ-ପଶ୍ଚିମ ମୌସୁମୀକୁ ବାଧା ଦେଇଥାଏ। ଭାରତର ବାର୍ଷିକ ବୃଷ୍ଟିପାତର ସତୁରୀ ପ୍ରତିଶତ ମୌସୁମୀ ଯୋଗୁଁ ହିଁ ହୋଇଥାଏ ଓ ଏହି ଜଳ ହିଁ ଜଳଭଣ୍ଡାର, ଭୂତଳ ଜଳର ପ୍ରାଥମିକ ଆଧାର। ସେହିପରି ଦେଶର ସମୁଦାୟ କୃଷିକ୍ଷେତ୍ରର ପାଖାପାଖି ଅଧା ଜଳସେଚନ ନିମନ୍ତେ ବର୍ଷାଜଳ ଉପରେ ନିର୍ଭରଶୀଳ। ଏଲ୍ ନିନୋ ହେତୁ ମୌସୁମୀ ବାଧାପ୍ରାପ୍ତ ହେବା ଦ୍ୱାରା ବୃଷ୍ଟିପାତ ହାରରେ ହ୍ରାସ ଆସିବ ଓ ଏହା ଫଳରେ ଗୁରୁତ୍ୱପୂର୍ଣ୍ଣ ଖରିଫ୍ ଫସଲ ଯେପରିକି ଧାନ, କପା, ଡାଲି ଓ ସୋୟାବିନ ଚାଷରେ ସମସ୍ୟା ଦେଖାଯିବ। ବର୍ଷାର ଅଭାବକୁ ଭରଣ କରିବା ପାଇଁ ଚାଷୀମାନେ ଭୂତଳଜଳକୁ ବ୍ୟବହାର କରିବା ପାଇଁ ବାଧ ହେବେ। ଏଥିପାଇଁ ଆବଶ୍ୟକ ହୋଇଥାଏ ମୋଟର ପମ୍ପ ଯାହାକି ଚାଳିତ ହୋଇଥାଏ ବିଦ୍ୟୁତ୍ ବା ଡିଜେଲ୍ ଦ୍ୱାରା। ଏହା ଫଳରେ ଚାଷୀମାନଙ୍କର ନିବେଶ ଜନିତ ଖର୍ଚ୍ଚର ବୃଦ୍ଧି ଘଟିବ। ଏକରେ ଫସଲ ଅମଳରେ ହ୍ରାସ ଓ ଦୁଇରେ ନିବେଶ ଖର୍ଚ୍ଚରେ ବୃଦ୍ଧି ହେତୁ କୃଷକମାନଙ୍କର ଲାଭାଂଶରେ ହ୍ରାସ ଘଟିବ ଓ ପରିଶେଷରେ ଏହା ଦ୍ୱାରା ଗ୍ରାମ୍ୟ ଅର୍ଥନୀତି କ୍ଷତିଗ୍ରସ୍ତ ହେବ।

ଖାଦ୍ୟଶସ୍ୟର ମୂଲ୍ୟବୃଦ୍ଧି:- ଶସ୍ୟ ଅମଳରେ ହ୍ରାସ ହେତୁ ଏହାର ମୂଲ୍ୟବୃଦ୍ଧି ଘଟିବ, ଯାହା ଫଳରେ ସାଧାରଣ ଲୋକମାନେ ଚାଉଳ, ଡାଲି ଓ ପନିପରିବା ଆଦି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟଦ୍ରବ୍ୟ ସକାଶେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ବାଧ ହେବେ।

କାର୍ଯ୍ୟକ୍ଷମତାରେ ହ୍ରାସ:- ଭାରତର ଶ୍ରମ ଶକ୍ତିର ସିଂହଭାଗ ଅଣକୁଶଳୀ, ଅଣସଂଗଠିତ ଓ ସେମାନେ ପ୍ରାୟତଃ ବାହାରେ କାର୍ଯ୍ୟ କରିଥାନ୍ତି। ଉଦାହରଣ ସ୍ୱରୂପ ନିର୍ମାଣ ଶ୍ରମିକ, ବୁଲାବିକାଳି, ଡେଲିଭରୀ କର୍ମଚାରୀ ଇତ୍ୟାଦି। ତାପମାତ୍ରାରେ ବୃଦ୍ଧି ଘଟିଲେ ସେମାନଙ୍କର କାର୍ଯ୍ୟ କରିବାର କ୍ଷମତା ଓ ସମୟରେ ହ୍ରାସ ଘଟିବ। ଆନ୍ତର୍ଜାତିକ ଶ୍ରମ ସଂଗଠନ ଅନୁସାରେ ବୈଶ୍ୱିକ ତାପମାତ୍ରାରେ ୧.୫୦ ମ ବୃଦ୍ଧି ଘଟିଲେ, ୨୦୩୦ ସୁଦ୍ଧା ବିଶ୍ୱରେ ସମଗ୍ର କାର୍ଯ୍ୟନିର୍ଘଣ୍ଟର ୨.୨% ହ୍ରାସ ଘଟିବ, ଯାହାକି ଅଶୀ ମିଲିଅନ୍ ପୂର୍ଣ୍ଣକାଳୀନ ନିଯୁକ୍ତିର ଅନୁରୂପ।

ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ:- ସହରାଞ୍ଚଳରେ ଅନିୟନ୍ତ୍ରିତ ଭାବରେ କଂକ୍ରିଟ ଜଙ୍ଗଲର ସୃଷ୍ଟି ଓ ସବୁଜିମାର କ୍ଷୟ, ଏଲ ନିନୋର ପ୍ରଭାବକୁ ଆହୁରି ବ୍ୟାପକ ଓ ଘାତକ କରିବ। ପାର୍ଶ୍ୱବର୍ତ୍ତୀ ସବୁଜିମା ଭରା ଅଞ୍ଚଳଠାରୁ ଉପରୋକ୍ତ ସହରାଞ୍ଚଳଗୁଡ଼ିକର ତାପମାତ୍ରା ୩ ରୁ ୧୦୦ ମ ବୃଦ୍ଧି ପାଇବା ଘଟଣାକୁ ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ବୋଲି କୁହାଯାଇଥାଏ। ସହରରେ ଗୋଟିଏ ପଟେ ଧନୀ ଶ୍ରେଣୀର ଲୋକମାନେ ଏ.ସି, କୁଲର ଆଦିର ବହୁଳ ବ୍ୟବହାର କରୁଥିବା ବେଳେ, ବସ୍ତିମାନଙ୍କରେ ରହୁଥିବା ଗରିବ ଲୋକମାନେ ଗରମ ଜନିତ ଅସୁସ୍ଥତାର ଶିକାର ହୋଇଥାନ୍ତି। ଧନୀ ଓ ଗରିବଙ୍କ ମଧ୍ୟରେ ଦେଖାଯାଉଥିବା ଏହି ଅର୍ଥନୈତିକ ଫରକ ଏକ ସାମାଜିକ ତାରତମ୍ୟ ମଧ୍ୟ ସୃଷ୍ଟି କରିଥାଏ।

ଇତିହାସ ଉପରେ ନଜର ପକାଇଲେ ଦେଢ଼ଶହ ବର୍ଷ ତଳେ ଗୋଟିଏ ଶକ୍ତିଶାଳୀ ଏଲ୍ ନିନୋ ଭାରତବର୍ଷକୁ ପ୍ରଭାବିତ କରିଥିଲା। ସମୟ ଥିଲା ୧୮୭୬-୭୮। ଦେଶ ଥିଲା ବ୍ରିଟିଶ୍ ଶାସନାଧୀନ। ଏହି ଏଲ ନିନୋ ଯୋଗୁଁ ସୃଷ୍ଟି ହୋଇଥିବା ମରୁଡ଼ି ଜନିତ ଖାଦ୍ୟାଭାବରେ ପ୍ରାୟ ପଞ୍ଚାବନ ଲକ୍ଷରୁ ଅଶୀ ଲକ୍ଷ ଲୋକ ମୃତ୍ୟୁବରଣ କରିବା ଜଣାଯାଏ ଓ ଏପର୍ଯ୍ୟନ୍ତ ଏହା ଦେଶର ଆଧୁନିକ ଇତିହାସରେ ଦେଖାଦେଇଥିବା ମରଣାନ୍ତକ ମରୁଡ଼ି ମାନଙ୍କ ମଧ୍ୟରୁ ଅନ୍ୟତମ।

ବୈଜ୍ଞାନିକମାନେ କହିଛନ୍ତି କି, ନଭେମ୍ବର ୨୦୨୬ରୁ ଜାନୁୟାରୀ ୨୦୨୭ ମଧ୍ୟରେ ଏଲ୍ ନିନୋର ପ୍ରଭାବ ସବୁଠାରୁ ବେଶୀ ରହିବ। ୨୦୩୨ ସୁଦ୍ଧା ଭାରତ ପାଖାପାଖି ଏକ ଟ୍ରିଲିଅନ୍ ଡଲାରର କ୍ଷତି, ଏଲ ନିନୋ ଯୋଗୁଁ ସହିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଯେବେକି ସମଗ୍ର ବିଶ୍ୱ ପାଇଁ ଏହା ଦଶ ଟ୍ରିଲିଅନ୍। ଏହି କ୍ଷତି କୃଷି, ରୋଜଗାର, ଶକ୍ତି ଓ ମାନବ ସମ୍ବଳ ସହିତ ଜଡ଼ିତ।

ଆଶା କରାଯାଉଛି କି, ୨୦୨୬ ରେ ଇଣ୍ଡିଆନ୍ ଓସେନ୍ ଡାଇପୋଲର ସ୍ତର ୧.୩୦ ମ ଉପରେ ବୃଦ୍ଧି ପାଇବ ଯାହାକି ମୌସୁମୀ ବର୍ଷା ଉପରେ ଏଲ ନିନୋର ପ୍ରଭାବକୁ ପ୍ରତିହତ କରିବ। ଏହା ଘଟିତ ହେବା ପାଇଁ କିନ୍ତୁ ସେପ୍ଟେମ୍ବର ଯାଏଁ ସମୟ ଲାଗିଯିବ।

## ଜାତୀୟ ପଶୁ ବାଘ:ଏକ ବିହଙ୍ଗାବଲୋକନ

### ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଉପଲକ୍ଷେ




**ବୈଷ୍ଣବ ଚରଣ ଦାଶ**
ବୀରଧନଞ୍ଜୟ ପୁର , ଶାସନ ବୁଗୁଡ଼ା
ଗଞ୍ଜାମ-୯୭୭୬୫୩୪୯୩୦


ବାଘ ପୃଥିବୀର ସବୁଠାରୁ ଶକ୍ତିଶାଳୀ, ସୁନ୍ଦର ଓ ସାହସୀ ବନ୍ୟଜନ୍ତୁମାନଙ୍କ ମଧ୍ୟରୁ ଏକ। ଏହା ବିଲେଇ ବଂଶର ସବୁଠାରୁ ବଡ଼ ପ୍ରାଣୀ। ଏହାର ଗମ୍ଭୀର ଚାଲି, ତୀକ୍ଷ୍ଣ ଦୃଷ୍ଟି, ଅଦ୍ଭୁତ ଶିକାର କୌଶଳ ଏବଂ ଅସାଧାରଣ ଶକ୍ତି ଏହାକୁ "ଜଙ୍ଗଲର ରାଜା" ଭାବରେ ପରିଚିତ କରାଇଛି। ଭାରତର ଜାତୀୟ ପଶୁ ହେଉଛି ମହାବଳ ବାଘ। ବାଘ କେବଳ ଏକ ବନ୍ୟଜନ୍ତୁ ନୁହେଁ, ଏହା ଆମ ଦେଶର ପ୍ରାକୃତିକ ସମ୍ପଦ, ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନର ପ୍ରତୀକ। ବାଘର ଉପସ୍ଥିତି ଜଙ୍ଗଲର ସ୍ୱାସ୍ଥ୍ୟ ଓ ସମୃଦ୍ଧିର ପରିଚୟ ଦେଇଥାଏ।

ପୃଥିବୀରେ ବିଭିନ୍ନ ପ୍ରଜାତିର ବାଘ ଥିଲେ ମଧ୍ୟ ଅନେକ ପ୍ରଜାତି ବିଲୁପ୍ତ ହୋଇସାରିଛି। ବର୍ତ୍ତମାନ ରୟାଲ ବେଙ୍ଗଲ ବାଘ, ସାଇବେରିଆନ ବାଘ, ସୁମାତ୍ରାନ ବାଘ, ଇଣ୍ଡୋଚାଇନିଜ ବାଘ ଓ ମାଲୟାନ ବାଘ ପ୍ରମୁଖ ଭାବରେ ଦେଖାଯାନ୍ତି। ଭାରତରେ ରୟାଲ ବେଙ୍ଗଲ ବାଘ ବା ମହାବଳ ବାଘ ଦେଖିବାକୁ ମିଳେ।

ବାଘର ଶରୀର ବଳିଷ୍ଠ ଓ ସୁଗଠିତ। ଏହାର ଶରୀରର ରଙ୍ଗ ହଳଦିଆ କିମ୍ବା କମଳା ହୋଇଥାଏ ଏବଂ ସେଥିରେ କଳା ରଙ୍ଗର ଡୋରା ରହିଥାଏ। ପ୍ରତ୍ୟେକ ବାଘର ଶରୀରରେ ଥିବା ଡୋରାର ଆକୃତି ଭିନ୍ନ ଭିନ୍ନ ହୋଇଥାଏ । ପୂର୍ଣ୍ଣବୟସ୍କ ପୁରୁଷ ବାଘର ଓଜନ ପ୍ରାୟ ୧୮୦ ରୁ ୩୦୦ କିଲୋଗ୍ରାମ ଏବଂ ମାଈ ବାଘର ଓଜନ ୧୦୦ ରୁ ୧୬୦ କିଲୋଗ୍ରାମ ହୋଇଥାଏ। ଏହାର ଲମ୍ବ ପ୍ରାୟ ୨.୫ ରୁ ୩.୩ ମିଟର ପର୍ଯ୍ୟନ୍ତ ହୋଇପାରେ। ବାଘର ତୀକ୍ଷ୍ଣ ଦାନ୍ତ, ଶକ୍ତିଶାଳୀ ଜହ୍ନ, ଧାରୁଆ ନଖ ଓ ବଳିଷ୍ଠ ଗୋଡ଼ ଶିକାର କରିବାରେ ସହାୟକ ହୋଇଥାଏ। ଏହାର ଦୃଷ୍ଟି ଓ ଶ୍ରବଣଶକ୍ତି ବହୁତ ପ୍ରଖର। ରାତିରେ ମଧ୍ୟ ଏହା ସହଜରେ ଶିକାର କରିପାରେ।

ବାଘ ସାଧାରଣତଃ ଘଞ୍ଚ ଜଙ୍ଗଲ, ଘାସଭୂମି, ପାହାଡ଼ିଆ ଅଞ୍ଚଳ, ଜଳାଶୟ ନିକଟବର୍ତ୍ତୀ ଜଙ୍ଗଲରେ ବାସ କରିଥାଏ। ଭାରତର ସୁନ୍ଦରବନ, ଶିମିଳିପାଳ, କାନ୍‌ହା, ବାନ୍ଧବଗଡ଼, ରଣଥମ୍ଭୋର, କର୍ବେଟ ଓ ଅନ୍ୟାନ୍ୟ ଅଭୟାରଣ୍ୟରେ ବାଘ ବସବାସ କରେ। ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନ ବାଘ ସଂରକ୍ଷଣ ପାଇଁ ବିଶେଷ ପ୍ରସିଦ୍ଧ। ବାଘ ଏକ ମାଂସାହାରୀ ପ୍ରାଣୀ। ବାଘ ସାଧାରଣତଃ ଏକାକୀ ଶିକାର କରେ। ଏହା ଧୈର୍ଯ୍ୟର ସହିତ ଶିକାରକୁ ଅନୁସରଣ କରି ହଠାତ୍ ଆକ୍ରମଣ କରେ। ଏହାର ଗୋପନ ଆକ୍ରମଣ କୌଶଳ ଅତ୍ୟନ୍ତ ପ୍ରସିଦ୍ଧ। ବାଘ ସାଧାରଣତଃ ଏକାକୀ ରହିବାକୁ ପସନ୍ଦ କରେ। ପ୍ରତ୍ୟେକ ବାଘର ନିଜସ୍ୱ କ୍ଷେତ୍ର ଥାଏ, ଯାହାକୁ ସେ ଅନ୍ୟ ବାଘଙ୍କଠାରୁ ସୁରକ୍ଷିତ ରଖେ। ବାଘ ଭଲ ପହଁରିପାରେ ଏବଂ ଜଳରେ ଖେଳିବାକୁ ମଧ୍ୟ ପସନ୍ଦ କରେ। ବାଘର ଗର୍ଜନ ବହୁତ ଭୟଙ୍କର ହୋଇଥାଏ। ଏହାର ଗର୍ଜନ ବହୁତ୍ ଦୂର ପର୍ଯ୍ୟନ୍ତ ଶୁଣାଯାଏ।

ମାଈ ବାଘ ପ୍ରାୟ ୯୫ରୁ ୧୧୦ ଦିନ ଗର୍ଭଧାରଣ କରିଥାଏ। ଏକ ଥରରେ



ସାଧାରଣତଃ ୨ରୁ ୪ଟି ଛୁଆ ଜନ୍ମ ଦେଇଥାଏ। ଛୁଆମାନଙ୍କର ଯତ୍ନ ମାଈ ବାଘ ନିଏ ଏବଂ ଶିକାର କରିବାର କୌଶଳ ମଧ୍ୟ ସେ ଶିଖାଏ। ପ୍ରାୟ ଦୁଇ ବର୍ଷ ପରେ ଛୁଆମାନେ ସ୍ୱାଧୀନ ଭାବରେ ବଞ୍ଚିବା ଆରମ୍ଭ କରନ୍ତି। ବାଘ ପରିବେଶର ସନ୍ତୁଳନ ରକ୍ଷା କରିବାରେ ଅତ୍ୟନ୍ତ ଆବଶ୍ୟକ। ବାଘ ସୁରକ୍ଷିତ ରହିଲେ ଜଙ୍ଗଲ, ଜଳ, ଉଦ୍ଭିଦ ଏବଂ ଅନେକ ପ୍ରାଣୀ ମଧ୍ୟ ସୁରକ୍ଷିତ ରହନ୍ତି। ବର୍ତ୍ତମାନ ବାଘ ଅନେକ ବିପଦର ସମ୍ମୁଖୀନ। ବନ ଧ୍ୱଂସ, ଶିକାର, ଚୋରା କାରବାର, ଜଳବାୟୁ ପରିବର୍ତ୍ତନ ଏବଂ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷ ବାଘର ସଂଖ୍ୟା କମାଇ ଦେଉଛି। ଜନସଂଖ୍ୟା ବୃଦ୍ଧି ସହ ଜଙ୍ଗଲ କାଟି ବସତି ଓ କୃଷିଜମି ତିଆରି କରାଯାଉଥିବାରୁ ବାଘର ବାସସ୍ଥାନ କମିଯାଉଛି।

ଭାରତ ସରକାର ୧୯୭୩ ମସିହାରେ "ପ୍ରୋଜେକ୍ଟ ଟାଇଗର" ଆରମ୍ଭ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ବାଘ ଓ ଏହାର ବାସସ୍ଥାନର ସୁରକ୍ଷା। ବର୍ତ୍ତମାନ ଦେଶର ବିଭିନ୍ନ ସ୍ଥାନରେ ଟାଇଗର ରିଜର୍ଭ ସ୍ଥାପନ କରାଯାଇଛି। ଶିକାର ନିଷେଧ, ବନ ସଂରକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଓ କଠୋର ଆଇନ ମାଧ୍ୟମରେ ବାଘ ସଂରକ୍ଷଣ କରାଯାଉଛି।ବାଘ ସଂରକ୍ଷଣ ପ୍ରତି ସଚେନତନା ବୃଦ୍ଧି କରିବା ଓ ବାଘ ରହୁଥିବା ପରିବେଶକୁ ସୁରକ୍ଷିତ ରଖିବା ଦିଗରେ ଲୋକଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତି ବର୍ଷ ଜୁଲାଇ ୨୯କୁ 'ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ' ଭାବେ ପାଳନ କରାଯାଉଛି। ୨୦୧୦ ମସିହା ଜୁଲାଇ ୨୯ ତାରିଖରେ ରୁଷିଆର ସେଣ୍ଟପିଟର୍ସବର୍ଗ ଶିଖର ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହେବା ପରେ ବିଶ୍ୱବାସୀ 'ବାଘ ଦିବସ' ପାଳନ କରିଆସୁଛନ୍ତି।

ଭାରତର ଜାତୀୟ ପ୍ରାଣୀ ଭାବରେ ବାଘ ଆମର ଗର୍ବ ଓ ଗୌରବର ପ୍ରତୀକ। ଏହା ଶକ୍ତି, ସାହସ, ଆତ୍ମବିଶ୍ୱାସ ଓ ଐଶ୍ୱର୍ଯ୍ୟର ପ୍ରତୀକ ଭାବେ ମଧ୍ୟ ପରିଚିତ। ଭାରତୀୟ ସଂସ୍କୃତି, ଲୋକକଥା, ଚିତ୍ରକଳା ଓ ସାହିତ୍ୟରେ ବାଘର ବିଶେଷ ସ୍ଥାନ ରହିଛି। ବାଘ ପ୍ରକୃତିର ଏକ ଅମୂଲ୍ୟ ସୃଷ୍ଟି। ଏହା କେବଳ ଏକ ଶକ୍ତିଶାଳୀ ବନ୍ୟଜନ୍ତୁ ନୁହେଁ, ବରଂ ପରିବେଶର ସନ୍ତୁଳନ ରକ୍ଷାକାରୀ ଏକ ପ୍ରମୁଖ ପ୍ରାଣୀ। ବାଘ ସଂରକ୍ଷଣ କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ। ଆମେ ସମସ୍ତେ ମିଶି ବାଘ ଓ ବନ ସଂରକ୍ଷଣ ପାଇଁ ସଚେତନ ହେବା ଏବଂ ଆଗାମୀ ପିଢ଼ି ପାଇଁ ଏହି ଅମୂଲ୍ୟ ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ ରଖିବା।

# ଆମେରିକା ଯିବା ପୂର୍ବରୁ ନେତାନ୍ୟାହୁଙ୍କ ବଡ଼ ବୟାନ

ଜେରୁଜେଲମ,୨୮।୭: ଇରାନ ସହିତ ଯୁଦ୍ଧ ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ପ୍ରଥମ ଥର ପାଇଁ ଟ୍ରମ୍ପଙ୍କୁ ଭେଟିବା ପାଇଁ ଆମେରିକାରେ ପହଞ୍ଚିଛନ୍ତି। ଆମେରିକା ଯିବା ପୂର୍ବରୁ, ନେତାନ୍ୟାହୁ ତାଙ୍କ ମିଶନର ରୂପରେଖା ଏବଂ ବୈଠକ ସମୟରେ ଆଲୋଚନା ହେବାକୁ ଥିବା ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉଲ୍ଲେଖ କରି ଏକ ବିବୃତ୍ତି ଜାରି କରିଥିଲେ

ଇସ୍ରାଏଲ ଛାଡିବା ପୂର୍ବରୁ ବିମାନବନ୍ଦରରେ ଭାଷଣ ଦେଇ ନେତାନ୍ୟାହୁ କହିଥିଲେ, 'ମୁଁ ଆଉ ଏକ ମିଶନରେ ମଧ ବାହାରିଛି: ମୋର ବନ୍ଧୁ ମୋର ଏବଂ ଇସ୍ରାଏଲ ଉଭୟଙ୍କ ପାଇଁ ଜଣେ ପ୍ରକୃତ ବନ୍ଧୁ ଲିଣ୍ଡସେ ଗ୍ରାହାମଙ୍କୁ ଶେଷ ବିଦାୟ ଦେବା, ଯିଏ ଇସ୍ରାଏଲର ସବୁଠାରୁ ଭଲ ବନ୍ଧୁମାନଙ୍କ ମଧ୍ୟରୁ ଜଣେ। ମୁଁ ନିଶ୍ଚିତ ଯେ ଏହା କରି, ମୁଁ ଆପଣମାନଙ୍କ ସମସ୍ତଙ୍କୁ, ଇସ୍ରାଏଲର ନାଗରିକମାନଙ୍କୁ ପ୍ରତିନିଧିତ୍ୱ କରୁଛି।' ୱାଶିଂଟନ ଯିବା ପୂର୍ବରୁ, ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଥିଲେ, 'ମୁଁ ମୋର ବନ୍ଧୁ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବା ପାଇଁ ୱାଶିଂଟନ ଯାଉଛି। ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହେବା ପରେ ଏହା ତାଙ୍କ ସହିତ ମୋର ଅଷ୍ଟମ ସାକ୍ଷାତ ହେବ ଅନ୍ୟ କୌଣସି ଅନ୍ତର୍ଜାତୀୟ ନେତାଙ୍କ ଅପେକ୍ଷା ଅଧିକ।' ସେ ମନ୍ତବ୍ୟ ଦେଇଥିଲେ ଯେ ଏହା ଏକ ମହାନ ସମ୍ମାନ କିନ୍ତୁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ

ଏକ ଭିଡିଓ ପୋଷ୍ଟରେ ନେତାନ୍ୟାହୁ ଉଲ୍ଲେଖ କରିଛନ୍ତି, 'ପ୍ରଧାନମନ୍ତ୍ରୀ ଭାବରେ ମୋର ଅଭିଜ୍ଞତାକୁ ଆଧାର କରି, ମୁଁ କହିପାରିବି ଯେ ଏପରି ଚ୍ୟାଲେଞ୍ଜିଂ ସମୟରେ, ଆମକୁ ବହୁତ ଦୃଢ଼ ନିଷ୍ଠା ଏବଂ ଜ୍ଞାନର ସହିତ କାର୍ଯ୍ୟ କରିବାକୁ ପଡିବ। ଆମେ କାର୍ଯ୍ୟସୂଚୀର ସମସ୍ତ ବିଷୟ ଉପରେ ଆଲୋଚନା କରିବୁ, ଯେଉଁଥିରେ ଇରାନ ପ୍ରଥମ ପ୍ରାଥମିକତା ହେବ।' ସେ ଆହୁରି ମଧ କହିଛନ୍ତି, 'ସ୍ୱାଭାବିକ ଭାବରେ, ଆମର ଲକ୍ଷ୍ୟ ହେଉଛି ଆମର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଆମ ଚାରିପାଖରେ ଶାନ୍ତିର ପରିଧିକୁ ବିସ୍ତାର କରିବା। ମୁଁ ଏକ ସ୍ୱଷ୍ଟ ଉଦ୍ଦେଶ୍ୟ ସହିତ ଏହି ମିଶନରେ ଆରମ୍ଭ କରୁଛି: ଆମର ପ୍ରିୟ ଦେଶ ଇସ୍ରାଏଲର ସୁରକ୍ଷା, ଶକ୍ତି ଏବଂ ଭବିଷ୍ୟତ ସୁନିଶ୍ଚିତ କରିବା।

ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପୂର୍ବରୁ ଫେବୃଆରୀ ୨୦୨୬ ରେ ଆମେରିକା ଗସ୍ତ କରିଥିଲେ। ସେ ଫେବୃଆରୀ ୧୧-୧୨ ରେ ୱାଶିଂଟନ ଡି.ସି.



ରେ ଆମେରିକାର ନେତୃତ୍ୱ ସହିତ ସାକ୍ଷାତ କରିଥିଲେ, ଯେଉଁଠାରେ ଇରାନ ଏବଂ ସାମରିକ ରଣନୀତି ସହିତ ଜଡିତ ସୁରକ୍ଷା ପ୍ରସଙ୍ଗ ବିଷୟରେ ବ୍ୟାପକ ଆଲୋଚନା ହୋଇଥିଲା। ପରବର୍ତ୍ତୀ ସମୟରେ, ଫେବୃଆରୀ ୨୮ରେ, ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଏକ ମିଳିତ ଆକ୍ରମଣ ଆରମ୍ଭ କରିଥିଲେ।

ଫେବୃଆରୀ ୨୮ରେ, ଆମେରିକା ଏବଂ ଇସ୍ରାଏଲ ଇରାନ ବିରୁଦ୍ଧରେ ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ମାସ ମାସର ସଂଘର୍ଷ ପରେ ଆମେରିକା ଏବଂ ଇରାନ ମଧ୍ୟରେ ଏକ ଯୁଦ୍ଧବିରାମ ହୋଇଥିଲା। ଇରାନ କିଛି ସର୍ତ୍ତରେ ରାଜି ହୋଇଥିଲା, ଯେପରିକି ଏହାର ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିବା ଏବଂ ହର୍ମୁଜ ପ୍ରଣାଳୀକୁ ସାଧାରଣ କାର୍ଯ୍ୟ ପାଇଁ ଖୋଲା ରଖିବା, କିନ୍ତୁ ଲେବାନନରେ ଇସ୍ରାଏଲୀ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ପାଇଁ ଦାବିରେ ଅଟଳ ରହିଥିଲା। ଯଦିଓ ଆମେରିକା ରାଷ୍ଟ୍ରପତି ପ୍ରାରମ୍ଭରେ ଏଥିରେ ସହମତ ହୋଇଥିଲେ, ଇସ୍ରାଏଲ ଏହାର ଆକ୍ରମଣ ଜାରି ରଖିଥିଲା, ଯାହା ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଫାଟ ସୃଷ୍ଟି କରିଥିଲା। ଫଳସ୍ୱରୂପ, ଶାନ୍ତି ଚୁକ୍ତି କ୍ଷଣସ୍ଥାୟୀ ହୋଇଥିଲା, ଏବଂ ଆମେରିକା ଏବଂ ଇରାନ ମଧ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଥିଲା। ପରିସ୍ଥିତି ଏବେ ଶାନ୍ତ ହୋଇଛି, ଏବଂ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଆମେରିକାରେ ପହଞ୍ଚିଛନ୍ତି, ଯେଉଁଠାରେ ଇରାନ ସମ୍ବନ୍ଧୀୟ ସୁରକ୍ଷା ଏବଂ ରଣନୈତିକ ପ୍ରସଙ୍ଗ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନାର ମୁଖ୍ୟ କେନ୍ଦ୍ରବିନ୍ଦୁ ହେବ ବୋଲି ଆଶା କରାଯାଉଛି।

## ଆମେରିକାରେ ଅସ୍ତ୍ରଶସ୍ତ୍ରର ଅଭାବ ନାହିଁ : ଟ୍ରମ୍ପ

ୱାଶିଂଟନ : ଆମେରିକା ନିକଟରେ ଅସ୍ତ୍ରଶସ୍ତ୍ରର କୌଣସି ଅଭାବ ନାହିଁ ବୋଲି ସ୍ୱଷ୍ଟ କରିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଆମେରିକାର ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ହ୍ରାସ କରୁଥିବା ରିପୋର୍ଟକୁ ଟ୍ରମ୍ପ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ଆମେରିକା ପାଖରେ ପର୍ଯ୍ୟାପ୍ତ ପରିମାଣର ଗୋଳାବାରୁଦ ଅଛି। ଅନେକ ରିପୋର୍ଟରେ ଦାବି କରାଯାଇଛି ଯେ ଆମେରିକାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥାର ଅଭାବ ରହିଛି। ତେବେ ଏହି ରିପୋର୍ଟରେ କୌଣସି ସତ୍ୟତା ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ବିଶ୍ୱର ଅନ୍ୟ ଯେକୌଣସି ଦେଶ ଅପେକ୍ଷା ଆମେରିକା ପାଖରେ ଅଧିକ ଗୋଳାବାରୁଦ ଅଛି ଏବଂ ଆମର ଆବଶ୍ୟକତାଠାରୁ ଏହା ବହୁତ ଅଧିକ। ପଶ୍ଚିମ ଏସିଆରେ



ଚାଲିଥିବା କାର୍ଯ୍ୟକଳାପ ଦ୍ୱାରା ଆମର କ୍ଷେପଣାସ୍ତ୍ର ଭଣ୍ଡାର ଉପରେ କୌଣସି ଚାପ ପଡୁନାହିଁ ବୋଲି ସେ ଦାବି କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଅସ୍ତ୍ରଶସ୍ତ୍ରର ଅଭାବ ଆମେରିକାରେ ନୁହେଁ ବରଂ ଇରାନରେ ଦେଖାଯାଉଛି। ସେ କହିଛନ୍ତି ଇରାନ ପାଖରେ ଅସ୍ତ୍ରଶସ୍ତ୍ର ସରିଯାଉଛି। ଆମର ସାମରିକ ଅଭିଯାନ ଇରାନର କ୍ଷେପଣାସ୍ତ୍ର ଭିତ୍ତିଭୂମିକୁ ଦୁର୍ବଳ କରିଛି। ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ ନିଜର ଅନେକ ଏଆଇ-ଜେନେରେଟେଡ୍ ଫଟୋ ପୋଷ୍ଟ କରିଛନ୍ତି। ଏହି ଫଟୋଗୁଡ଼ିକ ଇରାନ ବିରୋଧରେ ଆମେରିକୀୟ ସୈନ୍ୟ ବିଜୟକୁ ଦର୍ଶାଉଛି। ଟ୍ରମ୍ପ ନିଜେ ଏକ ଇରାନୀ ତୈଳ ଟ୍ୟାଙ୍କର୍ ଜବତ କରିବା ଏବଂ ଇରାନୀ ଦ୍ୱୀପପୁଞ୍ଜ ଉପରେ ବୋମା ମାଡ଼ କରୁଥିବା ଦେଖାଯାଉଛି। ଫଟୋରେ ଟ୍ରମ୍ପ ନିଜକୁ ବିଶ୍ୱର ରକ୍ଷକ ବୋଲି କହୁଛନ୍ତି।

## କେବଳ ଆନ୍ଦୋଳନ ପାଇଁ ଲାଠିଚାଳନା କରାଯାଇପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୮।୭: କେବଳ ଆନ୍ଦୋଳନ ଚାଲିବାକୁ ନେଇ ପୋଲିସ ମାତ୍ରାଧିକ ବଳପ୍ରୟୋଗ କିମ୍ବା ହିଂସା କରିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିଜ ଭିତରେ ଶୃଙ୍ଖଳା ରଖିବା ଜରୁରୀ। ଆନ୍ଦୋଳନ ଓ ଶାନ୍ତି ମଧ୍ୟରେ ସନ୍ତୁଳନ ରଖିବାକୁ ହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଦିଲ୍ଲୀ ଓ ଅନ୍ୟ କେତେକ ସ୍ଥାନରେ ଏନ୍‌ଇଇଟି ପ୍ରଶ୍ନପତ୍ର ଲିକ୍ ବିରୋଧରେ ବିକ୍ଷୋଭ ବେଳେ ପୋଲିସର ମାତ୍ରାଧିକ ବଳପ୍ରୟୋଗକୁ ବିରୋଧ କରି ସର୍ବୋଚ୍ଚ ଅଦାଲତରେ ଏକାଧିକ ପିଟିଶନ୍ ଦାଏର ହୋଇଥିବାବେଳେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଏବଂ ଭି. ମୋହନଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଉପରୋକ୍ତ ଟିପ୍ପଣୀ ଦେବା ସହ ପରବର୍ତ୍ତୀ ଶୁଣାଣି ମଙ୍ଗଳବାରକୁ ଧାର୍ଯ୍ୟ କରିଛନ୍ତି। ରାଜ୍ୟ ସଭା ସଦସ୍ୟ ମନୋଜ ଝା'ଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ପିଟିଶନ ଦାଏର କରିଥିଲେ। ଆନ୍ଦୋଳନ କରିବା ଅଧିକାର, ଶାନ୍ତିପୂର୍ଣ୍ଣ ବିକ୍ଷୋଭ, ଆଇନଗତ ପ୍ରତିବାଦ କରିବାର ଅଧିକାର ସମ୍ବିଧାନ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ କରାଯାଇଛି। ଯେପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରହିଛି, କେବଳ ଆନ୍ଦୋଳନ ଚାଲିବାକୁ ନେଇ ପୋଲିସ ବା ପ୍ରଶାସନ ପକ୍ଷରୁ ଅତ୍ୟଧିକ



ବଳପ୍ରୟୋଗ କରାଯାଇପାରିବ ନାହିଁ ବୋଲି ସିଜେଆଇ କହିଛନ୍ତି। ଏକ ଆଚରଣ ବ୍ୟବସ୍ଥା ରହିବା ଆବଶ୍ୟକ। ଯଦି ଆନ୍ଦୋଳନକାରୀ ଗୋଟିଏ ପ୍ରସଙ୍ଗକୁ ନେଇ ଆନ୍ଦୋଳନ କରିବାକୁ ଚାହୁଁଥାନ୍ତି, ତେବେ ସେମାନଙ୍କୁ ଉପଯୁକ୍ତ ସ୍ଥାନ ଯୋଗାଇ ଦିଆଯିବା ଆବଶ୍ୟକ। ଏଥିରେ କୌଣସି କଟକଣା କିମ୍ବା ପ୍ରତିବନ୍ଧକ ରହିବା ଉଚିତ ନୁହେଁ। କିନ୍ତୁ ଯଦି ଅନ୍ୟ କେହି ଅସାମାଜିକ ତତ୍ତ୍ୱ କିଛି ଭୁଲ୍ କରୁଥାନ୍ତି, ତେବେ ତାହାର ନିଶ୍ଚିତ ସମାଧାନ କରାଯାଇପାରିବ। କୌଣସି ପକ୍ଷ ଏହାକୁ ପ୍ରତିକୂଳ ଭାବେ ନେବା ଉଚିତ ନୁହେଁ ବୋଲି ସିଜେଆଇ ପରାମର୍ଶ ଦେଇଛନ୍ତି। ଯଦି ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ଅତ୍ୟଧିକ ବଳପ୍ରୟୋଗ କରିଥାଏ, ତାହାର ନିରପେକ୍ଷ ତଦନ୍ତ କରାଯାଇ ଏଥିପାଇଁ କିଏ ଦାୟୀ ତାହା ଯାଞ୍ଚ କରାଯିବା ଦରକାର। ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ କି ପ୍ରତିକାର ବ୍ୟବସ୍ଥା ଓ ବାଧ୍ୟତାମୂଳକ ମାର୍ଗଦର୍ଶିକା ରହିଛି, ତାହା ଜାଣିବା ଆବଶ୍ୟକ ବୋଲି ସିଜେଆଇ କହିଛନ୍ତି।

## ୨୦୨୬: ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତକୁ ଆଉ ଗୋଟିଏ ସ୍ୱର୍ଣ୍ଣ, ଇତିହାସ ରଚିଲେ ଶର୍ମିଳା

ଗ୍ଲାସଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତକୁ ମିଳିଛି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ସୋମବାର ଦେଶ ପାଇଁ ଏହି ପଦକ ଜିତିଛନ୍ତି ପାରା ଶଟ୍ ପୁଟର୍ ଶର୍ମିଳା ଧନଖଡ଼। ମହିଳା ଶଟ୍ ପୁଟ୍ ଋ୫୭ ଇଭେଣ୍ଟରେ ୯.୮୧ ମିଟରର ନିଜର ଚଳିତ ସିଜନର ଶ୍ରେଷ୍ଠ ପ୍ରଦର୍ଶନ ସହ ସେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହାସହ ଶର୍ମିଳା ରାଜ୍ୟଗୋଷ୍ଠୀ କ୍ରୀଡ଼ା (କମନୱେଲଥ ଗେମ୍ସ) ପାରା-ଆଥଲେଟିକ୍ସରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ତାଙ୍କର ଏହି ସଫଳତା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାରା-ଆଥଲେଟିକ୍ସରେ ଭାରତର ୨୦ ବର୍ଷର ପଦକ ପ୍ରତୀକ୍ଷାର ଅନ୍ତ ଘଟାଇଛି। ସୋମବାର ସୁଦ୍ଧା ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୫ମ ଦିବସ ଶେଷ ହୋଇଥିବା ବେଳେ ଭାରତର ପଦକ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ଗତକାଲି ଭାରତୀୟ ହାଇ ଜମ୍ପର୍ ସର୍ବେଶ କୁଶାରେ ସ୍କଟସଟାଉନ୍ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ହାଇ ଜମ୍ପ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରି କୁଶାରେ ୨.୨୫ ମିଟର ଡେଇଁଥିଲେ, ହେଲେ ୨.୨୮ ମିଟର ପାଇଁ ୩ଟି ବିଫଳ ପ୍ରୟାସ ପରେ ତାଙ୍କୁ ରୌପ୍ୟ ପଦକରେ




ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଅନ୍ୟପଟେ ଜାମାଇକାର ରୋମେନ୍ ବେକଫୋର୍ଡ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଥିଲେ।

ଏତଦ୍‌ବ୍ୟତୀତ, ଭାରୋତ୍ତୋଳକ ବଲ୍ଲୁରୀ ଅଜୟ ବାବୁ ଏବଂ ଜ୍ଞାନେଶ୍ୱରୀ ଯାଦବ ଗୋଟିଏ ଲେଖାଏ ରୌପ୍ୟ ପଦକ ହାସଲ କରିଛନ୍ତି। ମଲେସିଆର ମହମ୍ମଦ ଏରୀ ହିଦାୟତଙ୍କଠାରୁ ମାତ୍ର ୧ କିଲୋଗ୍ରାମ ପଛରେ ରହି ପୁରୁଷ ୭୯ କିଗ୍ରା ବର୍ଗରେ ବଲ୍ଲୁରୀ ବାବୁ ସ୍ୱର୍ଣ୍ଣ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ଏହାପୂର୍ବରୁ ଦିନର ଆରମ୍ଭରେ, ଜ୍ଞାନେଶ୍ୱରୀ ନିଜର ପ୍ରଥମ ସିଡବ୍ଲ୍ୟୁଜି (କମନୱେଲଥ ଗେମ୍ସ) ପଦାର୍ପଣରେ ମହିଳା ୫୩ କିଗ୍ରା ଇଭେଣ୍ଟରେ ରୌପ୍ୟ ଜିତି ଥିଲେ।

ଶଟ୍ ପୁଟର୍ ଶିଳ୍ପା ଶାଇଲା ମହିଳା ଶଟ୍ ପୁଟ୍ ଋ୫୭ ଇଭେଣ୍ଟରେ ଏକ ନାଟକୀୟ ଭାବେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମ୍ୟାଚ୍ ପରବର୍ତ୍ତୀ ପ୍ରତିବାଦ ଏବଂ ସମୀକ୍ଷା (ପ୍ରୋଟେଷ୍ଟ ଏବଂ ରିଭ୍ୟୁ) ନାଇଜେରିଆର ୟୁଚାରିଆ ଆଇୟାଜିଙ୍କ ବୈଧ ସ୍କୋରକୁ ରଦ୍ଦ କରାଯିବା ପରେ ଶିଳ୍ପାଙ୍କୁ ଏହି ପଦକ ମିଳିଥିଲା। ଏହାସହିତ ଗ୍ଲାସଗୋ ୨୦୨୬ କମନୱେଲଥ ଗେମ୍ସରେ ୨ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଏବଂ ୩ଟି ବ୍ରୋଞ୍ଜ ସହିତ ଭାରତର ମୋଟ ପଦକ ସଂଖ୍ୟା ୧୦ରେ ପହଞ୍ଚିଛି।

## ଇ-୨୦ ଇନ୍ଧନ ନୀତିକୁ ବିରୋଧ: ୪ରେ ଦିଲ୍ଲୀ ପରିବହନ ସଂଘର ସଂସଦ ଅଭିମୁଖେ ଶୋଭାଯାତ୍ରା

ନୂଆଦିଲ୍ଲୀ : ଦିଲ୍ଲୀର ଟ୍ୟାକ୍ସି ଓ ପରିବହନ ସଂଘଗୁଡ଼ିକ ପକ୍ଷରୁ ଇ-୨୦ ଇନ୍ଧନ (ଇଥାନଲ୍-ମିଶ୍ରିତ ପେଟ୍ରୋଲ) ନୀତି ବିରୋଧରେ ଆସନ୍ତା ଅଗଷ୍ଟ ୪ ତାରିଖରେ ସଂସଦ ଭବନ ଅଭିମୁଖେ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା କରାଯିବ ବୋଲି ଘୋଷଣା କରାଯାଇଛି। ସାଂସଦମାନେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏପର୍ଯ୍ୟନ୍ତ ନିରବ ରହିଥିବାରୁ ସେମାନଙ୍କୁ ଚେତାଇବା ପାଇଁ ପ୍ରସ୍ତାବିତ ଶୋଭାଯାତ୍ରା 'ୱେକ୍-ଅପ୍ କଲ୍' ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୋଗୁଁ ଗାଡ଼ିଗୁଡ଼ିକର ମାଇଲେଜ୍ କମିଯାଉଛି, ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି ପାଉଛି। ବିଶେଷ କରି ପୁରୁଣା ମଡେ଼ଲ୍ ଗାଡ଼ିଗୁଡ଼ିକର ଇଞ୍ଜିନ୍ ଉପରେ ଏହାର କୁପ୍ରଭାବ ପଡୁଛି। ପରିବହନ ସଂଘଗୁଡ଼ିକ ଇ-୨୦ ଇନ୍ଧନକୁ ବାଧ୍ୟତାମୂଳକ ନକରି ଗ୍ରାହକଙ୍କୁ ସାଧାରଣ ପେଟ୍ରୋଲ୍ ବାଛିବାର ବିକଳ୍ପ ଦେବାକୁ ଦାବି କରିଛନ୍ତି। ଏହା ସହିତ ଏହି ନୀତିର ଏକାନ୍ତ ବୈଜ୍ଞାନିକ ସମୀକ୍ଷା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି। ଦିଲ୍ଲୀ ଟ୍ୟାକ୍ସି ଆଣ୍ଡ ଟୁରିଷ୍ଟ ଟ୍ରାନ୍ସପୋର୍ଟର୍ସ ଆଣ୍ଡ ଟୁର୍ ଅପରେଟର୍ସ ଆସୋସିଏସନ୍ ଓ ଅନ୍ୟାନ୍ୟ ସଂଗଠନ ଏହି ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ଆସୋସିଏସନ୍ ସଭାପତି ସଞ୍ଜୟ ସମ୍ରାଟ କହିଛନ୍ତି ଯେ ତାଙ୍କର ଏହି ଶୋଭାଯାତ୍ରା ଇ-୨୦ ଜନତା ପାର୍ଟି ଓ କକ୍ରୋଚ ଜନତା ପାର୍ଟି (ସିଜେପି)ର ବନ୍ଦ ଡାକରା ସହିତ କୌଣସି ପ୍ରକାର ଜଡିତ ନୁହେଁ। ଏହା ସମ୍ପୂର୍ଣ୍ଣ ଏକ ଅଣରାଜନୈତିକ ପ୍ରତିବାଦ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଖୁବଶୀଘ୍ର ଆସୁଛି ୧୦ ଓ ୨୦ ଟଙ୍କାର ପ୍ଲାଷ୍ଟିକ୍ ନୋଟ୍

ନୂଆଦିଲ୍ଲୀ, ୨୮।୭ : ଭାରତୀୟ ଆର୍ଥିକ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି। ଭାରତୀୟ କେନ୍ଦ୍ରୀୟ ବ୍ୟାଙ୍କ (RBI) ପକ୍ଷରୁ ୧୦ ଓ ୨୦ ଟଙ୍କିଆ ପ୍ଲାଷ୍ଟିକ୍ ବା ପଲିମର ନୋଟ୍ ପ୍ରଚଳନ ପାଇଁ କ୍ଷେତ୍ରୀୟ ପରୀକ୍ଷା କରାଯିବ ଓ ଏନେଇ ଅର୍ଥ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ସୋମବାର ଲୋକସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ଏହି ସୂଚନା ଦେଇଛନ୍ତି। ଆରବିଆଇର ଏହି ପରୀକ୍ଷଣ ଅଧୀନରେ ୧୦ ଟଙ୍କା ଏବଂ ୨୦ ଟଙ୍କିଆ ନୋଟ୍ ପ୍ରତ୍ୟେକର ୧୦୦ କୋଟି ପିସ୍ ବଜାରକୁ ଅଣାଯିବ, ଯାହାର ମୋଟ ମୂଲ୍ୟ ୩,୦୦୦ କୋଟି ଟଙ୍କା ହେବ। ତେବେ ବର୍ତ୍ତମାନ ଅନେକ ଲୋକମାନଙ୍କ ମନରେ ଏକ ସାଧାରଣନ ପ୍ରଶ୍ନ ଆସିପାରେ କଣ କାଗଜ ନୋଟ୍ ବନ୍ଦ ହେଇଯିବକି ? ସରକାର ଏନେଇ ସ୍ୱଷ୍ଟ କରିଛନ୍ତି ଯେ ଏହି ପ୍ଲାଷ୍ଟିକ୍ ନୋଟ୍ ଗୁଡ଼ିକ କାଗଜ ନୋଟ୍ ସହିତ ସମାନ ଭାବରେ ଚଳାଚଳ କରିବ। କାଗଜ ନୋଟକୁ ପ୍ଲାଷ୍ଟିକ୍ ନୋଟ୍ ଦ୍ୱାରା ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବାର କୌଣସି ପ୍ରସ୍ତାବ ବର୍ତ୍ତମାନ ସମୟରେ ନାହିଁ। ତେବେ କାଗଜ ନୋଟର ପ୍ରଚଳନ ଚାଲିଥିବା ବେଳେ ସରକାର କାହିଁକି ୧୦ ଓ ୨୦ ଟଙ୍କିଆ ପ୍ଲାଷ୍ଟିକ ନୋଟ୍ ଆଣିବାକୁ ଚାହିଁଲେ ? ତଥ୍ୟ ଅନୁଯାୟୀ, ୧୦ ଓ ୨୦ ଟଙ୍କିଆ ନୋଟ୍ ଗୁଡ଼ିକ ସମସ୍ତ ମୁଦ୍ରା ନୋଟ୍ର ସଂଖ୍ୟା ଦୃଷ୍ଟିରୁ ପ୍ରାୟ ଚତୁର୍ଥାଂଶ ଅଟେ, କିନ୍ତୁ ପ୍ରଚଳନରେ ଥିବା ମୋଟ ମୂଲ୍ୟର ଏହା ମାତ୍ର ୧.୩ ପ୍ରତିଶତ ଅଟେ।

ଅଷ୍ଟ୍ରେଲିଆରେ ପ୍ରଥମେ ୧୯୮୮ ମସିହାରେ ପ୍ଲାଷ୍ଟିକ୍ ନୋଟ୍ ଜାରି କରାଯାଇଥିବାବେଳେ ବର୍ତ୍ତମାନ ବିଶ୍ୱର ୫୦ରୁ ଅଧିକ ଦେଶରେ ଏହା ବ୍ୟବହାର କରାଯାଉଛି। ଅନ୍ତର୍ଜାତୀୟ ଅଧ୍ୟୟନ ଅନୁଯାୟୀ, କାଗଜ ନୋଟ୍ ଅପେକ୍ଷା ପଲିମର ନୋଟର ଆୟୁଷ ବହୁତ ଅଧିକ




ହୋଇଥାଏ। ଏହା ପାଣିରେ ଭିଜିଲେ କିମ୍ବା ଅସାବଧାନତା ହେତୁ ନଷ୍ଟ ହେଇଯିବାର ସମ୍ଭାବନା ମଧ ବହୁତ କମ ଓ ଏହି ସବୁ କାରଣ ହେତୁ କାଗଜ ଠାରୁ ଅଧିକ ଚିରସ୍ଥାୟୀ ବୋଲି ପ୍ଲାଷ୍ଟିକ ନୋଟକୁ ସ୍ଥିର କରାଯାଇଛି ଓ ଭାରତରେ କଣ ଏହା ପୂର୍ବରୁ ପ୍ଲାଷ୍ଟିକ ନୋଟାକୁ ନେଇ ପରୀକ୍ଷା ହୋଇଥିଲା କି ?

ଭାରତରେ ପ୍ଲାଷ୍ଟିକ୍ ନୋଟ୍ ପରୀକ୍ଷା କରିବାର ଏହା ହେଉଛି ଦ୍ୱିତୀୟ ପ୍ରୟାସ। ୨୦୦୯ ରେ ପ୍ରଥମ ପ୍ରୟାସ କରାଯାଇଥିଲା ଓ ଆରବିଆଇ ପକ୍ଷରୁ ସେପ୍ଟେମ୍ବର ୨୦୦୯ରେ ୧୦ ଟଙ୍କିଆ ନୋଟର ୧୦୦ କୋଟି ପିସ୍ ପାଇଁ ଟେଣ୍ଡର ଡକାଯାଇଥିଲା। ଏହି ନୋଟ୍ ଗୁଡ଼ିକୁ ବିଭିନ୍ନ ସ୍ଥାନରେ ଯଥା କୋଚି, ମହୀଶୂର, ସିମଲା, ଜୟପୁର ଏବଂ ଭୁବନେଶ୍ୱରରେ ପରୀକ୍ଷା କରାଯିବାର ଥିଲା। କିନ୍ତୁ କିଛି 'ଯାନ୍ତ୍ରିକ ତ୍ରୁଟି' ଯୋଗୁଁ ସେତେବେଳେ ଏହି ପ୍ରକଳ୍ପ ଆଗକୁ ବଢ଼ିପାରି ନଥିଲା। ଚଳିତ ବର୍ଷ ଜୁଲାଇ ୧୭ ତାରିଖରେ, ଆରବିଆଇର ଅଧୀନସ୍ଥ ଏକ ସଂସ୍ଥା 'ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ ମୁଦ୍ରଣ ପ୍ରାଇଭେଟ୍ ଲିମିଟେଡ୍' ଦୁଇଟି ମୂଲ୍ୟବର୍ଗର ନୋଟ୍ ଛାପିବା ପାଇଁ ୩.୪ କୋଟି ପଲିମର ସିଟ୍ ସଂଗ୍ରହ ନିମନ୍ତେ ଏକ ବିଶ୍ୱବ୍ୟାପୀ ଟେଣ୍ଡର ପ୍ରସ୍ତୁତ କରିଛି। ଏହା ସଫଳ ହେଲେ ଭବିଷ୍ୟତରେ ଅନ୍ୟ ମୂଲ୍ୟବର୍ଗର ନୋଟ୍ ମଧ ପ୍ଲାଷ୍ଟିକ୍ରେ ତିଆରି ହୋଇପାରେ ବୋଲି ସୂଚନା ମିଳିଛି।

## "କକ୍ରୋଚ୍"କୁ ନେଇ କଙ୍ଗନା ରାଣାଓ୍ୱତଙ୍କ କଟାକ୍ଷ

ନୂଆଦିଲ୍ଲୀ: ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରାଣାଓ୍ୱତ ଦିଲ୍ଲୀର ଜନ୍ତର ମନ୍ତରରେ ଆୟୋଜିତ ଏକ ଛାତ୍ର ପ୍ରତିବାଦକୁ ନେଇ ସୋସିଆଲ ମିଡିଆରେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ଇନଷ୍ଟାଗ୍ରାମ ଷ୍ଟୋରୀରେ କରିଥିବା ଏକ ପୋଷ୍ଟରେ ସେ ପ୍ରତିବାଦ ସମ୍ପର୍କିତ ରିଲ୍‌ଗୁଡ଼ିକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରତିବାଦକାରୀଙ୍କ ଭାଷା ଓ ଆଚରଣକୁ ସମାଲୋଚନା କରିଛନ୍ତି। କଙ୍ଗନା ତାଙ୍କ ପୋଷ୍ଟରେ ଲେଖିଛନ୍ତି ଯେ, ପ୍ରତିବାଦ ସହ ଜଡିତ କିଛି ରିଲ୍‌ରେ ବ୍ୟବହୃତ ଭାଷା ଓ ବିଷୟବସ୍ତୁ ତାଙ୍କୁ ବିଚଳିତ କରିଛି। ସେ କହିଛନ୍ତି ଯେ, ଏଭଳି ଭିଡିଓ ଦେଖି ତାଙ୍କୁ "ବାନ୍ତି ଲାଗିବା ଭଳି ଅନୁଭବ" ହୋଇଛି। ଏହା ସହ ସେ ପ୍ରଶ୍ନ କରିଛନ୍ତି ଯେ, ଏଭଳି ଆଚରଣ ଓ ଭାଷା କେଉଁ ପ୍ରକାରର ଲାଳନପାଳନର ପରିଣାମ। ଏହା ସହ "କକ୍ରୋଚ୍" ପ୍ରତୀକକୁ ମଧ କଙ୍ଗନା ସମାଲୋଚନା କରିଛନ୍ତି। ସେ ଲେଖିଛନ୍ତି ଯେ, ଏଭଳି ପ୍ରତୀକ ଓ ଆଚରଣ ଗ୍ରହଣୀୟ ନୁହେଁ ବୋଲି ସେ ମନେ କରନ୍ତି। ତାଙ୍କର ଏହି ପୋଷ୍ଟ ସୋସିଆଲ ମିଡିଆରେ ବ୍ୟାପକ ଭାବେ ସେୟାର ହେଉଛି।

## ଇରାନକୁ ସହାୟତା କରୁଛି ରୁଷିଆ ! ଜେଲେନସ୍କିଙ୍କ ଦାବି ଉପରେ ଟ୍ରମ୍ପଙ୍କ ବଡ଼ ବୟାନ

ୱାଶିଂଟନ, ୨୮।୭: ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ଦ୍ୱାରା କରାଯାଇଥିବା ଏକ ଦାବିର ଜବାବ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଜେଲେନସ୍କି କହିଥିଲେ ଯେ ରୁଷିଆ ଆମେରିକା ବିରୁଦ୍ଧରେ ସଂଘର୍ଷରେ ଇରାନକୁ ସାହାଯ୍ୟ କରୁଛି । ଟ୍ରମ୍ପ କହିଛନ୍ତି ଯେ, ସେ ଏହି ବିଷୟରେ ରୁଷିଆ ରାଷ୍ଟ୍ରପତି ପୁଟିନଙ୍କୁ ପଚାରିବେ।

ଶନିବାର ଜେଲେନସ୍କି ଅଭିଯୋଗ କରିଥିଲେ ଯେ ମସ୍କୋ ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକୀୟ ସାମରିକ ପୋଷ୍ଟ ଏବଂ ଘାଟି ଉପରେ ଆକ୍ରମଣ କରିବାରେ ଇରାନକୁ ସହାୟତା କରିବା ପାଇଁ ସାଟେଲାଇଟ୍ ଗୁପ୍ତଚର ଯୋଗାଇ ଦେଉଛି। ସେ ଏହା ମଧ ପ୍ରକାଶ କରିଥିଲେ ଯେ ମସ୍କୋ ଏହାର ସାମରିକ ଶକ୍ତିକୁ ବୃଦ୍ଧି କରିବା ପାଇଁ ୩୦,୦୦୦ ଉତ୍ତର କୋରିଆ ସୈନ୍ୟ ହାସଲ କରିବାକୁ ପ୍ରସ୍ତୁତ ହେଉଛି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଟ୍ରମ୍ପ କହିଛନ୍ତି ଯେ, ଆମେରିକା ଏହି ସଂଘର୍ଷରେ ଇରାନକୁ ଦୃଢ଼ ଭାବରେ ପରାସ୍ତ କରିଛି। ସେ ଦାବି କରିଥିଲେ ଯେ ଇସଲାମିକ୍ ଗଣରାଜ୍ୟ ହାରୁଛି, ଯଦିଓ ଏଥିରେ କୌଣସି ରୁଷୀୟ ସହାୟତା ଜଡିତ ଅଛି। ଟ୍ରମ୍ପ କହିଥିଲେ, "ଆମେ ଏହା ସତ୍ୟ କି ନାହିଁ ତାହା ଜାଣିବୁ। ମୁଁ ପୁଟିନଙ୍କୁ ଏ ବିଷୟରେ ପଚାରିବି। ଆମେ ଏହାର ମୂଳଦୁଆ ପର୍ଯ୍ୟନ୍ତ ପହଞ୍ଚିବୁ।"

ସେ ଆହୁରି ମଧ କହିଛନ୍ତି, "ଏହାର ବିଶେଷ ପ୍ରଭାବ ପଡ଼ିନାହିଁ କାରଣ ଆମେ ଇରାନକୁ ସମ୍ପୂର୍ଣ୍ଣ ପରାସ୍ତ କରିଛୁ। ସେମାନେ ହୁଏତ ସମର୍ଥନ ଯୋଗାଇ ପାରୁଛନ୍ତି, କିନ୍ତୁ ଇରାନ ପାଖରେ ନା କୌଣସି ସେନା ଅଛି, ନା କୌଣସି ବାୟୁସେନା, ନା କୌଣସି ନୌସେନାଛ ସେମାନଙ୍କର କିଛି ନାହିଁ।" ଭେନେଜୁଏଲା ବିରୁଦ୍ଧରେ ଆମେରିକୀୟ ସାମରିକ କାର୍ଯ୍ୟାନୁଷ୍ଠାନକୁ ଉଦ୍ଧୃତ କରି, ଆମେରିକାର ରାଷ୍ଟ୍ରପତି ରୁଷିଆ ସହାୟତାକୁ ପ୍ରଭାବହୀନ ବୋଲି ବର୍ଣ୍ଣନା କରିଛନ୍ତି । ଉଲ୍ଲେଖ କରିଛନ୍ତି ଯେ ଭେନେଜୁଏଲା ପାଖରେ ରୁଷିଆ ଅସ୍ତ୍ରଶସ୍ତ୍ର ଅଛି। ଟ୍ରମ୍ପ କହିଛନ୍ତି, ରୁଷିଆ ଭେନେଜୁଏଲାକୁ ବହୁତ ଉପକରଣ ଦେଇଥିଲେ। ଭେନେଜୁଏଲା ପାଖରେ ସମସ୍ତ ରୁଷିଆ ଉପକରଣ ଥିଲା। ଫଳାଫଳ କ'ଣ ହେଲା ? ଏହା ବହୁତ ଭଲ ହୋଇନଥିଲା।"

## ଭାରତରେ ବଢୁଛି କୋଟିପତିଙ୍କ ସଂଖ୍ୟା ! ୫୦୦ରୁ ଅଧିକ ଭାରତୀୟଙ୍କ ବାର୍ଷିକ ଆୟ ୧୦୦ କୋଟିରୁ ଅଧିକ !

ନୂଆଦିଲ୍ଲୀ, ୨୮।୦୭ : ଭାରତରେ ଧନୀ ଏବଂ କୋଟିପତିଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଲୋକସଭାରେ ପ୍ରକାଶ ପାଇଥିବା ଏକ ତଥ୍ୟ ଅନୁଯାୟୀ, ଆସେସମେଣ୍ଟ ବର୍ଷ (ଇଣ) ୨୦୨୫-୨୬ ରେ ଦେଶରେ ୧୦୦ କୋଟି କିମ୍ବା ତା'ଠାରୁ ଅଧିକ ଗ୍ରସ୍ ମୋଟ ଆୟ ଘୋଷଣା କରିଥିବା ବ୍ୟକ୍ତିବିଶେଷଙ୍କ ସଂଖ୍ୟା ୫୦୦ ଅତିକ୍ରମ କରିଛି।

ଗତ ବର୍ଷ ଅପେକ୍ଷା ଏହି ସଂଖ୍ୟାରେ ପ୍ରାୟ ୩୯ ପ୍ରତିଶତର ବୃଦ୍ଧି ଦେଖିବାକୁ ମିଳିଛି। ୪ ବର୍ଷରେ ଏହା ୪ ଗୁଣାକୁ ବୃଦ୍ଧି ପାଇଛି ଓ ଅର୍ଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଆସେସମେଣ୍ଟ ବର୍ଷ ୨୦୨୧-୨୨ ରେ ଏଭଳି ରୁପିଆ କୋଟିପତିଙ୍କ ସଂଖ୍ୟା ମାତ୍ର ୧୪୨ ଥିଲା, ଯାହା ବର୍ତ୍ତମାନ ବୃଦ୍ଧି ପାଇ ୫୭୬ ରେ ପହଞ୍ଚିଛି।

ଜାତୀୟ ଆୟ ଏବଂ ସର୍ଭେ କହୁଛି, ଦେଶରେ ଆୟର ସଠିକ୍ ଆକଳନ ପାଇଁ ସରକାରୀ ସ୍ତରରେ ନିର୍ଦ୍ଦିଷ୍ଟ ପଦ୍ଧତି ନଥିବାରୁ ଗବେଷକମାନେ ଆୟକର ରିଟର୍ନ ତଥ୍ୟ ଉପରେ ନିର୍ଭର କରନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ପରିସଂଖ୍ୟାନ ମନ୍ତ୍ରଣାଳୟ ଦ୍ୱାରା ଦେଶର ପ୍ରଥମ 'ଜାତୀୟ ପରିବାର ଆୟ ସର୍ଭେ' କରାଯାଉଛି। ସେହି ଅନୁସାରେ ଦେଖିବାକୁ ଗଲେ ଜିଡିପି ତଥ୍ୟ ତଥ୍ୟ କହୁଛି, ୨୦୨୫-୨୬ ରେ ଭାରତର ପ୍ରକୃତ ମୁଣ୍ଡପିଛା ଜାତୀୟ ଆୟ ୨.୪୧ ଲକ୍ଷ ଟଙ୍କା ରହିଛି, ଯାହା ଗତ ବର୍ଷ ଅପେକ୍ଷା ୮ ପ୍ରତିଶତ ଅଧିକ ଦେଖିବାକୁ ମିଳିଛି ଓ ଅନ୍ୟପଟେ ବିଶ୍ୱସ୍ତରୀୟ ଆର୍ଥିକ ତଥ୍ୟ ପ୍ରଦାନକାରୀ ସଂସ୍ଥା 'ଫୋର୍ବସ୍' ଅନୁଯାୟୀ ଭାରତରେ ମୋଟ ୨୨୯ ଜଣ 'ଡଲାର କୋଟିପତି' ଅଛନ୍ତି, ଯାହା ଯାଞ୍ଚ କରାଯାଇଥିବା ନେଟ୍ ଓ୍ୱର୍ଥ ଆଧାରରେ ଜଣାପଡିଛି। ଦେଶରେ ବଢୁଥିବା ଆୟ ଏବଂ ସମ୍ପତ୍ତିର ଅସମାନତାକୁ ନେଇ ସଂସଦରେ ପ୍ରଶ୍ନ ଉଠିଥିବାବେଳେ ଅର୍ଥମନ୍ତ୍ରଣାଳୟ



ପକ୍ଷରୁ କୁହାଯାଇଛି ଯେ, ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଗିନି ଗୁଣାଙ୍କ (ଅସମାନତା ମାପିବା ଯନ୍ତ୍ର) ହ୍ରାସ ପାଇଛି, ଯାହା ଆର୍ଥିକ ବ୍ୟବଧାନ କମୁଥିବାର ସୂଚନା ଦିଏ। ତଥାପି, 'ବିଶ୍ୱ ଅସମାନତା ରିପୋର୍ଟ ୨୦୨୬ ଅନୁଯାୟୀ ଭାରତରେ ଆୟ ଓ ସମ୍ପତ୍ତିର ଅସମାନତା ଏବେ ବି ବିଶ୍ୱର ସର୍ବାଧିକ ସ୍ତରରେ ରହିଛି।

୨୦୨୨ -୨୩ ରେ ୧୦୦ କୋଟି ତଦୁର୍ଦ୍ଧ୍ୱ ଆୟ ବର୍ଗରେ ୩୦୧ ବ୍ୟକ୍ତିବିଶେଷ ଥିଲେ ଓ ୨୦୨୩-୨୪ ରେ ଏହା ୨୮୪ କୁ ଖସିବା ପରେ, ୨୦୨୪ -୨୫ ରେ ୪୧୫ କୁ ବୃଦ୍ଧି ପାଇଥିଲା ଓ ବର୍ତ୍ତମାନ ଏହା ୫୦୦ ପାର କରିଯାଇଛି ଓ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କ କହିବା ଅନୁସାରେ ଆୟ ଏବଂ ସମ୍ପତି ଅସମାନତାକୁ ହ୍ରାସ କରି ନିଯୁକ୍ତି ସୃଷ୍ଟି ଏବଂ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସରକାର ବିଭିନ୍ନ ପ୍ରକାର ପଦକ୍ଷପ ଗ୍ରହଣ କରିଛନ୍ତି ଓ ଏଥିରେ ରହିଛି ଏକ ପ୍ରଗତିଶିଳ ଆୟକର ଢାଞ୍ଚା ଓ ଯାହା ଭାରତରେ କୋଟିପତି ସୃଷ୍ଟି କରିବାରେ ସାହାଯ୍ୟ କରୁଛି।

# ବିବାଦରେ ବନ୍ଦେ ମାତରଂ



ବିନୋଦ ମହାରଣା,
ଭୁବନେଶ୍ୱର, ୯୪୩୭୧୬୪୭୬୪

ଭାରତ ପରି ଏକ ବହୁ ଜାତି, ବର୍ଣ୍ଣ, ଧର୍ମ, ବିଶ୍ୱାସ, ଭାବନା ସମ୍ବଳିତ ଦେଶରେ ମୌଳବାଦର ଜାତୀୟକରଣ ଏବେ ପ୍ରମୁଖ ପ୍ରସଙ୍ଗ ହୋଇଛି। ହିନ୍ଦୁତ୍ୱବାଦୀ ଆଭିମୁଖ୍ୟ ନେଇ ସମ୍ବିଧାନ ସଂଶୋଧନ, ଆଇନ, ନୀତି, ନିୟମ, ଏକକ ନାଗରିକ ସଂହିତା ଆଦିରେ ପରିବର୍ତ୍ତନ ଆଣିବା ବା ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ତାହାକୁ କାର୍ଯ୍ୟକାରୀ କରିବା ବିପଜ୍ଜନକ ସାବ୍ୟସ୍ତ ହୋଇଛି। ଏହାର ଏକ ବଳିଷ୍ଠ ଉଦାହରଣ ହେଲା ଜାତୀୟ ସମ୍ମାନ ପ୍ରତି ଅପମାନ ନିରାକରଣ (ସଂଶୋଧନ) ବିଲ୍-୨୦୨୬। ଜାତୀୟ ସଂଗୀତ ବା (NATIONAL ANTHEM) 'ଜନ ଗଣ ମନ' ପରି ଜାତୀୟ ଗୀତ ବା (NATIONAL SONG) ବନ୍ଦେ ମାତରଂକୁ ସମାନ ମର୍ଯ୍ୟାଦା ଦେବା ଲାଗି ଏହା ଉଦ୍ଦିଷ୍ଟ। ଏପରିକି ବନ୍ଦେ ମାତରଂ ଗୀତକୁ ଅପମାନ କରାଗଲେ କଠୋର ଦଣ୍ଡର ବ୍ୟବସ୍ଥା ରହିଛି। ଏହାକୁ ଏକ ଅପରାଧିକ ମାମଲା ବୋଲି ବିଚାର କରାଯିବ। ପୂର୍ବରୁ ରହିଥିବା ଜାତୀୟ ସମ୍ମାନ ଆଇନ ୧୯୭୧ରେ ସଂଶୋଧନ ଅଣାଯାଇଛି। ଜାତୀୟ ପତାକା, ସମ୍ବିଧାନ ଓ ଜାତୀୟ ସଂଗୀତ ପ୍ରତି କୌଣସି ପ୍ରକାର ଅପମାନକୁ ବରଦାସ୍ତ ନ କରିବା ବ୍ୟବସ୍ଥା ହୋଇଛି। ୧୯୭୧ ଆଇନରେ ଥିବା କିଛି ବ୍ୟବସ୍ଥାର ରିପିଟ ହୋଇଥିବାବଳେ ଏଥିରେ ବନ୍ଦେ ମାତରଂକୁ ଯୋଗ କରାଯାଇଛି। ୧୯୫୦ ଜାନୁଆରୀ ୨୪ରେ ସମ୍ବିଧାନ ସଭାର ବୈଠକରେ ତତ୍କାଳୀନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଦର୍ଶାଇଥିଲେ- ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ନେଇଥିବା ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ବନ୍ଦେ ମାତରଂକୁ ଜାତୀୟ ସଂଗୀତ ପରି ସମାନ ମର୍ଯ୍ୟାଦା ଦିଆଯାଉ। ସରକାରଙ୍କ ପକ୍ଷରୁ ଯୁକ୍ତି କରାଯାଇଛି ରାଜେନ୍ଦ୍ର ପ୍ରସାଦଙ୍କ ଏହି ମନ୍ତବ୍ୟକୁ ସରକାର ବିଚାରକୁ ନେଇଛନ୍ତି।

ଏକଥା ସତ୍ୟ ଯେ, ସ୍ୱାଧୀନତା ସଂଗ୍ରାମରେ ବନ୍ଦେ ମାତରଂର କିଛି ଭୂମିକା ଥିଲା। ଏହାର ଅର୍ଥ ନୁହେଁ ଯେ, ଏହାକୁ ପ୍ରତି ଭାରତୀୟଙ୍କ ଭାବନା ଉପରେ ଲଦି ଦିଆଯିବ। ଜନ ଗଣ ମନ ଜାତୀୟ ସଂଗୀତ ରହିଥିବା ବେଳେ ବନ୍ଦେ ମାତରଂକୁ ଲଦି ଦେବା ଘଟଣା ଭାରତୀୟ ସମ୍ବିଧାନ, ମୌଳିକ ଅଧିକାର, ଇଚ୍ଛା ପ୍ରକାଶ କରିବାର ଅଧିକାରକୁ କ୍ଷୁଣ୍ଣ କରୁନାହିଁ କି ? ଖୋଦ୍ ସମ୍ବିଧାନରେ ଉଲ୍ଲେଖ ରହିଛି- ଆଇନଗତ ବ୍ୟବସ୍ଥା ଜରିଆରେ ଦେଶପ୍ରେମ ଓ ଜାତୀୟତାବାଦକୁ ଲଦି ଦିଆଯାଇପାରିବ ନାହିଁ। ଏହା ଯଦି କରାଯାଏ ତେବେ ସମାଜକୁ ବହୁଧା ବିଭକ୍ତ କରିବା ଲାଗି ଅପଚେଷ୍ଟା ବୋଲି କୁହାଯିବ। ସ୍ୱାଧୀନତା ସଂଗ୍ରାମ ପ୍ରକ୍ରିୟାରେ ବନ୍ଦେ ମାତରଂକୁ ଜାତୀୟତାବାଦର ପ୍ରତୀକ ବୋଲି ବିବେଚନା କରାଯାଉଥିବାବଳେ ବାସ୍ତବରେ ତାହା ହିନ୍ଦୁତ୍ୱର ପ୍ରତୀକ ଥିଲା। ଏପରି ଅବସ୍ଥାରେ ସରକାରଙ୍କ ଏହି ପଦକ୍ଷେପ ଭାରତୀୟତା ପ୍ରତି ଏକ ଚାଲେଞ୍ଜ ସୃଷ୍ଟି କରିଛି। ଫଳରେ ବନ୍ଦେ ମାତରଂ କହିବ ଯଦି ଭାରତ ମାଟିରେ ରହିବ ସିଏ ବୋଲି ଯେଉମାନେ ମୌଳବାଦୀ ସ୍ଲୋଗାନ ଦେଉଛନ୍ତି ସେମାନଙ୍କ ଲାଗି ସୁହାଇଛି। ସଂସଦ ପରି ଏକ ସାର୍ବଜନୀନ ପ୍ରତିଷ୍ଠାନରେ ରାଜେନ୍ଦ୍ର ପ୍ରସାଦଙ୍କ ପରି ଜଣେ ବ୍ୟକ୍ତିବିଶେଷଙ୍କ ମାନସିକତାକୁ କିପରି ପ୍ରତିଫଳିତ କରାଯାଇପାରିବ ? ଏହା ଦ୍ୱାରା ସମ୍ବିଧାନର ମୌଳିକ ଆଦର୍ଶ କ୍ଷୁଣ୍ଣ ହେଉନାହିଁ କି ? ଜଣେ ପୂର୍ବତନ ରାଷ୍ଟ୍ରପତି ୭୬ ବର୍ଷ ତଳେ କ'ଣ କହିଥିଲେ- ତାହାକୁ ନେଇ ସରକାର ଏକ ଆଇନ ଆଣିବା କେତେଦୂର ଯୁକ୍ତିଯୁକ୍ତ ? ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ମତକୁ କିପରି ୧୪୦ କୋଟି ଭାରତୀୟ ଅଧିକାର ଉପରେ ଲଦି ଦିଆଯିବ ?

ଜନ ଗଣ ମନ ସଂଗୀତର ମୂଳ ଲେଖା ୬ଟି ପଦ ବା ଷ୍ଟାଞ୍ଜାରେ ରଚିତ ହୋଇଥିବାଳେ ପ୍ରଥମ ଦୁଇ ପଦ ବା ଷ୍ଟାଞ୍ଜାକୁ ହିଁ ଜାତୀୟ ସଂଗୀତର ମାନ୍ୟତା ଦିଆଯାଇଛି। ହେଲେ ନୂଆ ବ୍ୟବସ୍ଥାରେ ସମସ୍ତ ୬ଟି ଯାକ ଷ୍ଟାଞ୍ଜାକୁ ବାଧ୍ୟତାମୂଳକ କରାଯାଇଛି। ପ୍ରଥମତଃ କବିତାଟି ଦୀର୍ଘ ହେବାରୁ ପ୍ରଥମ ପଦଟିକୁ ଜାତୀୟ ସଂଗୀତ ଭାବେ ନିଆଯାଇଥିଲା। ଦ୍ୱିତୀୟତଃ ଧର୍ମ ନିରପେକ୍ଷତା, ସମସ୍ତ ନାଗରିକଙ୍କ ସମାନ ଅଧିକାରକୁ ବିଚାରକୁ ନେଇ କେବଳ ପ୍ରଥମ ୨ ପଦକୁ ହିଁ ଜାତୀୟ ସଂଗୀତ ମାନ୍ୟତା ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ସେହି ଆଭିମୁଖ୍ୟ ପୋଷଣ କରାଯାଇନାହିଁ ଏବଂ ତାହାକୁ ରଦ୍ଦ କରାଯାଇଛି। ବନ୍ଦେ ମାତରଂକୁ ଜନ ଗଣ ମନ ସହ ତୁଳନା କରିବା ଅର୍ଥ ଜନ ଗଣ ମନର ରଚୟିତା ରବୀନ୍ଦ୍ରନାଥ ଟାଗୋରଙ୍କ ପ୍ରତି ଅପମାନ ନୁହେଁ କି ? ବନ୍ଦେ ମାତରଂକୁ ଗାଇବା ନ ଗାଇବା ବ୍ୟକ୍ତିଗତ ଇଚ୍ଛା, ଅଙ୍ଗୀକାରର କଥା। ଜଣେ ଭାରତୀୟ ବନ୍ଦେ ମାତରଂ ଗାଇବାକୁ ବାଧ୍ୟ ନୁହେଁ। ଏହାକୁ ବାଧ୍ୟତାମୂଳକ କରିବା ଲାଗି ସରକାରୀ ବ୍ୟବସ୍ଥା ବିପଜ୍ଜନକ।

ଏବେ ବିଭିନ୍ନ ରାଜ୍ୟ ଏକକ ନାଗରିକ ସଂହିତା ପ୍ରଚଳନ କରୁଛନ୍ତି। ଏକ ହିନ୍ଦୁପ୍ରଧାନ ରାଜ୍ୟରେ ଅନ୍ୟ ଧର୍ମାବଲମ୍ବୀଙ୍କୁ ଯେ ଟାର୍ଗେଟ କରାଯାଉଛି ଏହା ସ୍ପଷ୍ଟ। ବିଭିନ୍ନ ଧର୍ମାବଲମ୍ବୀ ସେମାନଙ୍କ ଧାର୍ମିକ ବିଶ୍ୱାସ, ନିୟମ ମଧ୍ୟରେ ଗତି କରୁଛନ୍ତି। କେଉ କାଳରୁ ଏହା ଚାଲିଆସିଛି। ଯେହେତୁ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ତେଣୁ କୌଣସି ଧର୍ମର ନିଜସ୍ୱ ନୀତି ନିୟମ ଉପରେ ହସ୍ତକ୍ଷେପ କରିବା ଅନୁଚିତ। ମାତ୍ର ବିଧାନସଭାରେ ସଂଖ୍ୟା ଗରିଷ୍ଠ ସରକାରଙ୍କ ହୀନ ଉଦ୍ଦେଶ୍ୟ ଓ ନୀତି ୟୁସିସିକୁ କାର୍ଯ୍ୟକାରୀ କରିବାରେ ସଫଳ ହେଉଛି।

ବନ୍ଦେ ମାତରଂ ଗୀତ ପ୍ରସଙ୍ଗ ଏବେ ଭାରତୀୟ ନାଗରିକଙ୍କ ଲାଗି ଏକ ବଡ଼ ଚାଲେଞ୍ଜ ସୃଷ୍ଟି କରିବ। ଏହାକୁ ବିଭିନ୍ନ ସ୍ତରରେ ଓ କ୍ଷେତ୍ରରେ ଭିନ୍ନ ଉଦ୍ଦେଶ୍ୟ ରଖି ପ୍ରୟୋଗ କରାଯିବ। ୧୯୮୬ରେ ବିଜୋଇ ଏମାନୁଏଲ ଓ ଅନ୍ୟମାନେ ବନାମ କେରଳ ସରକାର ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଥିଲେ। ତାହା ଥିଲା- ଜାତୀୟ ସଂଗୀତ ଗାନ ନ କରିବାକୁ ଏକ ଅପରାଧ ଭାବେ ବିବେଚନା କରାଯାଇପାରିବ ନାହିଁ। ମୌଳିକ ଅଧିକାରକୁ କୋର୍ଟ ଅକ୍ଷୁଣ୍ଣ ରଖିବା ସହ ଧାର୍ମିକ ଓ ଆତ୍ମବିବେକର ସ୍ୱାଧୀନତାକୁ ବଳବତ୍ତର ରଖିଥିଲେ କୋର୍ଟ। ଜାତୀୟ ସଂଗୀତ ନ ବୋଲିବାରୁ ପିଲାମାନଙ୍କୁ ସ୍କୁଲରୁ କର୍ତ୍ତୃପକ୍ଷ ବହିଷ୍କାର କରିପାରିବେ ନାହିଁ। ଏହା ସମ୍ବିଧାନର ଧାରା ୧୯(୧) ଓ ଧାରା ୨୫(୧)କୁ ଉଲଂଘନ କରୁଛି। ପିଲାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାଚ ନିଆଯାଇପାରିବ ନାହିଁ। ଧାର୍ମିକ ସ୍ୱାଧୀନତାର ସାମ୍ବିଧାନିକ ମୂଲ୍ୟବୋଧ ରହିଛି। ଆମର ପରମ୍ପରା ଆମକୁ ଧୈର୍ଯ୍ୟ ଶିଖାଏ, ଆମର ଦର୍ଶନ ଆମକୁ ସହନଶୀଳତା ଶିଖାଏ ଏବଂ ଆମର ସମ୍ବିଧାନ ଆମକୁ ସହିବାର ବାର୍ତ୍ତା ଦିଏ ବୋଲି କହିଥିଲେ ସର୍ବୋଚ୍ଚ ଅଦାଲତ। କେରଳର ଏକ ବିଦ୍ୟାଳୟରେ ଜିହୋଭା ଖ୍ରୀଷ୍ଟିଆନ ବର୍ଗର କିଛି ପିଲା ଜାତୀୟ ସଂଗୀତ ନ ଗାଇବାରୁ ସେମାନଙ୍କୁ ସ୍କୁଲରୁ ବହିଷ୍କାର କରିଥିଲେ କର୍ତ୍ତୃପକ୍ଷ। ପ୍ରତିବାଦରେ ମାମଲା ପହଞ୍ଚିଥିଲା ସୁପ୍ରିମକୋର୍ଟରେ। ଧାର୍ମିକ କାରଣରୁ ସେମାନେ ଏହି ଗୀତ ବୋଲିବାକୁ ନ ଚାହିଁବାରୁ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ବହିଷ୍କାର କରିଥିଲେ। ବଙ୍କିମଚନ୍ଦ୍ର ବସ୍ତୁତଃ ମୁସଲିମ ବିରୋଧୀ ଥିଲେ। ତାଙ୍କର ଆନନ୍ଦ ମଠ ପୁସ୍ତକରେ ମୁସଲମାନଙ୍କ ବିରୋଧରେ କିଛି ଦୃଷ୍ଟିଭଙ୍ଗୀ ରହିଥିଲା। ପୁସ୍ତକରେ ସନାତନ ଧର୍ମୀମାନେ ମୁସଲମାନମାନଙ୍କ ବାସସ୍ଥଳ ପୋଡ଼ିଦେବା ପରି ମାନସିକତା ପୋଷଣ କରିବା ଦେଖାଯାଏ। ଐତିହାସିକ ଅନୁଶୀଳନରୁ ଜଣାଯାଏ ଯେ, ଇଷ୍ଟ ଇଣ୍ଡିଆ କମ୍ପାନି ବିରୋଧରେ ହିନ୍ଦୁ ସନ୍ନ୍ୟାସୀ ଓ ମୁସଲମାନମାନେ ମିଳିତ ଭାବେ ସଂଗ୍ରାମ କରିଥିଲେ ଯାହାକୁ ସନ୍ନ୍ୟାସୀ ବିପ୍ଳବ କୁହାଯାଉଥିଲା। ଏହି ବିଦ୍ରୋହ ୧୭୬୩-୧୮୦୦ ମଧ୍ୟରେ ହୋଇଥିଲା। ମାତ୍ର ନିଜ ପୁସ୍ତକରେ ବଙ୍କିମ ଚନ୍ଦ୍ର ଏହାକୁ ଏକ ସମ୍ପୂର୍ଣ୍ଣ ହିନ୍ଦୁକୈନ୍ଦ୍ରିକ ବିଦ୍ରୋହ ଭାବେ ଚିତ୍ରଣ କରିବା ସହ ଏହି ବିଦ୍ରୋହ ମୁସଲିମ ନବାବଙ୍କ ବିରୋଧରେ ଉଦ୍ଦିଷ୍ଟ ଥିଲା ବୋଲି ଦର୍ଶାଇଛନ୍ତି ଯାହାକି ସମ୍ପୂର୍ଣ୍ଣ ମୁସଲିମ ବିଦ୍ୱେଷୀ ମନୋଭାବର ପ୍ରତୀକ। ପୁସ୍ତକରେ ଦେଶ ମାତୃକା ଭାବେ ହିନ୍ଦୁ ଧର୍ମର ଦେବୀ ଦୁର୍ଗାଙ୍କୁ ଚିତ୍ରଣ କରାଯାଇଛି ଏବଂ ମା' ଦୁର୍ଗାଙ୍କ ଉଦ୍ଦେଶ୍ୟରେ ବନ୍ଦେ ମାତରଂ ଗାନ କରାଯାଇଛି। ବାସ୍ତବରେ ଏହି ପୁସ୍ତକ ଧର୍ମ ନିରପେକ୍ଷତାର ପ୍ରତୀକ ନୁହେଁ ବରଂ ହିନ୍ଦୁ ଜାତୀୟତାବାଦର ପ୍ରତୀକ। ବଙ୍କିମ ଚନ୍ଦ୍ର ଜଣେ ଆଜନ୍ମ ଦେଶପ୍ରେମୀ ନଥିଲେ। ସେ ବ୍ରିଟିଶ ଅଧୀନରେ ଜଣେ ମାଜିଷ୍ଟ୍ରେଟ ଥିଲେ। ଆନନ୍ଦ ମଠ ପୁସ୍ତକ ଯେପରି ନିଷିଦ୍ଧ ନହେବ, ତାଙ୍କ ବିରୋଧରେ ଯେପରି ଦେଶଦ୍ରୋହ ଅପରାଧ ଆଇନ ନ ଲାଗିବ ସେଥିପାଇଁ ବଙ୍କିମ ଚନ୍ଦ୍ର ନିଜ ପୁସ୍ତକରେ ବ୍ରିଟିଶ ବିରୋଧୀ ଆଭିମୁଖ୍ୟ ପୋଷଣ ନ କରି ମୁସଲିମ ବିଦ୍ୱେଷୀ କଥାବସ୍ତୁକୁ ଉପସ୍ଥାପନ କରିଥିଲେ। କୁହାଯାଏ ପୁସ୍ତକରେ ପ୍ରଥମେ ବ୍ରିଟିଶ ବିରୋଧରେ ଆହ୍ୱାନ ରହିଥିଲା। ମାତ୍ର ପରେ ସେ ଏହାକୁ ବ୍ରିଟିଶ ସପକ୍ଷବାଦୀ ଚିତ୍ର ଦେବା ସହ ମୁସଲିମ ବିରୋଧୀ ଭାବେ ଚିତ୍ରଣ କରିଥିଲେ। ପୁସ୍ତକର ଉପସଂହାରରେ ବି ସମ୍ପୂର୍ଣ୍ଣ ଭାବେ ବ୍ରିଟିଶ ସପକ୍ଷରେ ଉଲ୍ଲେଖ ରହିଥିଲା। ପୁସ୍ତକରେ ବର୍ଣ୍ଣିତ ରହିଛି ଯେ, ଦେଶରେ ଶୃଙ୍ଖଳା, ବିଜ୍ଞାନ ଓ ବସ୍ତୁଭିତ୍ତିକ ଜ୍ଞାନର ପୁନଃସ୍ଥାପନ ସକାଶେ ବ୍ରିଟିଶ ଶାସନ ଜରୁରୀ। ଦେଶରେ ଶାନ୍ତି, ଆଧୁନିକ ଜ୍ଞାନ ପ୍ରତିଷ୍ଠା, ବାସ୍ତବ ଧାର୍ମିକ ଆଭିମୁଖ୍ୟର ଜାଗରଣ ଲାଗି ପୁସ୍ତକର ନାୟକ ସତ୍ୟାନନ୍ଦ ଶେଷରେ ବ୍ରିଟିଶ ବିରୋଧରେ ଲଢ଼େଇ ବନ୍ଦ କରିଥିବା ଉଲ୍ଲେଖ କରିଛନ୍ତି ବଙ୍କିମ ଚନ୍ଦ୍ର। ଏହି ପୁସ୍ତକ ବାସ୍ତବରେ ଦେଶର ଏକତାର ପ୍ରତୀକ ନଥିଲା ବରଂ ଧାର୍ମିକ ବିଭାଜନ ଲାଗି ବାର୍ତ୍ତା ଦେଇଥିଲା।

ଆନନ୍ଦ ମଠର ଇଂରାଜୀ ଅନୁବାଦ ପାଠ କରିବା ପରେ ୧୯୩୭ ଅକ୍ଟୋବର ୨୦ରେ ସୁଭାଷ ଚନ୍ଦ୍ର ବୋଷଙ୍କ ନିକଟକୁ ଜବାହାରଲାଲ ନେହରୁ ଏକ ପତ୍ର ଲେଖିଥିଲେ। ସେଥିରେ ସେ ଦର୍ଶାଇଥିଲେ ଯେ, ପୁସ୍ତକରେ ପ୍ରଥମେ ଯେଉ ଆଭିମୁଖ୍ୟ ରଖାଯାଇଥିଲା ତାହାକୁ ପରେ ପରିବର୍ତ୍ତନ କରାଯାଇଛି ଯାହାକୁ ନେଇ ମୁସଲମାନମାନେ କ୍ଷୁବ୍ଧ ହୋଇପାରନ୍ତି। ୧୯୩୭ ଅକ୍ଟୋବରରେ ନେହରୁ ଓ ସୁଭାଷଙ୍କୁ ପତ୍ର ଲେଖି ରବୀନ୍ଦ୍ରନାଥ ଟାଗୋର ଦର୍ଶାଇଥିଲେ ଯେ, ବନ୍ଦେ ମାତରଂ ଗୀତର ପ୍ରଥମ ପଦ ସବୁଦିଗରୁ ଠିକ୍ ଅଛି। ମା' ଦୁର୍ଗା ପ୍ରସଙ୍ଗରେ ବଙ୍କିମ ଚନ୍ଦ୍ର ଯାହା ଲେଖିଛନ୍ତି ତାହାକୁ ମୁସଲମାନମାନେ ଗ୍ରହଣ କରିପାରିବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ୧୯୩୭ ଅକ୍ଟୋବର ୨୮ରେ କଂଗ୍ରେସ କାର୍ଯ୍ୟକାରିଣୀ ବନ୍ଦେ ମାତରଂର ପ୍ରଥମ ଦୁଇ ପଦକୁ ଗାନ କରିବା ଲାଗି ନିଷ୍ପତ୍ତି ନେଇଥିଲା।

ଭାରତ ପରି ଏକ ଦେଶରେ ଧାର୍ମିକ ସ୍ୱାଧୀନତା ରହିବା ଜରୁରୀ। ଧର୍ମ ଏକ ଅନ୍ଧବିଶ୍ୱାସ ହୋଇଥିଲେ ବି ଏହା ଏତେ ଗଭୀରରେ ରହିଛି ଯେ, ଏହାକୁ ହଟାଇବା କାଠିକର ପାଠ। ତଥାପି ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ କୌଣସି ଧର୍ମର ଦେବତାକୁ ରାଷ୍ଟ୍ରୀୟ ମାନ୍ୟତା ଦେବା ଅନୁଚିତ। ବାଧ୍ୟତାମୂଳକ ଗାନ ସମ୍ବିଧାନର ମୌଳିକ ଅଧିକାର, ନିଜସ୍ୱ ବିବେକର ଅଧିକାର ସଂକ୍ରାନ୍ତ ଧାରା ୨୫କୁ ଉଲଘଂନ କରିବ। ଏହା ଦେଶରେ ଧାର୍ମିକ ସହନଶୀଳତାର ପରିପନ୍ଥୀ ଏବଂ ଅଧିକ ଧାର୍ମିକ ଦ୍ୱନ୍ଦ୍ୱ ସୃଷ୍ଟି କରିବ।

# ରାଜନୈତିକ ସମର୍ଥନ ନା ରାଜନୀତିକରଣ



ଡ଼କ୍ଟର ପ୍ରମୋଦ କୁମାର ପଣ୍ଡା
ମୋ-୭୯୭୮୨୮୩୧୯୦

ମେ, ୧୫, ୨୦୨୬ ର ଘଟଣା। ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ଏକ ମାମଲାର ଶୁଣାଣି ଚାଲିଥାଏ। ସେତବଳେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଭାରତର ବେରୋଜଗାର ଯୁବକ ଏବଂ କିଛି ଆକ୍ଟିଭିଷ୍ଟମାନଙ୍କୁ ''କାକରୋଚ୍'' ଓ ''ସମାଜର ପରଜୀବୀ'' ବୋଲି ସମ୍ବୋଧନ କରିଥିଲେ। ପରେ ଅବଶ୍ୟ ସେ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ ତାଙ୍କର ଟିପ୍ପଣୀ କେବଳ ଜାଲ୍ ଡିଗ୍ରୀଧାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ସେତବେଳକୁ କିନ୍ତୁ ସାମାଜିକ ଗଣମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇସାରିଥିଲା। ତା ପରଦିନ ଅଭିଜିତ ଦିପକେ,ଜଣେ ଡିଜିଟାଲ୍ ଷ୍ଟ୍ରେଟେଜିଷ୍ଟ କାକରୋଜ ଜନତା ପାର୍ଟି ନାମରେ ଏକ ୱେବସାଇଟ୍ ଏବଂ ଗୁଗଲ୍ ଫର୍ମ ପ୍ରସ୍ତୁତ କରିଥିଲେ। କିଛି ଘଣ୍ଟା ମଧ୍ୟରେ ହିଁ ସେଥିରେ ହଜାର ହଜାର ସଂଖ୍ୟକ ଯୁବକ ଯୋଡ଼ି ହୋଇଥିଲେ। ନିଟ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଆଜି କାକରୋଜ ଜନତା ପାର୍ଟିର ବିରୋଧ କେବଳ ସାମାଜିକ ଗଣମାଧ୍ୟମରେ ସୀମିତ ରହିନାହିଁ। ରାଜରାସ୍ତାକୁ ବ୍ୟାପିଛି। ବାସ୍ତବ ଆନ୍ଦୋଳନର ରୂପ ନେଇଛି। ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା, ନିଟ, ୟୁଜି ପରୀକ୍ଷା, ୨୦୨୬ ବାତିଲ କାରଣରୁ ଆତ୍ମହତ୍ୟା କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ପରିବାରକୁ ପ୍ରତ୍ୟେକେ ଏକ କୋଟି ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ ଏବଂ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ ତଥା ତ୍ୱରିତ କାର୍ଯ୍ୟାନୁଷ୍ଠାନ ଭଳି ତିନିଗୋଟି ମୁଖ୍ୟ ଦାବି ନେଇ ମାସେରୁ ଅଧିକ ହେବ ଦିଲ୍ଲୀ ଯନ୍ତର-ମନ୍ତରରେ ପାର୍ଟି ଆନ୍ଦୋଳନ ଅବ୍ୟାହତ ରଖିଛି। ଯୁବ ଆନ୍ଦୋଳନକାରୀଙ୍କ ସମର୍ଥନରେ ୫୯ ବର୍ଷୀୟ ସୋନମ ୱାଙ୍ଗଚୁକ ଯିଏ ଜଣେ ଜଣାଶୁଣା ଭାରତୀୟ ପରିବେଶ କର୍ମୀ, ଶିକ୍ଷା ସଂସ୍କାରକ ଏବଂ ଅଭିନବ ଇଞ୍ଜିନିୟର ଦୀର୍ଘ ୨୬ ଦିନ ହେଲା ଅନଶନରେ ଅଛନ୍ତି। ଗତ ମାସ ୨୮ ତାରିଖରୁ ଲଗାତାର ଅନଶନ ଯୋଗୁଁ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଦିଲ୍ଲୀ ପୋଲିସ ତାଙ୍କୁ ଜନ୍ତର-ମନ୍ତରରୁ ଉଠାଇ ପ୍ରଥମେ ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ମାନ୍ୟବର ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଗୁରୁଗ୍ରାମ ସ୍ଥିତ ମେଦାନ୍ତା ହସ୍ପିଟାଲର ଇଣ୍ଟେସିଭ କେୟାର ୟୁନିଟକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ କାକରୋଜ ଜନତା ପାର୍ଟି ଆନ୍ଦୋଳନକାରୀଙ୍କ ପୂର୍ବ ତିନି ପ୍ରମୁଖ ଦାବି ସହ ଏକ ଅତିରିକ୍ତ ଦାବି - ସଂସଦ ମାର୍ଚ୍ଚ ବେଳେ ଗିରଫ / ଅଟକ ରଖାଯାଇଥିବା କୌଣସି ପ୍ରଦର୍ଶନକାରୀଙ୍କ ବିରୋଧରେ ପ୍ରତିଶୋଧାତ୍ମକ ମନୋଭାବ ରଖି କୌଣସି ଅପରାଧିକ ମାମଲା ରୁଜୁ ନକରିବା ଏବଂ ପ୍ରଦର୍ଶନ ସମୟରେ ନିରୀହ ଛାତ୍ରଛାତ୍ରୀଙ୍କ ଉପରେ ମାତ୍ରାଧିକ ମାରପିଟ, ଲାଠିଚାର୍ଜ ଆଦି କରିଥିବା ଦିଲ୍ଲୀ ପୁଲିସକର୍ମୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସାମିଲ ହୋଇଛି। ସୋନମ ୱାଙ୍ଗଚୁକ ମଧ୍ୟ ଛାତ୍ରଛାତ୍ରୀଙ୍କ ଦାବି ଉପରେ ବିଚାର କଲେ ଏବଂ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଅନଶନରୁ ଓହରି ଯିବେ ବୋଲି ସରକାରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ସୋନମ ୱାଙ୍ଗଚୁକ ସରକାର ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନକାରୀଙ୍କ ବିରୋଧରେ କୌଣସି ମାମଲା ରୁଜୁ ନକରିବା ଦିଗରେ ସକାରାତ୍ମକ ମନୋଭାବ ପୋଷଣ କରନ୍ତି, ଶିକ୍ଷା ସଂସ୍କାର ପାଇଁ ସଂସଦରେ ବିସ୍ତୃତ ଆଲୋଚନା ପାଇଁ ରାଜି ଅଛନ୍ତି ଏବଂ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ସନ୍ତୋଷଜନକ ପରିମାଣର କ୍ଷତିପୂରଣ ପ୍ରଦାନ କଥା ବିଚାର କରୁଛନ୍ତି ବୋଲି ତିନିଗୋଟି ଆଶ୍ୱସନା ପଢ଼ି ଶୁଣାଇବା ପରେ ତାଙ୍କର ଅନଶନ ଭଙ୍ଗ କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଅପେକ୍ଷା ଛାତ୍ରଛାତ୍ରୀଙ୍କ ବିରୁଦ୍ଧରେ ଏଫଆଇଆର ରୁଜୁ ନହେବା ତାଙ୍କ ପାଇଁ ଅଧିକ ଗୁରୁତ୍ୱ ରଖେ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେପଟେ କାକରୋଜ୍ ଜନତା ପାର୍ଟି ମୁଖ୍ୟ ସୋନମ ୱାଙ୍ଗଚୁକଙ୍କୁ ଛାତ୍ର ଆନ୍ଦୋଳନ ପ୍ରତି ତାଙ୍କର ଅକୁଣ୍ଠ ସମର୍ଥନ ଏବଂ ଅନଶନରୁ ଓହରିବା ନେଇ ଧନ୍ୟବାଦ ତଥା କୃତଜ୍ଞତା ଜ୍ଞାପନ କରିବା ସହ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନଦେବା ଯାଏ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ ଜାରି ରହିବ ବୋଲି କହିଛନ୍ତି। ଦିଲ୍ଲୀ ଯନ୍ତର-ମନ୍ତରରେ ଜନତା କାକରୋଜ୍ ପାର୍ଟି ଦ୍ୱାରା ଆୟୋଜିତ ବିରୋଧ ପ୍ରଦର୍ଶନ ଛାତ୍ରଛାତ୍ରୀଙ୍କ ହିତ ଓ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ। ଏଥିରେ କୌଣସି ବିରୋଧଭାସ ନାହିଁ। ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ, ଆନ୍ଦୋଳନ ଆଦି ଗଣତନ୍ତ୍ରକୁ ମଜଭୁତ କରେ। ବିରୋଧ ପ୍ରଦର୍ଶନ କରିବା ନାଗରିକଙ୍କ ଅଧିକାର ମଧ୍ୟ। କାକରୋଜ ଜନତା ପାର୍ଟି ଯେଉ ଯେଉ ପ୍ରସଙ୍ଗ ଉପରେ ଆନ୍ଦୋଳନ କରୁଛି ତାହା ଅଣରାଜନୈତିକ। ଯୁବଗୋଷ୍ଠୀଙ୍କ ବୃହତ୍ତର ସ୍ୱାର୍ଥ ଏଥିରୁ ସ୍ପଷ୍ଟ ବାରିହୁଏ। କିନ୍ତୁ ପରିତାପର ବିଷୟ ଯନ୍ତର ମନ୍ତରରେ ବିଭିନ୍ନ ରାଜନୈତିକ ଦଳର ଅନୁପ୍ରବେଶ ଆନ୍ଦୋଳନର ମୂଳ ଓ ଅସଲ ଅଭିପ୍ରାୟକୁ ବାଟବଣା କରିପାରେ। ଯୁବଗୋଷ୍ଠୀଙ୍କ ସମର୍ଥନ ଆଳରେ ଏକ ଅଣରାଜନୈତିକ ଛାତ୍ର ଆନ୍ଦୋଳନ ମଞ୍ଚରୁ ରାଜନୈତିକ ବିଷୟ ଉଠାଇବା କେବଳ ଅପ୍ରାସଙ୍ଗିକ ନୁହେଁ, ଅଗ୍ରହଣୀୟ ମଧ୍ୟ। ଏହି ମଞ୍ଚରୁ ରାଜନେତାଙ୍କ ବକ୍ତବ୍ୟ ଓ ଟିପ୍ପଣୀ ଶୁଣି ଏମିତି ପ୍ରତୀୟମାନ ହୁଏ ଯେ ସତଯେପରି ଏହା ଯୁବଗୋଷ୍ଠୀର ଆନ୍ଦୋଳନ ନୁହେଁ, ଏହା ତାଙ୍କରି ପ୍ରଦର୍ଶନ। ପ୍ରାୟତଃ ପ୍ରତ୍ୟେକ ପ୍ରମୁଖ ରାଜନୈତିକ ଦଳ ଆନ୍ଦୋଳନର ଶ୍ରେୟ ନିଜେ ନେବାକୁ ଚାହାନ୍ତି। ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ପରସ୍ପର ଆରୋପ - ପ୍ରତ୍ୟାରୋପ ଜାରି ରହିଛି। ଏପରିକି ଗୋଟିଏ ବିରୋଧୀ ଦଳ ଅନ୍ୟ ବିରୋଧୀ ଦଳ ବିରୁଦ୍ଧରେ ବିଷୋଦଗାର ପାଇଁ ପଛାଉ ନାହିଁ। ଯନ୍ତର ମନ୍ତରରେ ଯୁବଗୋଷ୍ଠୀଙ୍କ ବିରୋଧ ଶାନ୍ତିପୂର୍ଣ୍ଣ ରହିଥିବା ବେଳେ, ପାଖାପାଖି ଅଞ୍ଚଳରେ ଅଜଣା ଅପରିଚିତ ସମୂହ ମୁହଁରେ କପଡ଼ା ବାନ୍ଧି ଦିଲ୍ଲୀ ପୋଲିସ ଉପରେ ଅତର୍କିତ ଆକ୍ରମଣ କରୁଛନ୍ତି। କାକରୋଜ ଜନତା ପାର୍ଟିର ସଂସ୍ଥାପକ ଏବଂ ପ୍ରବକ୍ତାଙ୍କୁ ସଫେଇ ଦେବାକୁ ପଡୁଛି। କହିବାକୁ ପଡୁଛି ଆଖପାଖ ଅଞ୍ଚଳରେ ଘଟୁଥିବା ହିଂସକ ଘଟଣା ସହ ଛାତ୍ର ଆନ୍ଦୋଳନର କୌଣସି ସମ୍ପର୍କ ନାହିଁ, ଲେନାଦେନା ନାହିଁ। ତେବେ, ଏଠି ପ୍ରଶ୍ନ ଉଠୁଛି ଯେ ଏହି ଅଣଛାତ୍ର ଉପଦ୍ରବୀ ବଳ ପାଉଛନ୍ତି କେଉଁଠୁ, ତାଙ୍କ ପଛରେ କିଏ ଅଛି ? ଛାତ୍ର ଆନ୍ଦୋଳନ ରାଜନୀତିର ପଶାପାଳିରେ ବଳି ପଡୁନାହିଁ ତ ? ରାଜନୈତିକ ଦଳ କାକରୋଜ ଜନତା ପାର୍ଟି କଷ୍ଟର ସହିତ ବୁଣିଥିବ ଫସଲ ଅମଳ କରିବାକୁ ଚାହୁଁନାହାନ୍ତି ତ ? ଯୁବ ଏବଂ ବିଦ୍ୟାର୍ଥୀଙ୍କ ଆନ୍ଦୋଳନକୁ ଅପହରଣ କରିବାର ପ୍ରୟାସ ହେଉନାହିଁତ ? କାରଣ ଏଭଳି ଉଦ୍ୟମ ଆଗରୁ ମଧ୍ୟ ହୋଇଛି। କୃଷକ ଏବଂ ସିଏଏ ଭଳି ସମ୍ବେଦନଶୀଳ ଆନ୍ଦୋଳନ ଓ ପ୍ରଦର୍ଶନରେ ରାଜନୈତିକ ଦଳ ସମର୍ଥନ ବାହାନାରେ ବିବାଦ ବୃଦ୍ଧି କରିଛନ୍ତି। ପାର୍ଟି ଚିନ୍ତା ସବୁ ଦଳକୁ ଖାଉଛି।

ହଜି ଯାଉଥିବା ପ୍ରକୃତିର ପଦଚିହ୍ନ

# ବେଙ୍ଗର ଡାକ ଓ ବର୍ଷାର ସଙ୍ଗୀତ



ଡା. ରାଜାରାମ ଷଡ଼ଙ୍ଗୀ
୯୪୩୭୪ ୦୫୪୫୫

'ମେଘ ଘୋଟିଲେ, ପ୍ରଥମ ବର୍ଷା ଛୁଇଁଲେ, ପୋଖରୀ କୂଳ, ଧାନ ବିଲ ଓ ଗାଁର ଖାଲରୁ ଏକାସାଙ୍ଗରେ ଉଠୁଥିଲା ବେଙ୍ଗର ଡାକ। ସେ ଡାକ କେବଳ ଗୋଟିଏ ପ୍ରାଣୀର ସ୍ୱର ନୁହେଁ। ସେ ଥିଲା ବର୍ଷାର ଆଗମନୀ ସଙ୍ଗୀତ। ଆଜି ବର୍ଷା ଆସୁଛି, କିନ୍ତୁ ସେହି ସମବେତ ସ୍ୱର କ୍ରମେ ନୀରବ ହେଉଛି।'

ପ୍ରକୃତିର ପ୍ରତ୍ୟେକ ଋତୁର ନିଜସ୍ୱ ଭାଷା ଅଛି। ବସନ୍ତରେ କୋଇଲିର କୁହୁକୁହୁ, ଶରତରେ କାଶତଣ୍ଡୀର ଦୋଳି, ବର୍ଷାରେ ବେଙ୍ଗର ଡାକ। ଏହି ଡାକକୁ ଆମ ପୂର୍ବପୁରୁଷମାନେ ବର୍ଷାର ଶୁଭାଗମନର ସଙ୍କେତ ବୋଲି ମାନୁଥିଲେ। କିନ୍ତୁ ଆଜି ଏକ ପ୍ରଶ୍ନ ଉଠୁଛିଆମ ଚାରିପାଖରେ ବେଙ୍ଗର ଡାକ କମିଯାଉଛି କି ? ଯଦି ହଁ, ତେବେ ଏହା କେବଳ ଗୋଟିଏ ପ୍ରାଣୀର ସଂଖ୍ୟା ହ୍ରାସ ନୁହେଁ। ଏହା ପରିବେଶର ଗୁରୁତର ସତର୍କ ସଙ୍କେତ। ବେଙ୍ଗ ଉଭୟଚର (OAmphibian) ପ୍ରାଣୀ। ଜୀବନର ଗୋଟିଏ ପର୍ଯ୍ୟାୟ ପାଣିରେ ଏବଂ ଅନ୍ୟ ପର୍ଯ୍ୟାୟ ଭୂମିରେ କାଟେ। ଏହି କାରଣରୁ ସେମାନେ ପରିବେଶର ସୂକ୍ଷ୍ମ ପରିବର୍ତ୍ତନ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ବୈଜ୍ଞାନିକମାନେ ବେଙ୍ଗକୁ 'ଜୈବ ସୂଚକ' ବୋଲି କହନ୍ତି। କୌଣସି ଅଞ୍ଚଳରେ ବେଙ୍ଗର ସଂଖ୍ୟା କମିବାର ଅର୍ଥ ସେହି ପରିବେଶର ଜଳ, ମାଟି କିମ୍ବା ବାୟୁର ସନ୍ତୁଳନ ବିଗିଡ଼ିବାର ସମ୍ଭାବନା।

ବର୍ଷା ଋତୁରେ ଶୁଣାଯାଉଥିବା ବେଙ୍ଗର ଡାକ ବାସ୍ତବରେ ପ୍ରଜନନର ଆହ୍ୱାନ। ପୁରୁଷ ବେଙ୍ଗ ନିଜର ସ୍ୱରଥଳୀକୁ ଫୁଲାଇ ମାଦା ବେଙ୍ଗକୁ ଆକର୍ଷିତ କରେ। ପ୍ରତ୍ୟେକ ପ୍ରଜାତିର ସ୍ୱର ଅଲଗା, ଯାହା ସେମାନଙ୍କ ପରିଚୟର ଏକ ଅଦ୍ଭୁତ ପ୍ରାକୃତିକ ବ୍ୟବସ୍ଥା। ଏହି ସ୍ୱରରେ ଥାଏ ଜୀବନର ନୂଆ ଆରମ୍ଭର ସଙ୍କେତ।

ବିଶ୍ୱରେ ବେଙ୍ଗର ଅବସ୍ଥା ଚିନ୍ତାଜନକ। ଗବେଷଣା ଦର୍ଶାଉଛି ଯେ ପୃଥିବୀର ଉଭୟଚର ପ୍ରଜାତିମାନଙ୍କ ଏକ ବଡ଼ ଅଂଶ ବିଲୁପ୍ତିର ବିପଦରେ ଅଛନ୍ତି। ବାସସ୍ଥାନ ନଷ୍ଟ ହେବା, ଜଳାଶୟ ଭରାଯିବା, ରାସାୟନିକ କୀଟନାଶକର ଅତ୍ୟଧିକ ବ୍ୟବହାର, ଜଳବାୟୁ ପରିବର୍ତ୍ତନ, ଦୂଷିତ ଜଳ ଏବଂ ଉଭୟଚରମାନଙ୍କ ମଧ୍ୟରେ ବ୍ୟାପୁଥିବା ଛତୁଆଜନିତ ରୋଗଏସବୁ ମିଶି ବେଙ୍ଗର ଜୀବନକୁ ସଙ୍କଟରେ ପକାଇଛି।

ଓଡ଼ିଶାର ଗ୍ରାମାଞ୍ଚଳରେ ଏକଦା ବର୍ଷା ଆସିଲେ ଖାଲ, ପୋଖରୀ, ବିଲ ଓ ଧାନକ୍ଷେତ ବେଙ୍ଗର ଡାକରେ ମୁଖରିତ ହୋଇଉଠୁଥିଲା। ଚାଷୀମାନେ ଏହାକୁ ଭଲ ବର୍ଷାର ଲକ୍ଷଣ ବୋଲି ଧରୁଥିଲେ। ଅନେକ ଲୋକକଥା ଓ ପ୍ରବଚନରେ ବେଙ୍ଗର ଉଲ୍ଲେଖ ରହିଛି। କେତେକ ଅଞ୍ଚଳରେ ଅନାବୃଷ୍ଟି ସମୟରେ ପ୍ରତୀକାତ୍ମକ 'ବେଙ୍ଗ ବିବାହ' ପରମ୍ପରା ମଧ୍ୟ ରହିଛି, ଯାହା ପ୍ରକୃତି ସହ ମଣିଷର ସାଂସ୍କୃତିକ ସମ୍ପର୍କକୁ ପ୍ରକାଶ କରେ। ବୈଜ୍ଞାନିକ ଆଧାର ନଥିଲେ ମଧ୍ୟ ଏହି ପରମ୍ପରା ପ୍ରକୃତି ପ୍ରତି ଲୋକଙ୍କର ଆସ୍ଥା ଓ ସମ୍ମାନର ପ୍ରତୀକ।

ବେଙ୍ଗ କୃଷକଙ୍କର ନିରବ ବନ୍ଧୁ। ସେମାନେ ବହୁ ପରିମାଣରେ ମଶା, ମାଛି ଓ ଫସଲକୁ କ୍ଷତି କରୁଥିବା କୀଟପତଙ୍ଗ ଖାଇଥାନ୍ତି। ଗୋଟିଏ ବେଙ୍ଗ ବର୍ଷକୁ ହଜାର ହଜାର କୀଟ ଖାଇ ପ୍ରାକୃତିକ ଭାବେ କୃଷିକୁ ସୁରକ୍ଷା ଦେଇଥାଏ। ତେଣୁ ବେଙ୍ଗ କମିଲେ କୀଟନାଶକ ଉପରେ ନିର୍ଭରଶୀଳତା ବଢ଼ିବାର ଆଶଙ୍କା ରହେ। ସହରୀକରଣ ଓ ଆଧୁନିକ ବିକାଶର ପ୍ରଭାବ ମଧ୍ୟ ସ୍ପଷ୍ଟ। ଛୋଟ ଜଳାଶୟ ପୋତି ଦିଆଯାଉଛି, ଖାଲବିଲ ଅଦୃଶ୍ୟ ହେଉଛି, ବର୍ଷାଜଳ ଜମି ରହିବାର ସ୍ଥାନ କମୁଛି। ବେଙ୍ଗର ପ୍ରଜନନ ପାଇଁ ଆବଶ୍ୟକ ଏହି ପ୍ରାକୃତିକ ପରିବେଶ ହରାଇଯାଉଛି। ଅନ୍ୟପକ୍ଷରେ ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ବେଙ୍ଗର କୋମଳ ଚର୍ମକୁ କ୍ଷତିଗ୍ରସ୍ତ କରୁଛି, କାରଣ ସେମାନେ ଚର୍ମ ମାଧ୍ୟମରେ ମଧ୍ୟ ଶ୍ୱାସକ୍ରିୟା କରନ୍ତି।

ବେଙ୍ଗର ଡାକ କମିଯିବାର ଅର୍ଥ କେବଳ ଗୋଟିଏ ସ୍ୱର ହରାଇବା ନୁହେଁ। ଏହା ଏକ ସମ୍ପୂର୍ଣ୍ଣ ପରିସଂସ୍ଥାର ଦୁର୍ବଳ ହେବାର ସୂଚନା। ବେଙ୍ଗ କମିଲେ ସାପ, ବକ, ମାଛ ଓ ଅନ୍ୟ ଅନେକ ପ୍ରାଣୀର ଖାଦ୍ୟଶୃଙ୍ଖଳ ମଧ୍ୟ ପ୍ରଭାବିତ ହୁଏ। ପ୍ରକୃତିର ପ୍ରତ୍ୟେକ ପ୍ରାଣୀ ଏକ ବଡ଼ ଜୀବନଚକ୍ରର ଅଂଶ।

ସମାଧାନ ଆମ ହାତରେ। ଗ୍ରାମ ଓ ସହରର ଜଳାଶୟ ସଂରକ୍ଷଣ, ରାସାୟନିକ କୀଟନାଶକର ବ୍ୟବହାର ହ୍ରାସ, ବର୍ଷାଜଳ ଧାରଣ କ୍ଷେତ୍ରର ସୁରକ୍ଷା, ଜୈବିକ କୃଷିକୁ ପ୍ରୋତ୍ସାହନ ଏବଂ ବିଦ୍ୟାଳୟରେ ଜୈବ ବିବିଧତା ସମ୍ପର୍କିତ ସଚେତନତା ସୃଷ୍ଟି କଲେ ବେଙ୍ଗର ପ୍ରାକୃତିକ ବାସସ୍ଥାନକୁ ରକ୍ଷା କରାଯାଇପାରିବ। ବର୍ଷାର ସୌନ୍ଦର୍ଯ୍ୟ କେବଳ ମେଘ, ବିଜୁଳି କିମ୍ବା ସବୁଜିମାରେ ନୁହେଁ। ବେଙ୍ଗର ସମବେତ ଡାକରେ ମଧ୍ୟ ରହିଛି। ସେହି ସ୍ୱର ଆମକୁ କହେପ୍ରକୃତି ଏପର୍ଯ୍ୟନ୍ତ ବଞ୍ଚିଛି। ଆମେ ଏପରି ଏକ ପରିବେଶ ଗଢ଼ିବା, ଯେଉଁଠାରେ ଆଗାମୀ ପିଢ଼ି ପୁଣିଥରେ ବର୍ଷାର ପ୍ରଥମ ରାତିରେ ବେଙ୍ଗର ସମବେତ ଡାକ ଶୁଣି କହିପାରିବ'ପ୍ରକୃତି ଏପର୍ଯ୍ୟନ୍ତ ଗୀତ ଗାଉଛି।'

# ଗୁରୁକୁଳରୁ ଗୁଗୁଲ୍ ପର୍ଯ୍ୟନ୍ତ..



ମନୋଜ କୁମାର ବେହେରା
ଭୁବନେଶ୍ୱର, ୭୯୭୮୮୩୦୬୧୧

ଗୋଟିଏ ସମୟ ଥିଲା ଯେତବଳେ ଜ୍ଞାନ ପ୍ରାପ୍ତ କରିବାର ଅର୍ଥ କେବଳ ଗୁରୁଙ୍କ ସାନ୍ନିଧ୍ୟରେ ବସିକରି ଜୀବନକୁ ବୁଝିବା ହେଉଥିଲା। ଶିକ୍ଷା କେବଳ ପୁସ୍ତକ ପର୍ଯ୍ୟନ୍ତ ସୀମିତ ହେଉ ନଥିଲା ଆଉ ତାହା ସଂସ୍କାର,ଅନୁଶାସନ,ବିବେକ ଆଉ ଚରିତ୍ର ନିର୍ମାଣର ମାଧ୍ୟମ ମଧ୍ୟ ଥିଲା । ଭାରତୀୟ ପରମ୍ପରାରେ ଗୁରୁଙ୍କୁ ଇଶ୍ୱରଙ୍କଠୁ ବଡ ଉଚ୍ଚ ସ୍ଥାନ ଦିଆଯାଇଛି । କାହିଁକି ସେ ଅଜ୍ଞାନର ଅନ୍ଧକାରରୁ ଜ୍ଞାନର ପ୍ରକାଶ ଆଡକୁ ନେଇ ଯାଆନ୍ତି ଆଉ ଜାଣିବା ବାଲାଙ୍କ ମାର୍ଗଦର୍ଶକ ହୋଇଯାଏ । କିନ୍ତୁ ଏବେ ସେ ସବୁ ପୁରୁଣା କଥା ହେଇ ଗଲାଣି। ଆଜି ୨୧ତମ ଶତାବ୍ଦୀରେ ଦୁନିଆ ବହୁତ ବଦଳି ଯାଇଛି । ଜ୍ଞାନ ଏବେ ହାତ ପାହାନ୍ତାରେ ଅଛି । ମୋବାଇଲ୍ ଫୋନ୍ରେ ସବୁ ଗୋଟିଏ ସେକେଣ୍ଡରେ ଜଣା ପଡି ଯାଉଛି । ଗୁଗୁଲ୍ର ମାଧ୍ୟମରେ ଆମେ ଗୋଟିଏ ସେକେଣ୍ଡରେ ଅନେକ ପ୍ରଶ୍ନର ଉତ୍ତର ଦେଇ ପାରିବା । ଏବେ ତ କୃତ୍ରିମ ବୁଦ୍ଧିମତାର ଅବଦାନରେ ଦୁନିଆ ଜଟିଳରୁ ଜଟିଳ ପ୍ରଶ୍ନକୁ ମଧ୍ୟ ଗୋଟିଏ ସେକେଣ୍ଡରେ ଉତ୍ତର ପ୍ରସ୍ତୁତ କରିପାରିବ।

ଏମିତିରେ ଗୁରୁ ପୂର୍ଣ୍ଣିମାର ଅବସର ଉପରେ ଏହି ପ୍ରଶ୍ନ ସ୍ୱଭାବିକ କି କ'ଣ ଟେକ୍ନୋଲୋଜିର ଏହି ଯୁଗରେ ଗୁରୁଙ୍କ ଭୂମିକା ବଦଳି ଗଲାଣି କିମ୍ବା ନା' ପୁଣି ତାଙ୍କର ମହତ୍ୱ ପ୍ରଥମରୁ ଅଧିକ ବଢି ଯାଇଛି ! ବାସ୍ତବରେ ଆଜିର ଟେକ୍ନୋଲୋଜିରେ ଜ୍ଞାନ ଆମର ପହଞ୍ଚ ବହୁତ ସହଜ କରି ଦେଲାଣି । ପ୍ରଥମେ କୌଣସି ବିଷୟକୁ ବୁଝିବା ପାଇଁ ପୁସ୍ତକାଳୟର ଧୂଳି ଭର୍ତ୍ତି ଆଲମାରୀରେ ଖୋଜିବାକୁ ପଡୁଥିଲା। ଆଉ ଆଜି ଦୁନିଆର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଦୁର୍ଲଭ ବାଖ୍ୟାନ,ଶୋଧପତ୍ର ଆଉ ପାଠ୍ୟକ୍ରମ ମାତ୍ର କିଛି କ୍ଲିକ୍ର ଦୂରରେ ଉପଲବ୍ଧ ଅଛି। ଆଜି ଆମେ କୌଣସି ବିଷୟ ଉପରେ ଭିଡିଓ ଦେଖି ପାରିବା,ତେଣିକି ସେ ଛାତ୍ର ହେଉ ବା ନହେଉ।

ବାସ୍ତବରେ ଏହି ପରିବର୍ତ୍ତନ ଶିକ୍ଷାକୁ ବହୁତ ଲୋକତାନ୍ତ୍ରିକ ବନେଇ ଦେଇଛି । ଏବେ ଗୁଣାବତ୍ତା ପୂର୍ଣ୍ଣ ପରିଚୟ କେବଳ ବଡ ସହର କିମ୍ବା ସଂସ୍ଥା ପର୍ଯ୍ୟନ୍ତ ସୀମିତି ନାହିଁ। କିନ୍ତୁ ଟିକିଏ ରୁହନ୍ତୁ, ଗୋଟିଏ ମହତ୍ୱପୂର୍ଣ୍ଣ ଅନ୍ତର ମଧ୍ୟ ଉତ୍ପନ୍ନ ହେଇଛି। ଆଜି ପରିଚୟ ଆଉ ଜ୍ଞାନ ପରସ୍ପର ପର୍ଯ୍ୟନ୍ତ ରହିନାହିଁ। ପରିଚୟ କେବଳ ତଥ୍ୟ ସଂଗ୍ରୟ ଅଟେ,ଆଉ ଜ୍ଞାନ ତଥ୍ୟକୁ ସଠିକ୍ ସନ୍ଦର୍ଭରେ ବୁଝିବା ଆଉ ଏହାର ବିବେକପୂର୍ଣ୍ଣ ଉପଯୋଗ କରିବାର ମାଧ୍ୟମ ଅଟେ । ଗୁଗୁଲ୍ ଏହା ବତେଇ ଥାଏକି କୌଣସି ନିର୍ଣ୍ଣୟ କେମିତି ନିଆଯାଇ ପାରିବ ? ଏ.ଆଇ ଆମର ସାମନାରେ କୌଣସି ବିଷୟର ସାର ପ୍ରସ୍ତୁତ କରିପାରିବ । କିନ୍ତୁ ତାହା ଜୀବନର ଅନୁଭବ,ସମ୍ବେଦନା ଆଉ ମାନବୀୟର ସ୍ଥାନ ନେଇ ପାରିବ ନାହିଁ ।

ଭାରତୀୟ ଗୁରୁ-ଶିକ୍ଷ୍ୟା ପରମ୍ପରାର ସବୁଠୁ ବଡ ବିଶେଷତା ଏହା ରହିଛି କି ଗୁରୁ କେବଳ ପାଠ ପଢାନ୍ତି ନାହିଁ,ସେ ବ୍ୟକ୍ତିତ୍ୱର ନିର୍ମାଣ ମଧ୍ୟ କରନ୍ତି। ମହର୍ଷି ବେଦବ୍ୟାସ,ଚାଣକ୍ୟ,ବଶିଷ୍ଠ,ଦ୍ରୋଣାଚାର୍ଯ୍ୟ ଆଉ ଆଧୁନିକ କାଳର ଡା. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଭଳି ଅନେକ ଶିକ୍ଷକ ନା' କେବଳ ଜ୍ଞାନ ଦେଇ ନାହାନ୍ତି,ଆଉ ସେ ନିଜର ଶିଷ୍ୟରେ ଦୃଷ୍ଟି,ଆତ୍ମବିଶ୍ୱାସ ଆଉ ଉତ୍ତରଦାୟିତ୍ୱର ଭାବ ମଧ୍ୟ ବିକଶିତ କରିଛନ୍ତି। ଯାହା କୌଣସି ମେସିନ୍ କିମ୍ବା ସର୍ଚ୍ଚ ଇଞ୍ଜିନର ବଶରେ ନଥାଏ। ଅଜିର ସମୟରେ ଶିକ୍ଷକଙ୍କ ଭୂମିକା ବହୁତ ବଦଳି ଯାଇଛି। କିନ୍ତୁ ସମାପ୍ତ ହେଇନାହିଁ। ପ୍ରଥମେ ଶିକ୍ଷକ ଜ୍ଞାନର ମୁଖ୍ୟ ସ୍ରୋତ ହୋଇଥିଲେ,ଏବେ ସେ କେବଳ ଜ୍ଞାନର ମାର୍ଗଦର୍ଶକ ହେଇ ଯାଇଛନ୍ତି । ପ୍ରଥମେ ଛାତ୍ର ଉତ୍ତର ଜାଣିବା ପାଇଁ ଶିକ୍ଷକଙ୍କ ଉପରେ ନିର୍ଭର ଥିଲେ,ଆଜି ଏହି କାମ ଇଣ୍ଟରନେଟ୍ ମଧ୍ୟ କରି ଦେଉଛି ।

କିନ୍ତୁ ଠିକ୍ ଉତ୍ତର ଚିହ୍ନଟ କରିବା,ଏହାର ବିଶ୍ୱସନୀୟତାକୁ ପରୀକ୍ଷା କରିବା,ବିଭିନ୍ନ ବିଚାରକୁ ନେଇ ତୁଳନା କରିବା ଆଉ ଏହାର ବିବେକ ପୂର୍ଣ୍ଣ ଉପଯୋଗ କରିବା । ଏବେ ଏହି ସବୁ ଭୂମିକା କେବଳ ଶିକ୍ଷକର ପାଖରେ ଅଛି। ଇତିହାସ ବତେଇ ଥାଏ ନୂଆ ଟେକ୍ନୋଲେଜି ଶିକ୍ଷାର ସ୍ୱରୂପକୁ ବଦଳେଇ ଦେଇଛି। କିନ୍ତୁ ଯେତବଳେ ଛାପାଖାନା ଆସିଥିଲା,ଆଉ ସେତବଳେ ଏହି ଆଶଙ୍କା ଥିଲା କି ଶିକ୍ଷକଙ୍କର ମହତ୍ୱ ଶେଷ ହେଇଯିବ । ରେଡିଓ,ଟେଲିଭିଜନ ଆଉ ଇଣ୍ଟରନରଟ୍ର ଆଗମନ ଉପରେ ଏମିତି ହିଁ ଆକାଂକ୍ଷା ବ୍ୟକ୍ତ କରାଯାଇ ଥିଲା। କିନ୍ତୁ ପ୍ରତ୍ୟେକ ଥର ଏହା ସ୍ପଷ୍ଟ ହେଲା କି ଟେକ୍ନୋଲୋଜି କେବଳ ଶିକ୍ଷକର ବିକଳ୍ପ ହେଇ ପାରିବନି। ଆଉ ଏହା ସର୍ବଦା ତାଙ୍କର ସହଯୋଗୀ ହିଁ ରହିବ। ବାସ୍ତବରେ ଏ.ଆଇ ତେଣିକି ଯେତେ ଉନ୍ନତ ଟେକ୍ନୋଲୋଜିର ହେଉନା କାହିଁକି,କିନ୍ତୁ ତାହା ତ ଗୋଟିଏ ଟେକ୍ନୋଲୋଜି ନା! । ଏହା ମଧ୍ୟ ଶିକ୍ଷକର ସ୍ଥାନକୁ ନେଇ ପାରିବନି । ଟେକ୍ନୋଲୋଜି ଆମକୁ ଗତି ଦେଇପାରେ,କିନ୍ତୁ ଦିଶାର ଚିହ୍ନଟ ତ ମନୁଷ୍ୟକୁ ହିଁ କରିବାକୁ ପଡିବ। ସେଥିପାଇଁ ଏହା ଜରୁରୀ ନୁହେଁ କି ଆମେ ଗୁରୁ ଆଉ ଟେକ୍ନୋଲୋଜିକୁ ପରସ୍ପରର ବିକଳ୍ପ ଅଥବା ପ୍ରତିସ୍ପର୍ଦ୍ଧୀ ମାନିବା। ପ୍ରକୃତ ଦୃଷ୍ଟିକୋଣରେ ଏହା କି ଦୁହିଁଙ୍କର ଭୂମିକା ଅଲଗା-ଅଲଗା ଅଟେ।

ବୁଧବାର ୨୯।୦୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ସେଞ୍ଚୁରିଅନ୍ ୟୁନିଭର୍ସିଟିର ସ୍କୁଲ୍ ଅଫ୍ ଲ' ପକ୍ଷରୁ ୨୦୨୬ ବ୍ୟାଚ୍‌ର ନୂତନ ସ୍ନାତକ ଆଇନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



ଭୁବନେଶ୍ୱର, ୨୮ ଜୁଲାଇ: ସେଞ୍ଚୁରିଅନ୍ ୟୁନିଭର୍ସିଟିର ସ୍କୁଲ୍ ଅଫ୍ ଲ' ପକ୍ଷରୁ ୨୦୨୬ ବ୍ୟାଚ୍‌ର ନୂତନ ସ୍ନାତକ ଆଇନ ଛାତ୍ରଛାତ୍ରୀଙ୍କ ପାଇଁ ମଙ୍ଗଳବାର ଭୁବନେଶ୍ୱର କ୍ୟାମ୍ପସ୍‌ର ମୁଟ୍ କୋର୍ଟ ହଲ୍‌ରେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟର ଆଇନ ଶିକ୍ଷାକୁ ଅଧିକ ଗୁଣାତ୍ମକ ଓ ବ୍ୟବହାରିକ କରିବା ଦିଗରେ ଏହି କାର୍ଯ୍ୟକ୍ରମ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାରମ୍ଭ ରେ ଡିନ୍ ଡ. ପଲ୍ଲବ ଦାସ୍ , ପ୍ରୋ.ଭି.ସି ଡ. ଅଜୟ କୁମାର ନାୟକ ଓ ଆସୋସିଏଟ୍ ପ୍ରଫେସର ଡ. ଗିରୀଶ ରଂଜନ ସାହୁ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ପରେ ପରେ ସେଞ୍ଚୁରିଅନ୍ ୟୁନିଭର୍ସିଟିର କୁଳପତି ପ୍ରଫେସର (ଡ) ସୁପ୍ରିୟା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ନବାଗତ ଛାତ୍ରଛାତ୍ରୀଙ୍କୁ ଆଇନ ଶିକ୍ଷାର ମୂଲ୍ୟବୋଧ, ନୈତିକତା, ସାମାଜିକ ଦାୟିତ୍ୱ ଏବଂ ଜଣେ ଦାୟିତ୍ୱବାନ୍ ଆଇନଜୀବୀ ଭାବେ ନିଜକୁ ଗଢ଼ି ତୋଳିବା ପାଇଁ ଆହ୍ୱାନ ଜଣାଇଥିଲେ। ସ୍କୁଲ୍ ଅଫ୍ 'ଲ'ର ଡିନ୍ ଡ. ପଲ୍ଲବ ଦାସ ନୂତନ ଶିକ୍ଷାବର୍ଷ, ପାଠ୍ୟକ୍ରମ, ମୁଟ୍ କୋର୍ଟ, ଇଣ୍ଟର୍ନଶିପ୍, ଗବେଷଣା, ଲିଗାଲ୍ ଏଡ୍ କ୍ଲିନିକ୍ ଏବଂ ବୃତ୍ତିଗତ ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ।

ଅତିଥି ଭାବେ ମଧୁସୂଦନ 'ଲ' ବିଶ୍ୱବିଦ୍ୟାଳୟର ସମ୍ମାନନୀୟ କୁଳପତି ପ୍ରଫେସର (ଡ) ସିବରାମ ତ୍ରିପାଠୀ ଯୋଗଦେଇ କହିଥିଲେ ଯେ, ଆଇନ ଶିକ୍ଷା କେବଳ ଡିଗ୍ରୀ ହାସଲରେ ସୀମିତ ନ ରହି ସମାଜରେ ନ୍ୟାୟ, ସମାନତା ଓ ସମ୍ବିଧାନିକ ମୂଲ୍ୟବୋଧ ପ୍ରତିଷ୍ଠାର ମାଧ୍ୟମ ହେବା ଉଚିତ୍। ସେ ନୂତନ ଆପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା (ଇଘଝ), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ଇଘଝଝ) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ (ଇଝଇ) ସମ୍ପର୍କରେ ଜ୍ଞାନ ଆହରଣ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶା ରାଜ୍ୟ ଆଇନ କମିଶନର ସମ୍ମାନନୀୟ ସଦସ୍ୟ ପ୍ରଫେସର (ଡ) ଲଳିତ କୁମାର ଦେବ, ଆଇନ ଗବେଷଣା, ସମ୍ବିଧାନିକ ଚେତନା ଏବଂ ନ୍ୟାୟିକ ଚିନ୍ତାଧାରାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ।

ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ଶର୍ମା ନିଜର ଦୀର୍ଘ ପ୍ରଶାସନିକ ଅନୁଭବ ବାଣ୍ଟିବା ସହ ଶୃଙ୍ଖଳା, ସତ୍ୟନିଷ୍ଠା, ନେତୃତ୍ୱ ଏବଂ ଜନସେବାର ମନୋଭାବକୁ ଜଣେ ସଫଳ ଆଇନ ବୃତ୍ତିଜୀବୀଙ୍କ ମୂଳ ଗୁଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ନବାଗତ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟର ଶିକ୍ଷାନୀତି, ମେଣ୍ଟରିଂ ବ୍ୟବସ୍ଥା, ଗବେଷଣା ସଂସ୍କୃତି, ନୈତିକ ମୂଲ୍ୟବୋଧ ଏବଂ କ୍ୟାରିୟର ବିକାଶ ସମ୍ବନ୍ଧୀୟ ବିଭିନ୍ନ ଦିଗ ସହ ପରିଚିତ କରାଯାଇଥିଲା। ଉପସ୍ଥିତ ବକ୍ତାମାନେ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ, ନିରନ୍ତର ଅଧ୍ୟୟନ ଏବଂ ସମାଜ ପ୍ରତି ଦାୟିତ୍ୱବୋଧ ସହ ଆଗକୁ ବଢ଼ିବାକୁ ଆହ୍ୱାନ ଜଣାଇଥିଲେ। ଶେଷରେ ପ୍ରଫେସର ମଲ୍ଲା ନୋକା ରାଜୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଅସିଷ୍ଟାଣ୍ଟ ପ୍ରଫେସର ଉପାସନା ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାପରେ ଅତିଥି, ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଫଟୋ ସେସନ୍ ଏବଂ ସୌଜନ୍ୟ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା। ନବାଗତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଉତ୍ସାହ, ଆତ୍ମବିଶ୍ୱାସ ଓ ନୂତନ ଆଶାର ସଞ୍ଚାର କରିଥିଲା। କାର୍ଯ୍ୟକ୍ରମ ଟିକୁ ସହଯୋଗୀ ପ୍ରଫେସର ଆର୍ଯ୍ୟତାଂଶୁ ପାଣିଗ୍ରାହୀ, ଗୌରବ ମଲ୍ଲିକ, ସୁମନ ଜେନା, ଜୟପ୍ରକାଶ ମିଶ୍ର ଓ ଆଡମିନିଷ୍ଟରେଟର ରଶ୍ମି ରଞ୍ଜନ ଜେନା ଖୁବ ସୁନ୍ଦର ଭାବରେ ପରିଚାଳନା କରିଥିଲେ।

# ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗଦେଲେ ଯୋଗାଣ ସହାୟକ



କୋକସରା, ୨୮/୭ (ମଙ୍ଗରାଜ ବେହେରା ) : ରାଜ୍ୟର ବିଭିନ୍ନ ବ୍ଲକ ଅଧୀନରେ ପଞ୍ଚାୟତ ରେ କାର୍ଯ୍ୟରତ ଯୋଗାଣ ସହାୟକ ମାନେ ଗତ ୧୦ ତାରିଖ ରୁ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିଲେ।ଫଳରେ ପଞ୍ଚାୟତ ରେ ପିଡ଼ିଏସ ବଣ୍ଟନ ରେ ବ୍ୟତିକ୍ରମ ଦେଖା ଦେଇଥିଲା ଓ ହିତାଧିକାରୀ ମାନେ ପିଡ଼ିଏସ ସାମଗ୍ରୀ ରୁ ବଞ୍ଚିତ ରହିଥିଲେ। ରାଜ୍ୟ ଯୋଗାଣ ସଙ୍ଘ ପକ୍ଷରୁ ରାଜ୍ୟ ସରକାରଙ୍କ ସହିତ ଆଲୋଚନା ପରେ ରାଜ୍ୟ ସରକାର ଦାବି ସମୂହ ର ବିଚାର ପାଇଁ ୧୫ ଦିନ ର ସମୟ ମାଗିଥିବା ବେଳେ ରାଜ୍ୟ ସଂଘ ପକ୍ଷରୁ ଦାବି ପୂରଣ ନେଇ ୧ ମାସ ର ସମୟ ସୀମା ଦିଆଯାଇଛି। ୧ମାସ ମଧ୍ୟରେ ସଙ୍ଘ ର ନ୍ୟାର୍ଯ୍ୟ ଦାବି କୁ ସରକାର ପୂରଣ ନକଲେ ପୁଣି ଅଗଷ୍ଟ ୨୭ ରୁ ସାମୁହିକ କାର୍ଯ୍ୟବନ୍ଦ ଆନ୍ଦୋଳନ ରେ ପୁଣିଥରେ ଯିବାକୁ ଚେତାବନୀ ଦେଇଛନ୍ତି। ମଙ୍ଗଳବାର କୋକସରା ବ୍ଲକ ର ୨୨ ପଞ୍ଚାୟତ ରେ କାର୍ଯ୍ୟରତ ଯୋଗାଣ ସହାୟକ ମାନେ କାର୍ଯ୍ୟ ରେ ଯୋଗଦାନ ପୂର୍ବରୁ ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ଙ୍କୁ ଭେଟି କାର୍ଯ୍ୟ ରେ ଯୋଗଦାନ ପତ୍ର ପ୍ରଦାନ ସହ ସଙ୍ଘ ର ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ ଯୋଗାଣ ସହାୟକ ସଙ୍ଘ ସଭାପତି ଟିକେଶ୍ୱର ବାଗ, ସମ୍ପାଦକ ବିକ୍ରମ ସାହୁ,ଅଜିତ କୁମାର ମହାନ୍ତି, ଦୟାନିଧି ଶବର,ପ୍ରକାଶ ନାଗ, ଚନ୍ଦ୍ରମଣି ବେଶ୍ରା, ହଜମନ ନିଆଳ, ବନିତା ଛୁରା, ତରୁମଣି କୁମାର,ପ୍ରଶାନ୍ତ ନାଏକ, କୈଳାସ ସତନାମୀ ପ୍ରମୁଖ ଉପସ୍ଥିତ ଥିଲେ।

# ଟିଚ୍ କନ୍ଧମାଳରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ସ୍କୁଲ ପରିଦର୍ଶନ



ବାଲିଗୁଡା ୨୮/୭(ଅକ୍ଷର ଓଡିଶା ):- କନ୍ଧମାଳ ଜିଲ୍ଲା ରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଏବଂ ବିଦ୍ୟାଳୟଗୁଡ଼ିକର ଶିକ୍ଷାଦାନ ମାନ ବୃଦ୍ଧି କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା "ଟିଚ୍ କନ୍ଧମାଳ" କାର୍ଯ୍ୟକ୍ରମ ଅଧୀନରେ ଜୁଲାଇ ୨୭, ୨୦୨୬ ରିଖରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଖଜୁରୀପଡ଼ା ବ୍ଲକର ବିଭିନ୍ନ ଗ୍ରାମ ଓ ପଞ୍ଚାୟତରେ ଥିବା ୧୯ଟି ବିଦ୍ୟାଳୟକୁ ଗସ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବେଦଭୂଷଣ ଟିଗ୍ରାପାଙ୍ଗା ପଞ୍ଚାୟତର କଲାଡ଼ି ସ୍ଥିତ ଏମ.ବି.ଡ଼ି. ହାଇସ୍କୁଲ, ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ ଦୁତିମେଣ୍ଡି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଡି.ଏଫ୍.ଓ. ଖଜୁରୀପଡ଼ା ସ୍ଥିତ କଳିଙ୍ଗ ମଡେଲ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେହିପରି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଫୁଲବାଣୀ ଉପ-ଜିଲ୍ଲାପାଳ ,ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ ତହସିଲଦାର ଓ ବି.ଡି.ଓ. ପ୍ରମୁଖ ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟ ଗସ୍ତ କରି ଶିକ୍ଷାର୍ଥୀ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିବା ସହ ପ୍ରତ୍ୟକ୍ଷ ଭାବେ ସ୍କୁଲଗୁଡ଼ିକୁ ଯାଇ ଶିକ୍ଷାଦାନ ସ୍ଥିତି ଓ ଭୌତିକ ପରିବେଶର ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରଶାସନିକ ସ୍ତରରେ ଗ୍ରାମାଞ୍ଚଳ ବିଦ୍ୟାଳୟଗୁଡ଼ିକର ସମସ୍ୟା ଦୂର ହେବା ସହ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି।

# ପିପୁଲ୍ସ କଲେଜ ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର




ବୁଗୁଡା, ୨୮/୦୭ (ଅକ୍ଷର ଓଡ଼ିଶା) : ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ କଲେଜ ସଭାଗୃହରେ ଏକ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରର ବିଷୟବସ୍ତୁ 'ପଲିଟିକାଲ୍ ସାଇନ୍ସ ଇନ୍ ଟ୍ୱେଣ୍ଟି-ଫାଷ୍ଟ ସେଞ୍ଚୁରୀ : ରିଲେଭାନ୍ସ, ଚ୍ୟାଲେଞ୍ଜେସ୍ ଏଣ୍ଡ ଫ୍ୟୁଚର ପ୍ରସପେକ୍ଟସ୍' ରହିଥିଲା। କଲେଜ ଅଧକ୍ଷ ଭଗବାନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ପାଠଚକ୍ର କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଅଧ୍ୟାପକ ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳ ପ୍ରମୁଖ ମଞ୍ଚାସୀନ ରହିଥିବା ବେଳେ ମୁଖ୍ୟ ବକ୍ତା ଭାବେ କେନ୍ଦୁପଦର ଏନବିସି କଲେଜ ଅଧକ୍ଷ ଅମର ପ୍ରସାଦ ବିଷୋୟୀ ପ୍ରମୁଖ ଯୋଗ ଦେଇ ଏକବିଂଶ ଶତାବ୍ଦୀରେ ରାଜନୀତି ବିଜ୍ଞାନର ପ୍ରାସଙ୍ଗିକତା, ଆହ୍ୱାନ ଏବଂ ଭବିଷ୍ୟତ ସମ୍ଭାବନା ସମ୍ପର୍କେ ଆଲୋକପାତ କରିଥିଲେ। ଏ ଅବସରରେ ଛାତ୍ର ସୋମିତ୍ ପରିଡା, ଛାତ୍ରୀ ଦିପ୍ତିମୟୀ ଡାକୁଆ ଓ ଶ୍ରଦ୍ଧା ବେହେରା ପାଠଚକ୍ରର ସନ୍ଦର୍ଭ ପାଠ କରିଥିଲା ବେଳେ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ପାଠଚକ୍ରର ବିଷୟବସ୍ତୁ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଥି ସହ ବରେଣ୍ୟ ମୁଖ୍ୟ ବକ୍ତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀ ଉଷା ସେଠୀ, ପ୍ରିୟାଙ୍କା ଗୌଡ, ସ୍ମୃତି ଗୌଡ ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ପରିଶେଷରେ ସେମିନାର ସେକ୍ରେଟାରୀ ପୁଷ୍ପିତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରା ବାଲି ଚାଲାଣ ଧରପଗଡ଼



ଆସିକା, ୨୮/୦୭ (ଅକ୍ଷର ଓଡ଼ିଶା) : ଗଞ୍ଜାମ ଆରକ୍ଷୀ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ନେତୃତ୍ୱ ରେ ଚୋରା ବାଲି ଚାଲାଣ ଧରପଗଡ଼ ହୋଇଥିଲା ଓ ଆସିକା ଥାନା ଇଲକାର କାଳଷଣ୍ଡପୁର ଗ୍ରାମ ନିକଟରେ ସୋରଡ଼ା ପଟୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ୦୯ ଗୋଟି ବାଲି ବୋଝେଇ ହାଇୱା କୁ ଅଟକାଇଥିଲେ ଓ କାଗଜ ପତ୍ର ଯାଞ୍ଚ ବେଳେ ସନ୍ଦେହ ହେବାରୁ ସମସ୍ତ ଗାଡି ଗୁଡିକୁ ଥାନା ଇଲାକାରେ ରଖିଥିଲେ ଓ ଏହାର କାଗଜ ପତ୍ର ଯାଞ୍ଚ ପାଇଁ ଖଣି ଅଧିକାରିଙ୍କୁ ଲିଖିତ ଜଣାଇଥିଲେ ଓ ଖବର ଲେଖା ପର୍ଯ୍ୟନ୍ତ ମୋଟ ଦୁଇଟି ଗାଡି ବିରୋଧ ରେ ଆସିକା ଥାନା କେସ ନମ୍ବର ୩୯୬/୨୬ ଓ ୩୯୭/୨୬ ରେ ଦୁଇଟି ମାମଲା ରୁଜୁ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି ଓ ଅନ୍ୟ ସାତ ଗୋଟି ଗାଡିର କାଗଜ ପତ୍ର ଖଣି ଅଧିକାରୀ ଯାଞ୍ଚ କରି ରିପୋର୍ଟ ଆସିଲା ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି ଓ ଏହି ଚଢ଼ାଉ କାର୍ଯ୍ୟକ୍ରମ ରେ ଏସ ଡି ପି ଓ ସୌରଭ ରଞ୍ଜନ ପ୍ରଧାନ, ଆସିକା ଥାନା ର ପୋଲିସ ଅଧିକାରୀ କୈଳାସ ସାହୁ ସମେତ ଅନ୍ୟ ପୋଲିସ କର୍ମଚାରୀ ନିୟୋଜିତ ଥିଲେ ।

# ଶିଶୁ ବାଟିକାର ଜ୍ଞାନ ବିଜ୍ଞାନ ମେଳା

## ୫୪ଟି ପ୍ରକଳ୍ପ ପ୍ରଦର୍ଶିତ



ବୁଗୁଡ଼ା, ୨୮/୦୭ (ଅକ୍ଷର ଓଡ଼ିଶା) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିଶୁ ବାଟିକା ପକ୍ଷରୁ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅରୁଣ, ଉଦୟ ଓ ପ୍ରଭାତ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପକ୍ଷରୁ ମୋଟ ୫୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅରୁଣ ଶ୍ରେଣୀ ପାଇଁ ଆମ ଶରୀରର ଅଙ୍ଗ, ଉଦୟ ଶ୍ରେଣୀ ପାଇଁ ଉଦ୍ଭିଦର ବିଭିନ୍ନ ଅଂଶ ଏବଂ ପ୍ରଭାତ ଶ୍ରେଣୀ ପାଇଁ ସ୍ୱାସ୍ଥ୍ୟକର ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଆଦି ବିଷୟବସ୍ତୁ ସମ୍ପର୍କେ ପ୍ରକଳ୍ପମାନ ରହିଥିଲା। ଗୁରୁମା ସରୋଜା ପଟ୍ଟନାୟକ, ସୁଜାତା ମହାପାତ୍ର, ସୁଜାତା ଗୌଡ, ରଶ୍ମିତା କୁମାରୀ ଜେନା, ଅର୍ଚ୍ଚନାମୟୀ ପାତ୍ର, ତେଜସ୍ୱିନୀ ମିଶ୍ର, ଦିପ୍ତିମୟୀ ସାହୁ, ପ୍ରତିମା କୁମାରୀ ସାହୁ, ଲିଜା ପାତ୍ର ପ୍ରମୁଖ ବିଚାରକମାନଙ୍କ ଦ୍ୱାରା ପ୍ରକଳ୍ପଗୁଡ଼ିକୁ ମୂଲ୍ୟାଙ୍କନ ପୂର୍ବକ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ଏଥିରେ ଅରୁଣ ଶ୍ରେଣୀର ଶାଶ୍ୱତ ତ୍ରିପାଠୀ-୧ମ , ଆଦ୍ୟାଶା ସେଠୀ-୨ୟ , ତ୍ରିଶା ଦାଶ-୩ୟ ଏବଂ ଉଦୟ ଶ୍ରେଣୀର ଶୁଭଲକ୍ଷ୍ମୀ ନାହାକ-୧ମ ,ହର୍ଷିତା ସ୍ୱାଇଁ-୨ୟ , ଶ୍ରୀତମ କୁମାର ସାହୁ-୩ୟ ସ୍ଥାନ ଅଧିକାର କରିଥିବା ବେଳେ ପ୍ରଭାତ ଶ୍ରେଣୀର ଲିପସା ପ୍ରଧାନ-୧ମ, ଶୁଭାଶିଷ ମହାପାତ୍ର-୨ୟ, ଆନଭି ମହାପାତ୍ର-୩ୟ ସ୍ଥାନ ହାସଲ କରିଥିଲେ। ତେବେ ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସମ୍ପାଦକ ବିଶ୍ୱ ମୋହନ ମିଶ୍ର ଓ କୋଷାଧକ୍ଷ ତ୍ରିଲୋଚନ ସାହୁ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନାଚାର୍ଯ୍ୟ ଚଣ୍ଡି ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପରିଶେଷରେ ଶିଶୁ ବାଟିକା ପ୍ରମୁଖ ଗୁରୁମା ମମତା କୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପାଠ୍ୟାରମ୍ଭ




କଟକ ସଦର, ୨୮/୭: କଟକ ସଦର ବ୍ଲକ ବୟାଳିଶ ମୌଜା ସ୍ଥିତ ସୁଦର୍ଶନ ଡିଗ୍ରୀ ମହାବିଦ୍ୟାଳୟର କ୍ରମ ପ୍ରଥମ ବର୍ଷର ନୂତନ ଛାତ୍ର ଛାତ୍ରୀ ମାନଙ୍କ ନାମଲେଖା କାର୍ଯ୍ୟ ଇତି ମଧ୍ୟରେ ସମାପ୍ତ ହୋଇଛି। ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ମୁତାବକ ଗତ ଜୁଲାଇ ୨୭ ତାରିଖ ଦିନ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ତଥା ପାଠ୍ୟ ଶୁଭାରମ୍ଭ କାର୍ଯ୍ୟକ୍ରମ ,ଅନୁଷ୍ଠାନର ଅଧକ୍ଷା ଡଃ. ସ୍ମୃତିସ୍ମିତା ବିଭୂତିରାୟଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା।ଏହି ଅବସରରେ, କଲେଜରେ ଅଧ୍ୟୟନ କରୁଥିବା ଯୁକ୍ତ ୩ ରାଜନୀତି ବିଜ୍ଞାନ ବିଭାଗ ଦ୍ୱିତୀୟ ବର୍ଷର ଦିବଂଗତ ଛାତ୍ର ଅଭିନ୍ନ ସୁନ୍ଦର ବିଶ୍ୱାଳଙ୍କ ଆକସ୍ମିକ ବିୟୋଗ ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।ଉକ୍ତ ସଭାରେ, ନାମଲେଖା ଦାୟିତ୍ୱରେ ରହିଥିବା ଅଧ୍ୟାପକ ବିରଞ୍ଚି କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।ପରେ ପରେ, ଦର୍ଶନ ବିଭାଗର ମୁଖ୍ୟ ଅଧ୍ୟାପିକା ରୁପାନନ୍ଦା କାନୁନଗୋ ଓ ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପିକା ଡଃ ସଂଘମିତ୍ରା ବିଶ୍ୱାଳ, ଅଧ୍ୟୟନ ସହିତ,ସମାଜରେ ନିଜକୁ ଏକ ଉତ୍ତମ ମଣିଷ ଭାବରେ ଗଢିତୋଳିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ। ସର୍ବଶେଷରେ, ଅଧ୍ୟାପକ ବିରଞ୍ଚି କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ବ୍ୟାଟେରି ଗାଡ଼ିର ଶୁଭାରମ୍ଭ



ଆସିକା, ୨୮/୦୭: ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଆସିକା ବ୍ଲକର ଖାରିଆ ଗ୍ରାମ ପଞ୍ଚାୟତରେ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ବ୍ୟାଟେରି ଚାଳିତ ଗାଡ଼ିର ଶୁଭାରମ୍ଭ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଜୟନ୍ତୀ ସାହୁ ପତାକା ଦେଖାଇ ଗାଡ଼ିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମିତି ସଭ୍ୟା ସୌଦାମିନୀ ନାହାକ, ପିଇଓ ଡାଙ୍ଗୁଆ ଶବର, ସମାଜସେବୀ ଦିଲ୍ଲୀପ ନାୟକ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଶ୍ରୀଧର ସେନାପତି ଓ ପଞ୍ଚାୟତର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ବ୍ୟାଟେରି ଚାଳିତ ଗାଡ଼ି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଘର ଘରୁ କଠିନ ବର୍ଜ୍ୟବସ୍ତୁ ଓ ଅଳିଆ ଆବର୍ଜନା ସଂଗ୍ରହ କରିବ। ବର୍ଜ୍ୟବସ୍ତୁର ସଠିକ୍ ପୃଥକୀକରଣ ପାଇଁ ପଞ୍ଚାୟତ ପକ୍ଷରୁ ପ୍ରତ୍ୟେକ ପରିବାରକୁ ଦୁଇଟି ଅଳିଆ ବାକ୍ସ ବଣ୍ଟନ କରାଯାଇଛି, ଯାହାଦ୍ୱାରା ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁକୁ ଅଲଗା ରଖିବା ସମ୍ଭବ ହେବ। ବକ୍ତାମାନେ କହିଥିଲେ ଯେ, ସ୍ୱଚ୍ଛ ଭାରତ ମିଶନର ଏହି ପଦକ୍ଷେପ ପଞ୍ଚାୟତରେ ପରିମଳ ବ୍ୟବସ୍ଥାର ଉନ୍ନତି ସହ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନରେ ସହାୟକ ହେବ। ଏହା ସହିତ ସାଧାରଣ ଲୋକଙ୍କୁ ବର୍ଜ୍ୟବସ୍ତୁ ପୃଥକୀକରଣ ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ ହୋଇ ସହଯୋଗ କରିବାକୁ ଆହ୍ୱାନ କରାଯାଇଥିଲା।

# ମାଲକାନଗିରିରେ ଏସ୍ଆଇଆର୍ ସମୀକ୍ଷା

# କ୍ଷେତ୍ର ପରିଦର୍ଶନରେ ସରକାରଙ୍କ ଉପସଚିବ



ମାଲକାନଗିରି, ୨୮/୭ (ପ୍ରଦୀପ ରାଉଳ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅଧୀନରେ ନୋଟିସ୍ ଏବଂ ଶୁଣାଣି ପର୍ଯ୍ୟାୟର ସମୀକ୍ଷା ପାଇଁ ସରକାରଙ୍କ ଉପସଚିବ ଜିତେନ୍ଦ୍ର କୁମାର ପାତ୍ର ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି। ଏହି ଗସ୍ତକାଳରେ ସେ ଜିଲ୍ଲାର କ୍ଷେତ୍ର ସ୍ତରୀୟ କାର୍ଯ୍ୟକଳାପର ଉଚ୍ଚସ୍ତରୀୟ ଅନୁଧ୍ୟାନ କରିବା ସହ ଏସ ଆଇଆର ପ୍ରକ୍ରିୟାରେ ନିୟୋଜିତ କର୍ମଚାରୀମାନଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ବିଶେଷ କରି ଜିଲ୍ଲାରେ ନୋଟିସ୍ ପ୍ରସ୍ତୁତି, ବଣ୍ଟନ, ଶୁଣାଣି ଏବଂ ବିଭିନ୍ନ ମାମଲା ଗୁଡ଼ିକର ତ୍ୱରିତ ନିଷ୍ପତ୍ତିର ଅଗ୍ରଗତି ନେଇ ସେ ମାଲକାନଗିରି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ବ୍ୟାପକ ଆଲୋଚନା କରିଛନ୍ତି। ଏହା ସହିତ ସେ ଜିଲ୍ଲାର ମନୋନୀତ ଏଇଆରଓ କାର୍ଯ୍ୟାଳୟ ଗୁଡ଼ିକ ପରିଦର୍ଶନ କରି ନୋଟିସ୍ ଏବଂ ଶୁଣାଣି ପର୍ଯ୍ୟାୟର ଅନୁଧ୍ୟାନ କରିବା ସହ ସେଠାରେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ , ସୁପରଭାଇଜର ଏବଂ ଅନ୍ୟାନ୍ୟ ନିର୍ବାଚନ କର୍ମଚାରୀମାନଙ୍କ ସହ ଏସଆଇଆର ପ୍ରକ୍ରିୟାର ସଫଳ ତଥା ସ୍ୱଚ୍ଛ କାର୍ଯ୍ୟକାରିତା ସମ୍ପର୍କରେ ପ୍ରତ୍ୟକ୍ଷ ସମୀକ୍ଷା କରିଛନ୍ତି।

ଏହି କ୍ରମରେ ଉପସଚିବ ଶ୍ରୀ ପାତ୍ର ଖଇରପୁଟ ତହସିଲ କାର୍ଯ୍ୟାଳୟ ଗସ୍ତ କରି ଏସଆଇଆର-୨୦୨୬ ଅଧୀନରେ ଚାଲିଥିବା ଦାବି ଓ ଆପତ୍ତି ନୋଟିସ୍‌ର ଶୁଣାଣି ପ୍ରକ୍ରିୟାର କ୍ଷେତ୍ର ସ୍ଥିତି ନିରୀକ୍ଷଣ କରିଛନ୍ତି। ଏହି ପରିଦର୍ଶନ ସମୟରେ ୧୪୬-ମାଲକାନଗିରି ବିଧାନସଭା ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ ଦୂର୍ଯ୍ୟୋଧନ ଭୋଇ, ଖଇରପୁଟର ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଖଇରପୁଟର ଏଇଆରଓ ତଥା ତହସିଲଦାର ତାଙ୍କ ସହ ଉପସ୍ଥିତ ରହି ପ୍ରକ୍ରିୟା ସମ୍ପର୍କିତ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ। ଏହାପରେ ଉପସଚିବ ସ୍ଥାନୀୟ ମୁଦୁଲିପଡ଼ା ଅଞ୍ଚଳ ଗସ୍ତ କରି ସେଠାକାର ଭୋଟରମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ସ୍ଥାନୀୟ ନାଗରିକମାନଙ୍କ ସହ ଏସଆଇଆର-୨୦୨୬ ପ୍ରକ୍ରିୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରଶାସନିକ କିମ୍ବା ବୈଷୟିକ ଆହ୍ୱାନ ସମ୍ପର୍କରେ ପଚାରି ବୁଝିଛନ୍ତି ଏବଂ ଏହାର ଉଚିତ ପ୍ରତିକାର ପାଇଁ ଆଶ୍ୱାସନା ଦେଇଛନ୍ତି। ଏହି ସମୀକ୍ଷା କାର୍ଯ୍ୟକ୍ରମ ଅବସରରେ ଉପସଚିବ ଶ୍ରୀ ପାତ୍ର ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇ କହିଛନ୍ତି, ଏସଆଇଆର ପ୍ରକ୍ରିୟାରେ ସମସ୍ତ ନୋଟିସ୍‌ର ଶୁଣାଣି ଯେପରି ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବ, ତାହା ନିଶ୍ଚିତ କରାଯାଉ। କୌଣସି ବି ପରିସ୍ଥିତିରେ ଯେପରି ଜଣେ ବି ସାଧାରଣ ଯୋଗ୍ୟ ନାଗରିକ ନିଜର ଗଣତାନ୍ତ୍ରିକ ଭୋଟ୍ ଅଧିକାରରୁ ବଞ୍ଚିତ ନ ହୁଅନ୍ତି ଏବଂ ପ୍ରଶାସନିକ ସ୍ତରରେ ଜନସାଧାରଣ କିମ୍ବା ବୟୋଜ୍ୟେଷ୍ଠ ବୃଦ୍ଧବୃଦ୍ଧାମାନଙ୍କୁ ଯେପରି କୌଣସି ଅଯଥା ହଇରାଣ ବା ମାନସିକ ଅସୁବିଧାର ସମ୍ମୁଖୀନ ହେବାକୁ ନ ପଡ଼େ, ସେଥିପ୍ରତି ସମସ୍ତ ନିର୍ବାଚନ ଅଧିକାରୀ ଅତି ସମ୍ବେଦନଶୀଳତାର ସହ କାର୍ଯ୍ୟ କରନ୍ତୁ। ଏହି କ୍ଷେତ୍ର ପରିଦର୍ଶନ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ ସମୀକ୍ଷା ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ସହକାରୀ ଜିଲ୍ଲାପାଳ ନିର୍ବାଚନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଲକାନଗିରି , ନିର୍ବାହୀ ଅଧିକାରୀ ଏବଂ ଡେପୁଟି କଲେକ୍ଟର ସୀତଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସରକାରୀ ପ୍ରକ୍ରିୟାର ସୁପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁଙ୍କ ଅଧିକାର, ସୁରକ୍ଷା ଓ ନିଶୁଳ୍କ ଶିକ୍ଷା ସମ୍ପର୍କରେ ସଚେତନତା ବାର୍ତ୍ତା




ନୂଆପଡ଼ା, ୨୮/୦୭ ( ଅକ୍ଷର ଓଡିଶା ) ଜିଲ୍ଲା ଆଇନ ସେବା ପ୍ରାଧିକରଣର ଆନୁକୂଲ୍ୟରେ କୋମନା ବ୍ଲକ ଅନ୍ତର୍ଗତ ଜଡାମୁଣ୍ଡା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ, ୨୦୧୫ ଏବଂ ଶିଶୁଙ୍କ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ, ୨୦୦୯ ସମ୍ବନ୍ଧୀୟ ଏକ ବ୍ୟାପକ ଆଇନ ସଚେତନତା ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଶିଶୁ କଲ୍ୟାଣ ସମିତିର ସଦସ୍ୟ ଗଙ୍ଗାଧର ପାଣିଗ୍ରାହୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳମତ ମାଝୀ, ବିଦ୍ୟାଳୟର ଅଧକ୍ଷ ନିର୍ମଳ କୁମାର ଶବର, ଶିକ୍ଷୟିତ୍ରୀ ମୋନିକା ଦଳପତି, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଅଧିକାର ମିତ୍ର ଅଜୀମ୍ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଚିବ ନବନୀତା ଦାଶ କିଶୋର ନ୍ୟାୟ ଅଧିନିୟମ, ୨୦୧୫ର ବିଭିନ୍ନ ବ୍ୟବସ୍ଥା, ଶିଶୁଙ୍କ ଅଧିକାରର ସୁରକ୍ଷା ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିପରି ଶିଶୁ କଲ୍ୟାଣ ସମିତିର ସଦସ୍ୟ ଗଙ୍ଗାଧର ପାଣିଗ୍ରାହୀ ଶିଶୁମାନଙ୍କ ଯତ୍ନ, ସୁରକ୍ଷା, ପୁନର୍ବାସ ଓ ଶିଶୁ କଲ୍ୟାଣ ସମିତିର କାର୍ଯ୍ୟପ୍ରଣାଳୀ ବିଷୟରେ ସଚେତନ କରାଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳମତ ମାଝୀ ଶିଶୁଙ୍କ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ, ୨୦୦୯ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ଶିକ୍ଷା ହେଉଛି ପ୍ରତ୍ୟେକ ଶିଶୁର ମୌଳିକ ଅଧିକାର ବୋଲି ଉଲ୍ଲେଖ କରିଥିଲେ। ଶିବିର ଶେଷରେ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ବିଦ୍ୟାଳୟ ପରିସରରେ ସମସ୍ତ ଅତିଥିବୃନ୍ଦ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇନ ସମ୍ପର୍କିତ ସଚେତନତା ବୃଦ୍ଧି ସହ ଶିଶୁ ଅଧିକାର ଓ ଶିକ୍ଷା ପ୍ରତି ସକାରାତ୍ମକ ବାର୍ତ୍ତା ପ୍ରସାର କରିଥିଲା।

# ଅଞ୍ଜୁମନ ତାଇଦେ ଇସଲାମ ଆନୁକୁଲ୍ୟରେ ମେଧା ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ

କଟକ ସଦର ୨୮/୦୭(ଅକ୍ଷର ଓଡ଼ିଶା): କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୟାଳିଶ ମୌଜା ରାଉତରାପୁର ସ୍ଥିତ, ସାମାଜିକ ଅନୁଷ୍ଠାନ ଅଞ୍ଜୁମନ ତାଇଦେ ଇସଲାମ ଆନୁକୁଲ୍ୟରେ ମେଧା ପ୍ରତିଭା ସମ୍ମାନ ୨୦୨୬ ପ୍ରଦାନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି।ଗୋବିନ୍ଦପୁର ସ୍ୱର୍ଣ୍ଣ ମଣ୍ଡପ ଠାରେ ଆୟୋଜିତ ଏହି ଉତ୍ସବରେ, କଟକ ସଦର ମାନ୍ୟବର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ, ବାରବାଟୀ କଟକ ମାନ୍ୟବର ବିଧାୟିକା ଇଂ



ସୋଫିଆ ଫିର୍ଦୋସ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ, ଭାରତ ମସଲାର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ପଣ୍ଡା ଓ ଶ୍ରୀଯୁକ୍ତ ସତ୍ୟଦୀପ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ, ଅଞ୍ଜୁମନ ତାଇଦେ ଇସଲାମର ଏଭଳି ଏକ ଉତ୍ସାହ ପ୍ରଦାନକାରୀ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ।ପ୍ରାରମ୍ଭରେ ମୌଲାନା ମୋବାରକ ହୋସେନ ସଲାମତଙ୍କ ଦ୍ୱାରା କୋରାନ୍ ପାଠ ଓ ଏହାର ବ୍ୟାଖ୍ୟା କରିବା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା।ଏହି ଅବସରରେ,ଡାଃ ଜହିର ବେଗଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ, ଅଞ୍ଜୁମନ ପରିସରଭୁକ୍ତ ଦଶ ଗୋଟି ସ୍କୁଲରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ, ଗତ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମେଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ତଥା ଆମନ୍ତ୍ରିତ ଅତିଥିବୃନ୍ଦ ଓ ବିଭିନ୍ନ ଗ୍ରାମରୁ ଆସିଥିବା ମୁରବୀ ଓ ସାମ୍ବାଦିକ ବନ୍ଧୁ ମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।ଅନୁଷ୍ଠାନର ସମ୍ପାଦକ ଡଃ ସେକ୍ କଲିମୁଲ୍ଲା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।ଉପସଭାପତି ମୌଲାନା ନଇମ, କୋଷାଧ୍ୟକ୍ଷ ହାଜି ସାହେବ ଜାନ ମହମ୍ମଦ, ମୌଲାନା ମହମ୍ମଦ ମୋବିନୁଲ ନଦୁଇ, ମିର୍ଜା ଜଏନୁଲ ବେଗ, ସକିଲ ଅଖତର ଖାନ୍, ମିର୍ଜା ସରାଫତ ହୋସେନ ବେଗ, ରିଆଜ ଉଦ୍ଦିନ ଅହମ୍ମଦ, ସେକ୍ ଓବେଦୁଲ୍ଲା,ସେବକ ଶୀକାନ୍ତ ବେଉରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।ସର୍ବଶେଷରେ, ସ୍ୱର୍ଣ୍ଣ ମଣ୍ଡପର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସତ୍ୟଦୀପ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନରସିଂହପୁର ବ୍ଲକରେ ବିଚିତ୍ର ଶିକ୍ଷା ବ୍ୟବସ୍ଥା

## ୯ ଛାତ୍ରଛାତ୍ରୀଙ୍କ ୨ ଶିକ୍ଷକ, ୯୧ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ

ଆଠଗଡ଼,୨୮/୭(ଅକ୍ଷର ଓଡ଼ିଶା) ନରସିଂହପୁର ବ୍ଲକରେ ବିଚିତ୍ର ଶିକ୍ଷା ବ୍ୟବସ୍ଥା ଦେଖିବାକୁ ମିଳିଛି, କେଉଁଠି ମାତ୍ର ୯ ଜଣ ଛାତ୍ର ଛାତ୍ରୀଙ୍କ ଦୁଇ ଦୁଇ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଥିବା ବେଳେ ଆଉ କେଉଁଠି ମାତ୍ର ୪ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ଅଛନ୍ତି।କିନ୍ତୁ ଆଉ କେଉଁଠି ୯୧ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ଜଣେ ଶିକ୍ଷକ ଅଛନ୍ତି।ଏଇ ଅବସ୍ଥା ଦିନେ କି ମାସେ ନୁହେଁ ଏଇଭଳି ବର୍ଷ ବର୍ଷ ଧରି ଲାଗି ରହିଛି।ଏଇଭଳି ଏକ ବିଦ୍ୟାଳୟ ଦେଖିବାକୁ ମିଳିଛି କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଫୁଲପଡା ଶ୍ରୀଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସରକାରଙ୍କ ନିର୍ଦ୍ଦେଶ ରହିଛି କୌଣସି ବିଦ୍ୟାଳୟରେ ଜଣେ ଶିକ୍ଷକ ରହିବେନି କିନ୍ତୁ ଏଠି ୯୧ ଛାତ୍ର ଛାତ୍ରୀଙ୍କ ପାଇଁ ମାତ୍ର ଜଣେ ଶିକ୍ଷକ ଏହାକୁ ଦେଖିଲେ କିଭଳି ଚାଲିଛି ଶିକ୍ଷା ବ୍ୟବସ୍ଥା ଏଥିରୁ ଅନୁମେୟ।ସୂଚନା ରୁ ପ୍ରକାଶ ଯେ ୧୯୯୦ ମସିହାରେ ଷଷ୍ଠ ଓ ସପ୍ତମ ଦୁଇଟି ଶ୍ରେଣୀକୁ ନେଇ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଏହି ବିଦ୍ୟାଳୟଟି ସ୍ଥାପିତ ହୋଇଥିଲା। ବର୍ତ୍ତମାନ ଏହି ବିଦ୍ୟାଳୟରେ ଷଷ୍ଠ



ଶ୍ରେଣୀରେ ୪୨ ଜଣ ଓ ସପ୍ତମ ଶ୍ରେଣୀରେ ୪୯ଜଣ ଦୁଇଟି ଶ୍ରେଣୀରେ ୯୧ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ୪ଜଣ ଶିକ୍ଷକ ବଦଳରେ ମାତ୍ର ଜଣେ ଶିକ୍ଷକରେ ଚାଲିଛି ବିଦ୍ୟାଳୟ। ସରକାରୀ କାଗଜପତ୍ର କାର୍ଯ୍ୟ ସହିତ ପ୍ରଧାନ ଶିକ୍ଷକ ଦାୟିତ୍ୱ ରେ ସମୟ ପାଉ ନଥିବା ବେଳେ ଦୁଇଟି ଶ୍ରେଣୀରେ ୯୧ଛାତ୍ର ଛାତ୍ରୀ ଜଣେ ଶିକ୍ଷକ କିପରି ପଢ଼ାଇବା ତାହାକୁ ନେଇ ପ୍ରଶ୍ନ ଉଠୁଛି ନରସିଂହପୁର ବ୍ଲକରେ ୪ ଟି ବିଦ୍ୟାଳୟରେ ମାତ୍ର ୯ଟି ପିଲାଙ୍କ ପାଇଁ ଦୁଇ ଦୁଇ ଜଣ ଓ ଗୋଟିଏ ସ୍କୁଲ ରେ ମାତ୍ର ୪ ଜଣ ଛାତ୍ରଛାତ୍ରୀଙ୍କ ଜଣେ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ହୋଇଥିବା ବେଳେ ୯୧ ଜଣ ଛାତ୍ରଛାତ୍ରୀଙ୍କ କିପରି ଜଣେ ଶିକ୍ଷକ ସମସ୍ତ କାର୍ଯ୍ୟ ସହିତ ପାଠ ପଢ଼ାଇବେ ତାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ଚିନ୍ତାରେ।କେଉଁଠି ଶିକ୍ଷକ ନାହାନ୍ତି ପିଲା ଅଧିକ ଅଛନ୍ତି କେଉଁଠି ପିଲା ନାହାନ୍ତି ଶିକ୍ଷକ ଅଧିକ ଅଛନ୍ତି। ନରସିଂହପୁର ବ୍ଲକରେ ଶିକ୍ଷା ବିଭାଗରେ ଏଇଭଳି ବିଚିତ୍ର ବ୍ୟବସ୍ଥା ଦେଖିବାକୁ ମିଳିଛି। ସେହିପରି ଏହି ବିଦ୍ୟାଳୟରେ ପାଇଖାନା ଓ ପରିସ୍ରାଗାର ଅଛି କିନ୍ତୁ କୌଣସି ଘରେ କବାଟ ନାହିଁ ଯାହା ଫଳରେ ଥାଇକି ନଥିଲା ଭଳିଆ। ସେହିପରି ଯେଉଁଠି ଷ୍ଟୋର ରୁମ ସେଇଠି ପଠାପଢା,ଦିନେ କି ମାସେ ନୁହେଁ ଗତବର୍ଷ ଜୁଲାଇ ମାସରୁ ଜଣେ ଶିକ୍ଷକରେ ଚାଲିଛି ଏହି ବିଦ୍ୟାଳୟ।ଏନେଇ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ଏନେଇ ଆମେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା କରାଯାଉଛି।ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି କରିବା ପାଇଁ ଦାବୀ ହେଉଛି।

# ଭାଗବତ କଥା ବିତରଣ ପରିଷଦର ଅଧିବେଶନ



ହିଞ୍ଜିଳିକାଟୁ:୨୮/୭(ଅବନି କାନ୍ତ ପଟ୍ଟନାୟକ)ହିଞ୍ଜିଳିକାଟୁ ସହର ମିନିଷ୍ଟାଡିୟମ ଚିତ୍ତବିନୋଦନ କେନ୍ଦ୍ର ପରିସରରେ ସ୍ଥାନୀୟ ଭାଗବତ କଥା ବିତରଣ ପରିଷଦର ୨୭ ତମ ଅଧିବେଶନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।ଭାଗବତ କଥା ବିତରଣ ପରିଷଦର ସଭାପତି ଦେବାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷର ଆୟ ଓ ବ୍ୟୟ ଓ ବିଗତ କାର୍ଯ୍ୟକର୍ମର ଏକ ଚିଠା ଉପସ୍ଥାପନ କରିଥିଲେ।ଏହାକୁ ପରିଷଦର ସମସ୍ତ ସଭ୍ୟ ସର୍ବସମ୍ମତି କ୍ରମେ ପାରିତ କରିଥିଲେ।ଆଗାମୀ ବର୍ଷପାଇଁ ଭାଗବତ କଥା ବିତରଣ ପରିଷଦର ପକ୍ଷରୁ ସମସ୍ତ ପ୍ରାଥମିକ ,ଉଚ୍ଚପ୍ରାଥମିକ ଓ ଉଚ୍ଚବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତା ଜନସାଧାରଣ ପାଇଁ ମାଗଣା ସ୍ୱାସ୍ଥ୍ୟ ସିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ରହିଛି।ଉକ୍ତ ଅଧିବେଶନରେ ସମ୍ପାଦକ ତରୁଣ କୁମାର ପଣ୍ଡା,ପ୍ରଫେସର ଅରବିନ୍ଦ ପଣ୍ଡା,ବଂଶୀଧର ସାହୁଙ୍କ ସମେତ ବହୁ ଭାଗବତ କଥା ବିତରଣ ପରିଷଦର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ଭୁଶୁଡିଲା ଘର ଅଳ୍ପକେ ବର୍ତ୍ତିଲେ ପରିବାରଲୋକ

ଆଠଗଡ଼,୨୮/୭(ଅକ୍ଷର ଓଡ଼ିଶା) ଲଘୁଚାପ ଜନିତ ଲଗାଣ ବର୍ଷାରେ ତିଗିରିଆ ତହସିଲ ଅନ୍ତର୍ଗତ ଭୋଗଡା ପଞ୍ଚାୟତ ବେଲଅଣ୍ଟା ଗ୍ରାମର ଯୋଗୀନାଥ ନାୟକଙ୍କ ଚାଳ ଛପର ବାସଗୃହ ଭୁଶୁଡ଼ି ପଡ଼ିଛି । ଗତକାଲି ରାତିରେ ଏହି ଘଟଣା ଘଟିଛି।ଏଥିରେ କାହାର ଧନଜୀବନ ହାନି ହୋଇନଥିବା ବେଳେ ପରିବାରର ଲୋକେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଘର ଭୁଷୁଡିବା ଯୋଗୁ କିଛି ଆସବାବପତ୍ର ନଷ୍ଟ ହୋଇଥିବା ଜଣାପଡ଼ିଥିବା ବେଳେ ସମସ୍ତ ପରିବାର ବେଲଅଣ୍ଟା ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ଜଣାପଡିଛି କ୍ଷ



ଯୋଗୀନାଥ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

# କାମରେ ଲାଗୁ ନି ଯାତ୍ରୀ ବିଶ୍ରାମ ଗାର

ରାଜକନିକା ୨୮/୦୭(ନୁରେଇ ଖାନ )କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଗ୍ରାମ୍ୟ ଉନ୍ନୟନ ଉପ ଖଣ୍ଡ ଅଧୀନ ରେ ବିଗତ ୨୦୧୫.ମସିହାରେ ଓଡିଶା ପ୍ରସିଦ୍ଧ ଶୈବ କ୍ଷେତ୍ର ଆଖଣ୍ଡଳମଣି ଙ୍କ ଦର୍ଶନ ପାଇଁ ଯାଉଥିବା ହଜାର, ହଜାର ଯାତ୍ରୀଙ୍କ ପାଇଁ ବୈତରଣୀ ନଦୀ ତୁଠ ର ଦୁଇଶହ ମିଟର ପୂର୍ବରୁ ଆର. ଡି ବିଭାଗ ଦ୍ୱାରା ଏକ ଯାତ୍ରୀ ନିବାସ ନିର୍ମାଣ ହୋଇଥିଲା ନିର୍ମାଣ ପରେ ପରେ ବିଭାଗ କିଛି ଦିନ ଏହାର ରକ୍ଷଣା ବେକ୍ଷଣ କରିଥିଲେ ମାତ୍ର ପ୍ରାୟ ଆଠବର୍ଷହେବ ଏହି ଗୁରୁତ୍ୱ ପୁର୍ଣ୍ଣ ଯାତ୍ରୀ ବିଶ୍ରାମ ସ୍ଥଳୀ ଟି ପରିତ୍ୟକ୍ତ ହୋଇ ପଡିଛି ପ୍ରକାଶ ଯୋଗ୍ୟ ପ୍ରସିଦ୍ଧ ଶୈବକ୍ଷେତ୍ର କୁ ଦୈନିକ ହଜାର ହଜାର ଲୋକ ଏହି ଠାରେ ଥିବା ନଦୀ ଘାଟ ପାର ହୋଇ ଯାଇଥାନ୍ତି ବିଶେଷ କରି ଦୂର ଦୁରାନ୍ତରୁ ଦର୍ଶାନାଭିଳାଷୀ ରାଜକନିକା ସଦର ମହକୁମା ଦେଇ ପେଗରପଡା ମାନପୁର ରାସ୍ତା ଉପରେ ନିର୍ଭର କରିଥାନ୍ତି ଡ଼ଙ୍ଗାପାର ହେବାକୁ ପଡୁଥିବାରୁ ଯାତ୍ରୀ ମାନେ ଘଣ୍ଟା ଘଣ୍ଟା ଖୋଲା ଗଛ ମୂଳେ ଆଶ୍ରୟ ନେଇ ବହୁ ଅସୁବିଧାରେ ପଡୁଥିବା ଜଣା ପଡିବା ପରେ ଆଳି ର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଦୋଳ ଗୋବିନ୍ଦ ନାୟକ ଙ୍କ ବ୍ୟକ୍ତିଗତ ଅନୁରୋଧ ପରେ ତତ୍କାଳୀନ ଆର ଡି ର ନିର୍ବାହୀଯନ୍ତ୍ରୀ ଶ୍ରୀଯୁକ୍ତ ନଳିନୀ ସେନାପତି କନିକା ଉପଖଣ୍ଡ କୁ ରେଷ୍ଟ ଶେଡ଼ କରିବାକୁ ନିର୍ଦ୍ଦେଶ ଦେଇ ଭକରାଯାଇଥିଲା ମାତ୍ର ଏଇ କିଛି ବର୍ଷ ହେବ ବିଭାଗୀୟ ଦାଇତ୍ୱ ହୀନତା ଏବଂ ରାଜନୈତିକ ଅପାରଗତା ଯୋଗୁ ବିଶ୍ରାମ ସ୍ଥଳୀ ଟି ବ୍ୟବହାର ଅନୁପଯୁକ୍ତ ହୋଇ ପଡ଼ିରହିଛି ସ୍ୱେ ଶ୍ରାବଣ ମାସ ରାଜ୍ୟ ବ୍ୟାପୀ



ବୋଲ ବମ ଶ୍ରଦ୍ଧାଳୁ ଏହି ବାଟେ ପାଣି ନେଇ ଯାଇଥାନ୍ତି. ସେହି ପରି ଏହି ବିଶ୍ରାମଗୃହ ନିକଟରେ ସରକାରୀ ଜାଗା ଥିଲେ ବି ନିହାତି ଗୋଟିଏ ଶୌଚାଳୟ କରିବାକୁ ଅନେକ ଥର ବହୁ ପ୍ରତିଷ୍ଠିତ ଖବର କାଗଜ ରେ ସମ୍ବାଦ ପରିବେଷଣ ପରେ ମଧ୍ୟ ପ୍ରଶାସନ ନଜର ଆନ୍ଦାଜ କରି ନପାରିବା ଦୁଃଖ ର ବିଷୟ ସ୍ୱେ ପୁଣି ହଜାର ହଜାର ମହିଳା ଭକ୍ତ ପାଣି ନେଇ ଯାଉଛନ୍ତି ସୁତରାଂଙ୍କ ଗୁରୁତ୍ୱ ରଖୁଥିବା ଏହି ବିଶ୍ରାମ ଗୃହଟିକୁସଫା କରି ଆଲୋକି କରଣ ବ୍ୟବସ୍ଥାସହ ଚୋରି ହୋଇ ଯାଇଥିବା ଗ୍ରିଲ ପୁନଶ୍ଚ ଲଗାଇବାକୁ ଦାବି ହେଉଛି କିଛି ବରିଷ୍ଠ ନାଗରିକ ଏହି ଗୃହ କୁ ସ୍ଥାନୀୟ ପଂଚାୟତ ଅଧୀନକୁ ନିଆଯାଇ ଦେଖା ଶୁଣା କରିବା କୁ କହିବା ସହ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମ ରେ ସ୍ଥାନୀୟ ବ୍ଲକ ପ୍ରଶାସନ ଏଠାରେ ଶୌଚାଳୟ ଟିଏ ନିର୍ମାଣ କରି ୍ବାକୁ ଦାବି ହେଉଛି ।

# କଟକ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ଉପ ସଭାପତିଙ୍କୁ ସମ୍ବର୍ଦ୍ଧନା

କଟକ ସଦର୨୮/୦୭(ଅକ୍ଷର ଓଡ଼ିଶା)୪୨ ମୌଜାର ଲୋକପ୍ରିୟ ବରିଷ୍ଠ ନାରୀନେତ୍ରୀ , ସୁସଂଗଠିକା ତଥା ସମାଜସେବୀ ଶ୍ରୀମତୀ ସୁମିତା ଦେବତା ଙ୍କୁ କଟକ ଜିଲ୍ଲା ମହିଳା ମୋର୍ଚ୍ଚା ଉପ ସଭାପତି ଭାବେ ଦାୟିତ୍ୱ ଦିଆ ଯାଇଥିବାରୁ ଶୁଭା କାଙ୍କ୍ଷୀ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କବି,ଲେଖକ, ସାମ୍ବାଦିକ ଚିତ୍ତରଞ୍ଜନ ବେହେରା , ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ର ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି ,ବେଣ୍ଟକାର ପଞ୍ଚାୟତ ସମିତି ସଭ୍ୟ ତଥା ପ୍ରମୁଖ ବିନୋଦ ବେହେରା , ପ୍ରତିଭା ବିକାଶ ପ୍ରତିଷ୍ଠାନ ର ସମ୍ପାଦକ ରୁଦ୍ର ନାରାୟଣ ଦାସ , କଟକ ସୁରକ୍ଷା ମଞ୍ଚର ଉପ ସଭାପତି ତଥା ଶିକ୍ଷାବିତ୍ ରବୀନ୍ଦ୍ର ଦେବତା ,ରୋନକ ମୋଟର୍ସ ମାଲିକ ବସନ୍ତ କୁମାର ଦେବତା , ଧୀରେନ୍ଦ୍ର ପେଟ୍ରୋଲ ପମ୍ପ ମ୍ୟାନେଜର ଅସୀମ ମହାନ୍ତି , ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।ଅତିଥି ମାନେ ନିଜ ବକ୍ତବ୍ୟରେ ମାନ୍ୟବର କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଓ ଶ୍ରୀମତୀ ଦେବତାଙ୍କ କାର୍ଯ୍ୟକଳାପ କୁ ପ୍ରଶଂସା କରିବା ସହିତ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ।

# କାମଓ୍ୱାଡ଼ାଠାରେ ଜିଲ୍ଲା ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ

# ୫୧ଟି ଅଭିଯୋଗ ପଞ୍ଜିକୃତ

ମାଲକାନଗିରି, ୨୭/୭/୨୬(ପ୍ରଦୀପ ରାଉଳ)ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ନିର୍ଦ୍ଦେଶକ୍ରମେ କୋରକୁଣ୍ଡା ବ୍ଲକ ଅନ୍ତର୍ଗତ କାମଓ୍ୱାଡ଼ା ଗ୍ରାମ ପଞ୍ଚାୟତଠାରେ ଜିଲ୍ଲା ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର



ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜନସାଧାରଣଙ୍କ ପକ୍ଷରୁ ମୋଟ ୫୧ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା, ଯେଉଁଥିରୁ ୧୩ଟି ବ୍ୟକ୍ତିଗତ ଏବଂ ୩୮ଟି ସାମୂହିକ ଅଭିଯୋଗ ରହିଥିଲା । ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବର ପ୍ରମୁଖ ଉଚ୍ଚପଦସ୍ଥ ଅଧିକାରୀମାନେ ମଞ୍ଚାସୀନ ରହି ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟାର ସମୀକ୍ଷା କରିବା ସହ ତାର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ମୁଖ୍ୟ ଶିବିର ସହିତ ସେଠାରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ତତ୍କାଳ ସରକାରୀ ସେବା ପ୍ରଦାନ କରିବା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ପୃଥକ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା । ଏଭଳି ପ୍ରଶାସନିକ ଶିବିର ସ୍ଥାନୀୟ ଗ୍ରାମାଞ୍ଚଳର ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ସହାୟକ ହେବ, କାରଣ ଏହା ଦ୍ୱାରା ଲୋକମାନେ ନିଜ ଅଞ୍ଚଳରେ ହିଁ ସମସ୍ତ ଜିଲ୍ଲା ସ୍ତରୀୟ ବରିଷ୍ଠ ଅଧିକାରୀଙ୍କୁ ଏକାଠି ଭେଟିବାର ସୁଯୋଗ ପାଇଥାନ୍ତି । ଏହା ଫଳରେ ସାଧାରଣ ଲୋକଙ୍କ ସମସ୍ୟାର ସିଧାସଳଖ ଓ ଦ୍ରୁତ ସମାଧାନ ସମ୍ଭବ ହେବା ସହ ବିଭିନ୍ନ ସରକାରୀ ଯୋଜନାର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚିପାରୁଛି । ଏହାସହ ସାଧାରଣ ଜନତାଙ୍କୁ ନିଜ ଅଭିଯୋଗ ପାଇଁ ଦୂରବର୍ତ୍ତୀ ଜିଲ୍ଲା ସଦର ମହକୁମାକୁ ଦୌଡ଼ିବାକୁ ପଡୁ ନାହିଁ, ଯାହା ସେମାନଙ୍କର ସମୟ ଓ ଅର୍ଥ ସଞ୍ଚୟ କରିବାରେ ବେଶ୍ ସହାୟକ ହେଉଛି । ଏହି ଶିବିରରେ କୋରକୁଣ୍ଡା ବିଡିଓ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଅବ୍ୟବସ୍ଥା ଘେରରେ ସାରଙ୍ଗଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୱାର୍ଡର ଛାତରୁ ଗଳୁଛି ପାଣି, ରୋଗୀ ହନ୍ତସନ୍ତ



ଫୁଲବାଣୀ ୨୮/୭:(ଅକ୍ଷର ଓଡ଼ିଶା)କନ୍ଧମାଳ ଜିଲ୍ଲାର କ. ନୂଆଗାଁ ବ୍ଲକ ଅନ୍ତର୍ଗତ ସାରଙ୍ଗଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖିବାକୁ ମିଳିଛି ସମ୍ପୂର୍ଣ୍ଣ ଅବ୍ୟବସ୍ଥା। ବର୍ଷା ଦିନରେ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ୱାର୍ଡ ଓ କକ୍ଷର ଛାତରୁ ପାଣି ଗଳୁଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମଧ୍ୟ ବର୍ଷାଜଳ ଜମି ରହୁଥିବାରୁ ରୋଗୀଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ସାରଙ୍ଗଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପାଖାପାଖି ଚାରିଟି ପଞ୍ଚାୟତର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଥିବାବେଳେ ମୌଳିକ ସୁବିଧାର ଅଭାବ ଯୋଗୁଁ ସେମାନେ ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି। ଦୁର୍ଗମ ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ସତ୍ତ୍ୱେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମି ଅବସ୍ଥା ଅତ୍ୟନ୍ତ ଶୋଚନୀୟ ରହିଛି।ଅଭିଯୋଗ ଅନୁସାରେ ପୁରୁଷ ଇନଡୋର ୱାର୍ଡ, ମହିଳା ଇନଡୋର ୱାର୍ଡ, ସେବିକା କକ୍ଷ, ରକ୍ତ ନମୁନା ପରୀକ୍ଷାଗାର ଏବଂ ପ୍ରତୀକ୍ଷା କକ୍ଷର ଛାତରୁ ବର୍ଷା ପାଣି ଗଳୁଛି। ଫଳରେ ରୋଗୀମାନେ ଚିକିତ୍ସା ପାଇଁ ଆସିଥିଲେ ମଧ୍ୟ ଦୀର୍ଘ ସମୟ ରହିପାରୁ ନାହାନ୍ତି। ଅନେକ ରୋଗୀ ଉନ୍ନତ ଚିକିତ୍ସା ପାଇଁ ଅନ୍ୟ ଡାକ୍ତରଖାନାକୁ ରେଫର କରିବାକୁ ଅନୁରୋଧ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏଭଳି ପରିସ୍ଥିତିରେ ରୋଗୀଙ୍କ ସୁରକ୍ଷା ସହ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ମଧ୍ୟ ପ୍ରଭାବିତ ହେଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକାଶ କରିଛନ୍ତି। ସାରଙ୍ଗଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭଙ୍ଗା ଛାତର ମରାମତି, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର ଏବଂ ଆବଶ୍ୟକ ଭିତ୍ତିଭୂମିର ଉନ୍ନତି କରି ରୋଗୀମାନଙ୍କୁ ସୁରକ୍ଷିତ ଓ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ନୂତନ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୬୨ କେଜି ଗଞ୍ଜେଇ ଜବତ ତିନି ଜଣ ମାଫିଆ ଗିରଫ

ନନ୍ଦପୁର,୨୮/୦୭ (ଶ୍ରୀରାମ ଖରା )ମାଛକୁଣ୍ଡ ପୋଲିସ ର ବଡ଼ ସଫଳତା।ଗଂଜେଇ ଚୋରା ଚାଲାଣ ବେଳେ ଏକ କାର ରୁ ୬୨ କେଜି ଗଞ୍ଜେଇ



ସହ ତିନି ଜଣଙ୍କୁ ଗିରଫ କରିଛି ମାଛକୁଣ୍ଡ ପୋଲିସ।ସୂଚନା ଅନୁଯାୟୀ ବିଶେଷ ସୂତ୍ରରୁ ଖବର ପାଇ ମାଛକୁଣ୍ଡ ପୋଲିସ ମାଛକୁଣ୍ଡ ଡି ଡ୍ୟାମ ନିକଟରେ ଗାଡ଼ି ଯାଞ୍ଚ କରୁଥିବା ସମୟରେ ଆନ୍ଧ୍ର ପ୍ରଦେଶ ପଟୁ ଏକ କାର ଦ୍ରୁତ ଗତିରେ ଆସୁଥିବା ଦେଖି ଗାଡ଼ିକୁ ଅଟକାଇଥିଲେ। ପୋଲିସ୍ କୁ ଦେଖି କିଛି ବ୍ୟକ୍ତି ଖସି ପଳେଇ ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରି ଗାଡ଼ି କୁ ଯାଞ୍ଚ କରିଥିଲେ।ଯାଞ୍ଚ କରିବାରୁ ଗାଡ଼ି ଭିତରୁ ଜରି ବ୍ୟାଗ୍ ରେ ଗଂଜେଇ ଥିବାର ଜଣା ପଡ଼ିଥିଲା।ଜବତ ଗଞ୍ଜେଇ କୁ ଓଜନ କରା ଯିବାରୁ ୬୨ କେଜି ୪୦୦ ସହ ଗ୍ରାମ ଜଣା ପଡ଼ିଛି।ଏହି ଗଂଜେଇ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ରୁ ଓଡ଼ିଶା ଦେଇ ବାହାର ରାଜ୍ୟ କୁ ଚାଲାଣ ଉଦ୍ୟମ କରୁଥିବା ବେଳେ ଏଥିରେ ତିନି ଜଣ ବ୍ୟକ୍ତି ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ଯାଜପୁର ଜିଲ୍ଲାରେ ଲଗାଣ ବର୍ଷା ଓ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

ଯାଜପୁର ୨୮/୦୭(ଅକ୍ଷର ଓଡ଼ିଶା) ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଲଗାଣ ବର୍ଷା ଓ ବୈତରଣୀ ନଦୀରେ ସମ୍ଭାବ୍ୟ ବନ୍ୟା ସ୍ଥିତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଆଜି ରାତି ସୁଦ୍ଧା ବୈତରଣୀ ନଦୀରେ ଅଧିକ ବନ୍ୟାଜଳ ପ୍ରବାହିତ ହେବାର ସମ୍ଭାବନା ଥିବାରୁ, ବିଶେଷ କରି ଯାଜପୁର, ବିଞ୍ଝାରପୁର ଏବଂ ଦଶରଥପୁର ବ୍ଲକ୍ ଅଞ୍ଚଳ ଅଧିକ ପ୍ରଭାବିତ ହେବା ନେଇ ଆଶଙ୍କା କରାଯାଉଛି।ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ତଳିଆ ଅଂଚଳ ଓ ବନ୍ୟା ପ୍ରବଣ ଅଞ୍ଚଳର ଲୋକଙ୍କୁ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳୀ ଓ ଅସ୍ଥାୟୀ ଆଶ୍ରୟସ୍ଥଳ ସ୍କୁଲଗୁଡ଼ିକୁ ସ୍ଥାନାନ୍ତର କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ସେଠାରେ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇବାକୁ ବିଡ଼ିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ବ୍ଲକ ଗୁଡ଼ିକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବ ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିବରଣୀ ଜିଲ୍ଲା ଜରୁରୀକାଳୀନ ବିଭାଗକୁ ପଠାଯିବ। ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଚୁଡ଼ା, ଗୁଡ଼ ଓ ପଲିଥିନ୍ ମହଜୁଦ ରଖିବାକୁ ଜିଲ୍ଲା ଯୋଗାଣ ଅଧିକାରୀ ଓ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଛି।ଗର୍ଭବତୀ ମହିଳାଙ୍କ ସୁରକ୍ଷା କୁ ଦୃଷ୍ଟିରେ ରଖି ଆସନ୍ନ ପ୍ରସବା ଗର୍ଭବତୀ ମହିଳାଙ୍କୁ ନିରାପଦ ସ୍ଥାନ/ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବ। ସମସ୍ତ ଡାକ୍ତରଖାନାରେ ସାପ କାମୁଡ଼ା ଔଷଧ, ଓଆରଏସ , ବ୍ଲିଚିଂ ପାଉଡର ଓ କ୍ଲୋରିନ୍ ଟାବଲେଟ୍ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଡ୍ରାଫ (ଡଂଡଜଇର) ଟିମ୍ ମୁତୟନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାସହ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଜଳ ବିଶୁଦ୍ଧିକରଣ ଦାୟିତ୍ୱ ଦିଆଯାଇଛି। ଗୃହପାଳିତ ପ୍ରାଣୀଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ସହ ଗୋଖାଦ୍ୟ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ସ୍କୁଲଗୁଡ଼ିକୁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯାଉଥିବାରୁ ଉରଙ୍ଗ, ଇରଙ୍ଗ, ଉଜଉଉ ଓ ପ୍ରଧାନଶିକ୍ଷକମାନେ ଉପସ୍ଥିତ ରହିବେ। ବର୍ଷା ଯୋଗୁଁ କୃଷି ଫସଲର କ୍ଷତି ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରିବାକୁ କୃଷି ଅଧିକାରୀଙ୍କୁ କୁହାଯାଇଛି।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଶିବାନନ୍ଦ ସ୍ୱାଇଁ, ଉପ-ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସମସ୍ତ ଇଓଙ୍ଗ, ତହସିଲଦାର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ,ଜିଲ୍ଲା ଯୋଗାଣ ଅଧିକାରୀ , ଅଧିକ୍ଷଣ ଯନ୍ତ୍ରୀ ଜଳସମ୍ପଦ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଓଡ଼ିଶାର ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

# ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ ବେହେରା ଜେଲ ହାଜତକୁ ଗଲେ

ପାରଳାଖେମୁଣ୍ଡି, ୨୮/୭(ତାରିଣୀ ପ୍ରସାଦ ପଣ୍ଡା): ଓଡ଼ିଶାର ବହୁଚର୍ଚ୍ଚିତ ଗଜପତିର ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫ୍‌ଓ ସଂଗ୍ରାମକେଶରୀ ବେହେରା ସ୍ଥାନୀୟ ଏସ୍‌ଡିଜେଏମ୍ ଅଦାଲତରେ ଆତ୍ମସମର୍ପଣ ପରେ କରି ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ଗତକାଲି ଆତ୍ମସମର୍ପଣ କରିବା ପରେ ପ୍ରଥମେ ଏସଡିଜେଏମ୍ କୋର୍ଟରେ ଜାମିନ ନିମନ୍ତେ ଆବେଦନ କରିଥିଲେ। ତେବେ ମାଜିଷ୍ଟ୍ରେଟ୍ ଗାୟତ୍ରୀ ମିଶ୍ର ଆବେଦନକୁ ଖାରଜ କରିଥିଲେ। ପରେ ସେ ଜିଲ୍ଲା ଓ ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ଅଦାଲତରେ ଜାମିନ ପାଇଁ ଆବେଦନ କରିଥିଲେ ମଧ୍ୟ ସେଠାରେ ମଧ୍ୟ ଜାମିନ ମିଳିନଥିଲା। ଫଳରେ ତାଙ୍କୁ ନ୍ୟାୟିକ ହାଜତକୁ ପଠାଯାଇଛି।ସୂଚନାଯୋଗ୍ୟ, ୨୦୨୧ ଜୁଲାଇ ୧୨ ତାରିଖରେ ପାରଳାଖେମୁଣ୍ଡିସ୍ଥିତ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ଗୁରୁତର ଭାବେ ପୋଡ଼ି ଯାଇଥିଲେ। ପରଦିନ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ସାରା ରାଜ୍ୟରେ ବ୍ୟାପକ ଚର୍ଚ୍ଚାର ବିଷୟ ପାଲଟିଥିଲା। ସୌମ୍ୟରଞ୍ଜନଙ୍କ ପିତା ଅଭିରାମ ମହାପାତ୍ରଙ୍କ ଅଭିଯୋଗ ଆଧାରରେ ପ୍ରଥମେ ସ୍ଥାନୀୟ ପୋଲିସ ମାମଲା ରୁଜୁ କରିଥିଲା। ପରେ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ପ୍ରାୟ ୮୦ ଜଣଙ୍କ ବୟାନ, କଲ୍



ଡିଟେଲ୍ ରେକର୍ଡ, ପୋଷ୍ଟମର୍ଟମ ରିପୋର୍ଟ, ଫରେନସିକ୍ ରିପୋର୍ଟ ଓ ଲାଇ ଡିଟେକ୍ସନ୍ ଟେଷ୍ଟ ଆଦିକୁ ଆଧାର କରି ତଦନ୍ତ ଶେଷ କରିଥିଲା। କ୍ରାଇମବ୍ରାଞ୍ଚର ତଦନ୍ତରେ, ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ସୌମ୍ୟରଞ୍ଜନଙ୍କ ସନ୍ଦିଗ୍ଧ ମୃତ୍ୟୁ ନିମନ୍ତେ ପ୍ରତ୍ୟକ୍ଷ ସମ୍ପୃକ୍ତିର କେଣସି ପ୍ରମାଣ ମିଳିନଥିବା ଓ ଘଟଣାଟି ଏକ ଦୁର୍ଘଟଣା ବୋଲି ଦର୍ଶାଇଥିଲା। ସେହି ସମୟରେ ପତ୍ନୀ ବିଦ୍ୟାଭାରତୀଙ୍କ ବିରୋଧରେ ଅବହେଳା ଅଭିଯୋଗରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ତେବେ ସୌମ୍ୟରଞ୍ଜନଙ୍କ ପିତାଙ୍କ ପକ୍ଷରୁ ଦାଖଲ ପ୍ରତିବାଦ ଆବେଦନ (ପ୍ରୋଟେଷ୍ଟ ପିଟିସନ୍) ଉପରେ ବିଚାର କରି ପାରଳାଖେମୁଣ୍ଡି ଏସଡିଜେଏମ୍ ଅଦାଲତ ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ପୂର୍ବତନ ଭାରତୀୟ ଦଣ୍ଡ ସଂହିତାର ଧାରା ୩୦୨ ଓ ୧୨୦-ବି ଅନୁଯାୟୀ ବିଚାର ଚାଲାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚାଲେଞ୍ଜ କରି ଅଭିଯୁକ୍ତମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହେଲେ ହାଇକୋର୍ଟ ତଳ ଅଦାଲତରେ ବିଚାର ପ୍ରକ୍ରିୟା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ମାମଲାର ଶୁଣାଣିରେ ବାରମ୍ବାର ଅନୁପସ୍ଥିତ ରହିବାରୁ ୨୦୨୫ ଅଗଷ୍ଟ ୧୪ ତାରିଖରେ ପାରଳାଖେମୁଣ୍ଡି ଏସଡିଜେଏମ୍ ଅଦାଲତ ସଂଗ୍ରାମ କେଶରୀ ବେହେରା ଓ ମନ୍ମଥ କୁମ୍ଭଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ। ଏହି ଅବସରରେ ସଂଗ୍ରାମ କେଶରୀ ବେହେରା ପ୍ରଥମେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ସେଠାରୁ ଆଶ୍ୱସ୍ତି ନମିଳିବା ପରେ ୨୦୨୬ ଫେବୃଆରି ୨ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟରେ ସ୍ୱତନ୍ତ୍ର ଅନୁମତି ଆବେଦନ ଦାଖଲ କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟରୁ ମଧ୍ୟ କୌଣସି ଆଶ୍ୱସ୍ତି ନମିଳିବା ପରେ ସେ ପୁଣି ହାଇକୋର୍ଟରେ ଆତ୍ମସମର୍ପଣ ପାଇଁ ସମୟ ପ୍ରାର୍ଥନା କରିଥିଲେ। ଗତ ୧୪ ଜୁଲାଇ ୨୦୨୬ରେ ଓଡ଼ିଶା ହାଇକୋର୍ଟ ତାଙ୍କୁ ଦୁଇ ସପ୍ତାହ ମଧ୍ୟରେ ତଳ ଅଦାଲତରେ ଆତ୍ମସମର୍ପଣ କରିବାକୁ ସୁଯୋଗ ଦେଇଥିଲେ। ସେହି ନିର୍ଦ୍ଦେଶ ଅନୁସାରେ ଗତକାଲି ସୋମବାର ସେ ପାରଳାଖେମୁଣ୍ଡି ଏସଡିଜେଏମ୍ ଅଦାଲତରେ ଆତ୍ମସମର୍ପଣ କରିଥିଲେ। କିନ୍ତୁ ଏସଡିଜେଏମ୍ ଓ ପରେ ଜିଲ୍ଲା ଅଦାଲତ ଉଭୟ ସ୍ଥାନରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ନ୍ୟାୟିକ ହାଜତକୁ ପଠାଯାଇଛି। ସେ ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଓ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ସାକ୍ଷୀମାନଙ୍କୁ ପ୍ରଭାବିତ କରିବାର ସମ୍ଭାବନା ସହ ପୂର୍ବରୁ ନ୍ୟାୟିକ ପ୍ରକ୍ରିୟାରେ ଅସହଯୋଗ ସହ ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବାରୁ ତାଙ୍କର ଜାମିନ ଆବେଦନ ଖାରଜ କରିଥିବା ମାନ୍ୟବର ଅଦାଲତ ତାଙ୍କ ରାୟରେ ଦର୍ଶାଇ ଥିବା ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ରଙ୍କ ଓକିଲ ରଜତ କୁମାର ପାତ୍ର ଓ ସରକାରୀ ଓକିଲ ରାଜେଶ କୁମାର ମିଶ୍ର ସୁଚନା ଦେଇଛନ୍ତି।

# ଆରମ୍ଭ ହେଲା ନୀଳାଚଳ ଅଭଡ଼ା

ପୁରୀ,୨୮ ।୭(ଅକ୍ଷର ଓଡ଼ିଶା): ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନକୁ ବିଜେ କରିବା ପରେ ମହାପ୍ରଭୁଙ୍କୁ ଲାଗି ହେବ ଅନ୍ନମହାପ୍ରସାଦ ।୧୪ଦିନ ପରେ ଶ୍ରୀମନ୍ଦିରରେ ଉପଲବ୍ଧ ହେବ ଅନ୍ନ ମହାପ୍ରସାଦ। ନୀଳାଚଳ ଅଭଡ଼ା ନାମରେ ସର୍ବଜନ ବିଦିତ ଏହି ଅନ୍ନମହାପ୍ରସାଦ କଣିକାଏ ପାଇବା ପାଇଁ ଜଗନ୍ନାଥ ପ୍ରେମୀମାନଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ରହିଛି। ତେଣୁଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳିତ ଭାବେ ନୀଳାଚଳ ଅଭଡ଼ା ପାଇପାରିବେ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନେ ଉତ୍ତରଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରି ଅଭଡ଼ା ସଂଗ୍ରହ କରିପରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି।

## ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ପଞ୍ଚାୟତ ସ୍ତରୀୟ ଜନ ଶୁଣାଣୀ ଶିବିର




ଲକ୍ଷ୍ମୀପୁର ୨୮/୦୭(ଅକ୍ଷର ଓଡ଼ିଶା) କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ କାର୍ଯ୍ୟାଳୟ ପରିସର ରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ମିଳନୀ କକ୍ଷ ଠାରେ ଆଜି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରାଙ୍କ ଅଧକ୍ଷତାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ପଞ୍ଚାୟତ ସ୍ତରୀୟ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି ।ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାମ ପରିବର୍ତନ କରି ଭିବିଜି ରାମଜୀ ରଖା ଯିବା ପରେ ବର୍ତମାନ ଚାଲିଥିବା ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରି କିପରି ଆଗକୁ ବଢିବା ଆୟୋଜିତ ଏହି ଶିବିରରେ ଆଲୋଚନା କରାଯାଇଥିଲା ।ଏଥିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ, ଜିଲ୍ଲା ସାମାଜିକ ସମୀକ୍ଷକ ଅନିଲ ମହାରଣା,ସମସ୍ତ ପଞ୍ଚାୟତ ର ଲୋକ ପ୍ରତିନିଧି,ନିର୍ବାହୀ ଅଧିକାରୀ ,ଭିଆରପି,ଏମ୍ଭିକେ ମାନେ ଯୋଗ ଦେଇଥିବା ବେଳେ ବ୍ଲକ୍ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ୫.୩୦ କୋଟି ସ୍ୱାକ୍ଷର ସହ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର
# ଗୋବଂଶଙ୍କୁ ସାମ୍ବିଧାନିକ ମାନ୍ୟତା, କେନ୍ଦ୍ରୀୟ ଗୋସେବା ମନ୍ତ୍ରଣାଳୟ ଓ ସମାନ ଜାତୀୟ ଆଇନ ଦାବି



ଖୋର୍ଦ୍ଧା ୨୮/୦୭(ଅକ୍ଷର ଓଡ଼ିଶା) : ଗୋବଂଶର ସୁରକ୍ଷା, ସଂରକ୍ଷଣ ଓ ସମ୍ବର୍ଦ୍ଧନା କୁ ଜାତୀୟ ପ୍ରାଥମିକତା ଦେବା ଦାବିରେ ସାରା ଦେଶରେ ଚାଲିଥିବା 'ଗୌ ସମ୍ମାନ ଆହ୍ୱାନ ଅଭିଯାନର ଅଂଶ ସ୍ୱରୂପ ସୋମବାର ଖୋର୍ଦ୍ଧା ଜିଲ୍ଲାପାଳ କାର୍ଯ୍ୟାଳୟରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅଭିଯାନର ପ୍ରତିନିଧିମାନେ କହିଛନ୍ତି ଯେ, ଦେଶର ୫,୧୦୦ରୁ ଅଧିକ ତହସିଲରୁ ସଂଗୃହୀତ ୫ କୋଟି ୩୦ ଲକ୍ଷରୁ ଅଧିକ ନାଗରିକଙ୍କ ସ୍ୱାକ୍ଷର ଏହି ଅଭିଯାନକୁ ସମର୍ଥନ କରୁଛି । ସେମାନଙ୍କ ମତରେ, ଏହି ବିପୁଳ ଜନସମର୍ଥନ ଗୋବଂଶର ସୁରକ୍ଷା ପ୍ରତି ସାଧାରଣ ଲୋକଙ୍କ ଆଗ୍ରହ ଓ ସଚେତନତାର ପ୍ରତିଫଳନ । ପ୍ରତିନିଧିମାନେ ସୂଚନା ଦେଇଛନ୍ତି ଯେ, ଚଳିତ ବର୍ଷ ଏପ୍ରିଲ ୨୭ ତାରିଖରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତିଙ୍କ ନିକଟକୁ ସ୍ମାରକପତ୍ର ପଠାଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପଦକ୍ଷେପ ସମ୍ପର୍କରେ ସୂଚନା ମିଳିନଥିବାରୁ ପୁନର୍ବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିସହ ପୂର୍ବରୁ ସଂଗୃହୀତ ଜନ ସମର୍ଥନର ଡିଜିଟାଲ୍ ରେକର୍ଡ, ଗବେଷଣାମୂଳକ ତଥ୍ୟ ଓ ବିଭିନ୍ନ ଆଇନଗତ ଦଲିଲ ମଧ୍ୟ ସଂଲଗ୍ନ କରାଯାଇଛି । ସ୍ମାରକ ପତ୍ରରେ ଗୋବଂଶଙ୍କୁ 'ରାଷ୍ଟ୍ରମାତା' କିମ୍ବା 'ରାଷ୍ଟ୍ର ଆରାଧ' ଭାବେ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ କରିବା ସହ କେନ୍ଦ୍ର ସ୍ତରରେ ସ୍ୱତନ୍ତ୍ର ଗୋସେବା ମନ୍ତ୍ରଣାଳୟ ଗଠନ କରିବାକୁ ଦାବି କରାଯାଇଛି । ସେହିପରି ସମଗ୍ର ଦେଶରେ ଗୋବଂଶର ସୁରକ୍ଷା, ସଂରକ୍ଷଣ ଓ କଲ୍ୟାଣ ପାଇଁ ଏକ ସମନ୍ୱିତ କେନ୍ଦ୍ରୀୟ ଆଇନ ପ୍ରଣୟନ କରିବାକୁ ମଧ୍ୟ ଦାବି ରଖାଯାଇଛି । ଅଭିଯାନକାରୀଙ୍କ କହିବା ଅନୁଯାୟୀ, ଭାରତୀୟ କୃଷି ବ୍ୟବସ୍ଥା, ପରିବେଶ ସୁରକ୍ଷା, ଜୈବ ବିବିଧତା ଓ ଗ୍ରାମୀଣ ଅର୍ଥନୀତିରେ ଦେଶୀ ଗୋବଂଶର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଗୋବଂଶ ପରିତ୍ୟାଗ, ବେଆଇନ ପରିବହନ, ଚୋରାଚାଲାଣ, ସଡ଼କ ଦୁର୍ଘଟଣା, ପର୍ଯ୍ୟାପ୍ତ ଆଶ୍ରୟ ବ୍ୟବସ୍ଥାର ଅଭାବ ଓ ବେଆଇନ ଭାବେ ହତ୍ୟା ଭଳି ବିଭିନ୍ନ କାରଣରୁ ଦେଶୀ ଗୋବଂଶ ପ୍ରଜାତିର ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଛି । ଏହା ଜାତୀୟ ସ୍ତରରେ ଚିନ୍ତାର ବିଷୟ ପାଲଟିଥିବାରୁ ଏକ ସମନ୍ୱିତ ନୀତି ପ୍ରଣୟନର ଆବଶ୍ୟକତା ରହିଛି ବୋଲି ସେମାନେ ମତ ପ୍ରକାଶ କରିଛନ୍ତି । ସ୍ମାରକପତ୍ରରେ ସମ୍ବିଧାନର ଅନୁଚ୍ଛେଦ-୪୮ ଓ ଅନୁଚ୍ଛେଦ ୫୧(କ)(ଗ) ର ଉଲ୍ଲେଖ କରାଯାଇଛି । ଅନୁଚ୍ଛେଦ-୪୮ରେ କୃଷି ଓ ପଶୁପାଳନର ବୈଜ୍ଞାନିକ ବିକାଶ ସହ ଦେଶୀ ପ୍ରଜାତିର ସଂରକ୍ଷଣ ଓ ଗାଈ, ବାଛୁରୀ ଓ ଦୁଗ୍ଧ ଏବଂ କୃଷିକାର୍ଯ୍ୟରେ ବ୍ୟବହୃତ ପଶୁଙ୍କ ବଧ ନିଷେଧ ପାଇଁ ରାଜ୍ୟକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଥିବା ଦର୍ଶାଯାଇଛି । ଏହି ସାମ୍ବିଧାନିକ ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସମଗ୍ର ଦେଶରେ ଏକ ସମାନ ଆଇନର ଆବଶ୍ୟକତା ଥିବା ଅଭିଯାନ ପକ୍ଷରୁ କୁହାଯାଇଛି । ସ୍ମାରକପତ୍ରରେ ଆହୁରି ମଧ୍ୟ ପ୍ରତ୍ୟେକ ଗ୍ରାମ ପଂଚାୟତରେ ନନ୍ଦିଶାଳା ସ୍ଥାପନ, ପ୍ରତ୍ୟେକ ଜିଲ୍ଲାରେ ଆଧୁନିକ ଗୋଶାଳା, ଜାତୀୟ ଓ ରାଜ୍ୟ ରାଜପଥରେ ଗୋବଂଶ ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା, ଆହତ ପଶୁଙ୍କ ପାଇଁ ଟ୍ରମା କେୟାର କେନ୍ଦ୍ର, ବିଦ୍ୟାଳୟ ସ୍ତରରେ 'ଗୋ ବିଜ୍ଞାନ' ପାଠ୍ୟକ୍ରମ ପ୍ରଚଳନ ଏବଂ ଗୋଚର ଜମି ସୁରକ୍ଷା ସହ ଚାରା ଉତ୍ପାଦନ ଓ ବଣ୍ଟନ ପାଇଁ ଜାତୀୟ ଚାରା ନୀତି ପ୍ରଣୟନ କରିବାକୁ ପ୍ରସ୍ତାବ ଦିଆଯାଇଛି । ଅଭିଯାନ ର ପ୍ରତିନିଧିମାନେ କହିଛନ୍ତି ଯେ, ଏହି ଅଭିଯାନ କୌଣସି ନିର୍ଦ୍ଦିଷ୍ଟ ସଂସ୍ଥା କିମ୍ବା ଟ୍ରଷ୍ଟ ଦ୍ୱାରା ପରିଚାଳିତ ନୁହେଁ ।

## ଅଭିନବ ବୟାଳିଶ ମୌଜା ସଂଗଠନର ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ




କଟକ ସଦର୨୮/୦୭(ଅକ୍ଷର ଓଡ଼ିଶା) ଅଭିନବ ୪୨ମୌଜା ସଂଗଠନର ପ୍ରଥମ ପ୍ରତିଷ୍ଠା ଦିବସ ଉତ୍ସାହ ଓ ଆନନ୍ଦର ସହିତ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୪୨ମୌଜା ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ହେମନ୍ତ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାରତ ମସଲାର ପ୍ରତିଷ୍ଠାତା ତଥା ଚତୁର୍ଦ୍ଦଶ ସଙ୍କୀର୍ତ୍ତନ ମଣ୍ଡଳୀର ସର୍ବମହନ୍ତ ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ପଣ୍ଡା ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ, ଓଡ଼ିଶା ଲିଗାଲ ଏଡ୍ କାଉନସିଲର ସଦସ୍ୟ ତଥା ଅଭିନବ ୪୨ମୌଜା ସଂଗଠନର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ପଟ୍ଟନାୟକ ଉପସ୍ଥିତ ରହିଥିଲେ।ଏହି ଅବସରରେ ଆଇନଜୀବୀ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ପଟ୍ଟନାୟକ ସଂଗଠନର ସୁପରିଚାଳନା, ସାମାଜିକ ଦାୟିତ୍ୱ ଓ ଆଗାମୀ ଦିନରେ ୪୨ମୌଜା ଅଞ୍ଚଳରେ ସଂଗଠନକୁ କିପରି ଅଧିକ ସୁଦୃଢ଼ କରାଯାଇପାରିବ ସେ ନେଇ ବିସ୍ତୃତ ମତ ରଖିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ସଂଗଠନର ବର୍ଷପୂର୍ତ୍ତି ଉପଲକ୍ଷେ ସମ୍ପାଦିତ ବିଭିନ୍ନ ସାମାଜିକ କାର୍ଯ୍ୟର ସମୀକ୍ଷା ସହ ଭବିଷ୍ୟତ କାର୍ଯ୍ୟଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲାସମଗ୍ର କାର୍ଯ୍ୟକ୍ରମକୁ ଶ୍ରୀଯୁକ୍ତ ବିଷ୍ଣୁ ଚରଣ ଦାଶ ସୁଚାରୁରୂପେ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ରେ ସଙ୍ଗଠନ ର ବରଷ୍ଠ ସଦସ୍ୟ ତୃପ୍ତିରଞ୍ଜନ ପତି,ବିଶ୍ୱଜିତ୍ ପତି,ବିଘ୍ନେଶ୍ୱର ଜେନା,ଦୁର୍ଗାମାଧବ ପତି,ସତ୍ୟବ୍ରତ ଦିକ୍ଷୀତ,ସମୀର ନାୟକ,ସ୍ୱାଗତ ନାୟକ,ଜୟସୂର୍ଯ୍ୟ ପତି, କାଳୀ ପ୍ରସନ୍ନ ସତପଥୀ, ଅଜିତ୍ ପରିଡ଼ା,ସୁରେଶ ଦାସ,କମଳାକାନ୍ତ ସ୍ୱାଇଁ,ଅମିତ୍ ମହାପାତ୍ର,ସୁଜାତା ସ୍ୱାଇଁ,ପ୍ରଭାତୀ ଦାଶ,ସୁବାସ ଚନ୍ଦ୍ର ସାହୁ,ବରିଷ୍ଠ ସଦସ୍ୟ ପ୍ରଶାନ୍ତ ରାହୁଳ,ପ୍ରମୋଦ ରାହୁଳ,ସୁବାସ ଚନ୍ଦ୍ର ପଣ୍ଡା,ଜ୍ୟୋତିରଞ୍ଜନ ମହାପାତ୍ର,ଯୁବରାଜ ନାୟକ,ଦୁଷ୍ମନ୍ତ ନନ୍ଦ,ପରେଶ ମହାନ୍ତି, ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଏବଂ ଶେଷରେ ସଂଗଠନ ପକ୍ଷରୁ ସମସ୍ତ ଅତିଥି, ସାମ୍ବାଦିକ, ସଦସ୍ୟ ଓ ଉପସ୍ଥିତ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଥିଲେ ।

## ଲୁତୁରପଙ୍କରେ ଭକ୍ତିମୟ ପରିବେଶରେ ଶ୍ରୀଜିଉଙ୍କ ନୀଳାଦ୍ରିବିଜେ



ଅମରପାଲି, ୨୮/୭ (ପୀତାମ୍ବର ସାହୁ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ଗ୍ରାମରେ ପବିତ୍ର ନୀଳାଦ୍ରିବିଜେ ଅବସରରେ ଶ୍ରୀଜିଉଙ୍କ ନୀତିକାନ୍ତି ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ଘଣ୍ଟ, ଶଙ୍ଖ, ହରିବୋଲ ଧ୍ୱନି ଓ ହୁଳହୁଳିରେ ସମଗ୍ର ଗ୍ରାମ ପ୍ରକମ୍ପିତ ହୋଇଥିବା ବେଳେ ସଙ୍କୀର୍ତ୍ତନ ଦଳମାନଙ୍କ ଭକ୍ତିମୟ ପରିବେଷଣ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିଥିଲା ।ରଥାରୂଢ଼ ଶ୍ରୀଜିଉଙ୍କୁ ପହଣ୍ଡି କରି ମନ୍ଦିର ଚାରିପାଖରେ ବେଢ଼ା ପରିକ୍ରମା କରାଯାଇଥିଲା। ପହଣ୍ଡି ସମୟରେ ଆଲଟ, ଚାମର, ଛତିଛାତ୍ର ଓ ବାନା-ବୈରଖ ସହ ପାରମ୍ପରିକ ରୀତିନୀତି ପାଳନ କରାଯାଇଥିଲା। ସତ୍ୟମୋହନ ଦେଓ ଓ ଗୌରୀଶଙ୍କର ବେଦୋକ୍ତା ପହଣ୍ଡି ଗୀତ ପରିବେଷଣ କରିଥିବା ବେଳେ ସୁଲିନ ଦେଓ ଛେରା ପହଁରା ନୀତି ସମ୍ପାଦନ କରିଥିଲେ। ବିବେକାନନ୍ଦ ପୂଜାରୀ, ସତ୍ୟବ୍ରତ ପୂଜାରୀ, ଧରଣୀଧର ପୂଜାରୀ, ଲିଙ୍କନ ବେଦୋକ୍ତା, ପ୍ରକାଶ ବେଦୋକ୍ତା, ପ୍ରମୋଦ ବେଦୋକ୍ତା, ପ୍ରଭୁଦତ୍ତ ବେଦୋକ୍ତା ଓ ନୀଳାଞ୍ଚଳ ପୂଜାରୀ ପହଣ୍ଡି ନୀତିରେ ସାମିଲ ହୋଇଥିଲେ ।ଲୁତୁରପଙ୍କ, ଭାଲୁଡୁଙ୍ଗୁରୀ (କଲୋନୀପଡ଼ା), ଘଣ୍ଟପାଲି ଓ କେନଝିରିଆପାଲି ଗ୍ରାମର ସଙ୍କୀର୍ତ୍ତନ ଦଳମାନେ ଭକ୍ତିମୟ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ବେଢ଼ା ପରିକ୍ରମା ସମୟରେ ଗ୍ରାମର ପ୍ରତ୍ୟେକ ପରିବାର ଦଧିବାମନ (ଶ୍ରୀଜଗନ୍ନାଥ)ଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ ।ପରେ ଶ୍ରୀଜିଉଙ୍କ ଗମ୍ଭୀରା ପ୍ରବେଶ ବେଳେ ଗୀତ ମାଧ୍ୟମରେ ପାରମ୍ପରିକ ଲକ୍ଷ୍ମୀ-ନାରାୟଣ କଳି ପରିବେଷଣ କରାଯାଇଥିଲା। ଏଥିରେ ମହେଶ୍ୱର ମହାକୁର ଜଗନ୍ନାଥଙ୍କ ଭୂମିକାରେ କଳି ଗୀତ ଗାନ କରିଥିବା ବେଳେ ମମତା ପ୍ରଧାନ ଲକ୍ଷ୍ମୀଙ୍କ ଭୂମିକାରେ ଗୀତ ପରିବେଷଣ କରି ଉପସ୍ଥିତ ଭକ୍ତମାନଙ୍କୁ ମୁଗ୍ଧ କରିଥିଲେ ।ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ଯଜ୍ଞ ମହାକୁର ଓ ସମ୍ପାଦକ ଯୁଧିଷ୍ଠିର ମହାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କମିଟିର ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ନୀଳାଦ୍ରିବିଜେ ଉତ୍ସବକୁ ଦେଖିବା ପାଇଁ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଆଇନସେବା ପ୍ରାଧିକରଣ ରାୟଗଡା ଦ୍ୱାରା ଆଇନ ସଚେତନତା ଶିବିର

ରାୟଗଡା ୨୮/୦୭ (କୈଳାସ ସ୍ୱାଇଁ ) ରାୟଗଡ଼, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଅଧକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଶ୍ରୀ ଦାମୋଦର ରଥ ଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ



ଆନୁକୁଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଙ୍କ ଅଧକ୍ଷତାରେ ଅଦ୍ୟ ତା-୨୭.୦୭.୨୦୨୬ ରିଖ ସୋମବାର ଅପରାହ୍ନ ଘ.୩.୦୦ ମି ରେ ସ୍ଥାନୀୟ ପ୍ରସାଦ ଟେକ୍ନୋ ସ୍କୁଲ, ରାୟଗଡା ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ,ରାୟଗଡା ତରଫରୁ "ଔ.ଔ.(ଉଚଉ) ଇମସ୍ତ ୫ ଜସଶକ୍ଷସ୍ତ ସ୍ତକ୍ଟ ଉକ୍ଟଙ୍କକ୍ଟଙ୍କକ୍ଷସ୍ତକ୍ଟକ୍ସଛ ଇମସ୍ତ" ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ପ୍ରସାଦ ଟେକ୍ନୋ ସ୍କୁଲ ର ଏକାଡେମିସିଆନ ଶ୍ରୀ ଅଶୋକ କୁମାର ମିଶ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣ ପାନେଲ ଓକିଲ ଶ୍ରୀ ରିତେସ୍ କୁମାର ସାବତ, ପ୍ରଣ୍ଟ ଅଫିସ ରିଟେନର ତଥା ରିମାଣ୍ଡ ଆଡଭୋକେଟ ଶ୍ରୀ ସୁକାନ୍ତ ଦାସ, ପ୍ରସାଦ ଟେକ୍ନୋ ସ୍କୁଲ, ରାୟଗଡା ର ଅଧକ୍ଷ ଙ୍କ ସମେତ ସ୍କୁଲ ର ଶିକ୍ଷକ, ଛାତ୍ର ଛାତ୍ରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ଓ ଉପସ୍ଥିତ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ଔ.ଔ.(ଉଚଉ) ଇମସ୍ତ ଓ ଜସଶକ୍ଷସ୍ତ ସ୍ତକ୍ଟ ଉକ୍ଟଙ୍କକ୍ଟଙ୍କକ୍ଷସ୍ତକ୍ଟକ୍ସଛ ରୟଙ୍କମବ-ସ୍ତସକ୍ଟଭ ଇମସ୍ତ ର ଉଦ୍ଦେଶ୍ୟ, ଆଭିମୁଖ୍ୟ, ନ୍ୟାୟିକ ବ୍ୟବସ୍ଥା ଓ ସେମାନଙ୍କ ପାଇ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ ଓ ପରିଶେଷରେ ଅନ୍ୟ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ଏହି ଆଇନ ଉପରେ ଥିବା ସୁପ୍ରିମକୋଟ ର ଥିବା ବିଭିନ୍ନ ଜଜମେଣ୍ଟ ଉପରେ ଅଶଗ୍ରହଣକାରୀମାନଙ୍କୁ ଧାରଣା ଦେଇଥିଲେ ଓ ସର୍ବୋପରି ଏହି କାର୍ଯ୍ୟକ୍ରମରେ ପ୍ରସାଦ ଟେକ୍ନୋ ସ୍କୁଲ ର ଛାତ୍ର ଛାତ୍ରୀ ଓ ମାନ୍ୟବର ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଙ୍କ ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି ।

## ବନ୍ୟା ସ୍ଥିତି ପରଖିଲେ ବିଧାୟକ



ଆଠଗଡ଼,୨୮/୭(ଅକ୍ଷର ଓଡ଼ିଶା) ଲଗାଣ ବର୍ଷା ଯୋଗୁ ଆଠଗଡ଼ରେ ବନ୍ୟା ସ୍ଥିତି ଦେଖାଦେଇଛି। ବିଭିନ୍ନ ଚାଷ ଜମି ଜଳମଗ୍ନ ହୋଇଥିବା ବେଳେ ବିଭିନ୍ନ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶ୍ରମାଙ୍କ ସହିତ ଡେପୁଟି କଲେକ୍ଟର ପ୍ରଭୁଦତ୍ତ ପ୍ରଧାନ ସ୍ଥିତି ଅନୁଧ୍ୟାନ କରିବା ସହିତ ପ୍ରଭାବିତଙ୍କୁ ରିଲିଫ ଯୋଗାଇଦେବା, କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବା, ରାସ୍ତାର ତୁରନ୍ତ ମରାମତି, ନୂତନ ଭିତିଭୂମି ନିର୍ମାଣ କରିବା ଦିଗରେ ବିଧାୟକ ଉପଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ।

## ସେଞ୍ଚୁରିୟନ ପବ୍ଲିକ ସ୍କୁଲ ଠାରେ ଜିଲ୍ଲାସ୍ତରୀୟ ସ୍ୱଳ୍ପମୂଲ୍ୟ ବିଶିଷ୍ଟ ବିଜ୍ଞାନ ଶିକ୍ଷା ପ୍ରଣାଳୀ ସମ୍ପର୍କିତ କର୍ମଶାଳା

ପାରଳାଖେମୁଣ୍ଡି, ୨୮/୭(ତାରିଣୀ ପ୍ରସାଦ ପଣ୍ଡା): ସାମାଜିକ- ସଂସ୍କୃତିକ ଉନ୍ନୟନ କେନ୍ଦ୍ର, ଓଡିଶା ଦ୍ୱାରା ଆୟୋଜିତ ଏକ ଜିଲ୍ଲାସ୍ତରୀୟ ସ୍ୱଳ୍ପମୂଲ୍ୟ ବିଶିଷ୍ଟ ବିଜ୍ଞାନ ଶିକ୍ଷାଭିତ୍ତିକ କର୍ମଶାଳା ସ୍ଥାନୀୟ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ସେଞ୍ଚୁରିୟନ ପବ୍ଲିକ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମଗ୍ର ଜିଲ୍ଲା ର ସାତଟି ବ୍ଲକରୁ ପ୍ରାୟ ଅଶି ଜଣ ବିଜ୍ଞାନ ଶିକ୍ଷକ ଅଂଶଗ୍ରହଣ କରିଥିଲେ । ଉକ୍ତ କର୍ମଶାଳା କୁ ଗଜପତି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାୟାଧର ସାହୁ ଉଦ୍ ଘାଟନ କରି ଥିବା ବେଳେ ଏସ୍. ସି. ଡି. ସି. ର ଅଧକ୍ଷ ଶ୍ରୀଯୁକ୍ତ ବନମାଳୀ ସାହୁ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡ଼.ଏସ୍ .ପି. ନନ୍ଦ, ଡିନ୍ କୃଷି ବିଭାଗ, ସିୟୁଟିଏମ୍, ଡ଼. ଦୁର୍ଗାପ୍ରସାଦ ପାଢ଼ୀ, ପ୍ରଶାସନିକ ନିର୍ଦ୍ଦେଶକ, ସିୟୁଟିଏମ୍ ଏବଂ ଡ଼.ପ୍ରଜ୍ଞା ପାଣି,ମୁଖ୍ୟ, ପରିଚାଳନା ବିଭାଗ, ସିୟୁଟିଏମ୍ ଏବଂ ଶ୍ରୀମତୀ ସୁନୀତା ପାଣିଗ୍ରାହୀ, ଅଧ୍ୟକ୍ଷା, ସି ପି ଏସ୍ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ତତ୍ ସଙ୍ଗେ ସଙ୍ଗେ ଉକ୍ତ କର୍ମଶାଳାରେ ଶ୍ରୀଯୁକ୍ତ ସନ୍ତୋଷ କୁମାର କର, ଶ୍ରୀଯୁକ୍ତ ଅଜୟ କୁମାର ସାହୁ, ଡକ୍ଟର ମନୋଜ ଦାସ, ଓ ଡକ୍ଟର ମନୋଜ ଘୋଷଲା, ବିଷୟ ଉପଦେଷ୍ଟା ଭାବରେ କର୍ମଶାଳାରେ ସ୍ୱଳ୍ପମୂଲ୍ୟ ବିଶିଷ୍ଟ ବିଜ୍ଞାନଭିତ୍ତିକ ପରୀକ୍ଷାର ମୂଲ୍ୟବୋଧ ଉପରେ ଶିକ୍ଷକମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ । ଏହା ଭାରତ ସରକାରଙ୍କର ଶିକ୍ଷା ବିଭାଗର (ଘ.ଓ. ର. ଚ. ଇ.) ବା ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ ଅଫ୍ ଏଜୁକେସନାଲ୍ ପ୍ଲାନିଂ ଆଣ୍ଡ୍ ଆଡ୍ମିନଷ୍ଟ୍ରେସନ ଦ୍ୱାରା ପ୍ରାୟୋଜିତ ।ଆଜିର ଦିନରେ ଏପରି ଏକ ସୁନ୍ଦର ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ କୁ ଆୟୋଜନ କରିବା ସକାଶେ ପୂର୍ଣ୍ଣ ସହଯୋଗ କରିଥିବା ଯୋଗୁଁ ସେଂଚୁରିୟନ ପବ୍ଲିକ ସ୍କୁଲକୁ ସମସ୍ତ ଅତିଥି ମାନେ ଭୂୟସୀ ପ୍ରଶଂସା କରିଥିଲେ ଏବଂ ଏହା ସମସ୍ତଙ୍କୁ ସହାୟକ ହେବ ବୋଲି କହିଥିଲେ। ଏହି କର୍ମଶାଳାଟିକୁ ସ୍କୁଲର ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଜେ, କେ,ନାୟକ ସଂଯୋଜନା କରିଥିଲା ବେଳେ ଶ୍ରୀଯୁକ୍ତ ସମ୍ବିତ ପାତ୍ର, ଆଂଚଳିକ ନିର୍ଦ୍ଦେଶକ,ସି ପି ଏସ୍ , ବିଦ୍ୟାଳୟ ର ପ୍ରଶାସନିକ ଅଧିକାରୀ ଶ୍ରୀ ଯୁକ୍ତ ମନୋଜ କୁମାର ପାଢ଼ୀ ଏବଂ ସମସ୍ତ କର୍ମଚାରୀ ବୃନ୍ଦ ପରିଚାଳନା କରିଥିଲେ ।

## ୧୦ ହଜାର ନୀଳଗିରି ଚରାକୁ ନଷ୍ଟକଲେ ୭ ଦୁର୍ବୃତ୍ତ ଥାନାରେ ଅଭିଯୋଗ



ପାପଡାହାଣ୍ଡି, ୨୮ ।୭(କୈଳାସ ଚନ୍ଦ୍ର ବିଷୋୟୀ) ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଡ଼େଙ୍ଗାଗୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିରୀଗୁଡା ଗ୍ରାମରେ ଲଗେଇଥିବା ୫ ହଜାର ନୀଳଗିରି ଚରା ସହ ଲଗେଇବାକୁ ଥିବା ୫ ଚରା କୁ ନଷ୍ଟ କରିଦେଲେ ୭ଜଣ ଦୁର୍ବୃତ୍ତ. ଏନେଇ କୋଡ଼ିଙ୍ଗା ଥାନା ରେ ଅଭିଯୋଗ କଲେ ଡ଼େଙ୍ଗାଗୁଡ଼ା ସମିତି ସଭ୍ୟା.ସୂଚନା ଅନୁଯାୟୀ ଡ଼େଙ୍ଗାଗୁଡ଼ା ଗ୍ରାମର ଖାଲି ପଡିଥିବା ଏକ ସରକାରୀ ଡଙ୍ଗର କୁ ନୀଳଗିରି ଗଛ ଲଗେଇବା ପାଇ ଗ୍ରାମରେ ନିଷ୍ପତି କରିଥିଲେ ୨୬୫ ପରିବାର ଆଲୋଚନା କରି ପରିବାର ପିଛା ୫୦୦ ଟଙ୍କା ଲେଖାଏଁ ଆଦାୟ କରିଥିଲେ.ଚରା ବାବଦ କୁ ୭ ଟଙ୍କା ଲେଖାଏଁ ଦେଇ ୧୦ ହଜାର ଚରା କିଣି ଆଣି ରବିବାର ଦିନ ଗ୍ରାମବାସୀ ଶ୍ରମଦାନ କରି ୫ ହଜାର ଚରା ରୋପଣ କରିଥିଲେ. ସୋମବାର ଦିନ ଆଉ ପାଞ୍ଚ ହଜାର ଚରା ଲଗେଇବା ପାଇ ପହଁଚି ଦେଖିବା ସମୟରେ ପୂର୍ବରୁ ଲଗା ଯାଇଥିବା ଚରା କୁ ଚୋଚାରାଗୁଡା ଗ୍ରାମର ନରସିଂହ ହରିଜନ, ଲାଇବାନ ହରିଜନ, ସମାରୁ ହରିଜନ, ନନ୍ଦ ହରିଜନ, ଟଙ୍କ ହରିଜନ, ତୁଳାରାମ ହରିଜନ,ତ୍ରିଲୋଚନ ହରିଜନ ନଷ୍ଟ କରିଦେଇଛନ୍ତି. ଆଜି ନେଇ ଯାଇଥିବା ୫ ହଜାର ଚରା ମଧ ଜର ଜବରଜସ୍ତ ନଷ୍ଟ କରିଦେଇଥିବା ନେଇ କୋଡ଼ିଙ୍ଗା ଥାନା ରେ ଅଭିଯୋଗ ହୋଇଛି.ଏନେଇ କୋଡ଼ିଙ୍ଗା ଥାନା ଅଧିକାରୀ ଦୀପକ କୁମାର ଜେନା କୁ ଯୋଗାଯୋଗ କରିବା ରୁ ଏନେଇ ଡ଼େଙ୍ଗାଗୁଡ଼ା ସମିତି ସଭ୍ୟ ଲିଖିତ ଅଭିଯୋଗ କରିଛନ୍ତି. ଏହାର ତଦନ୍ତ ଜାରି ରହିଥିବା କହିଛନ୍ତି ।

## ବେରେଡାକିଆ ଗ୍ରାମ ପଞ୍ଚାୟତରେ ବ୍ଲକ ସ୍ତରୀୟ ଜନ ଶୁଣାଣୀ



ରାଇକିଆ ୨୮/୦୭(ଅକ୍ଷର ଓଡ଼ିଶା) : କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅନ୍ତର୍ଗତ ବେରେଡାକିଆ ଗ୍ରାମ ପଞ୍ଚାୟତ ସଭାଗୃହରେ ବ୍ଲକ ସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି, ଏହି କାର୍ଯ୍ୟ ରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ସିଂହ କହଁର ଯୋଗ ଦେଇ ଜନସାଧାରଣଙ୍କର ଆବେଦନ ଅଭିଯୋଗ ଗୁଡ଼ିକର ଶୁଣାଣୀ କରିଥିଲେ। ଆବେଦନ ଅଭିଯୋଗ ଗୁଡ଼ିକ ମଧ୍ୟରେ ମୋଟ ୭ ଗୋଟି କେବଳ ବ୍ୟକ୍ତିଗତ ଅଭିଯୋଗ ଗୁଡ଼ିକ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ଗୁଡ଼ିକ ମଧ୍ୟରେ ପ୍ରମୁଖ ଭାବେ ପ୍ରଧାନମନ୍ତ୍ରୀ ଆବାସ ଗୃହ , ଖାଉଟି କାର୍ଡ ଓ ଭତ୍ତା ବିଷୟ ଆଦି ଅନ୍ତର୍ଭୁକ୍ତ ଥିଲା, ଆଗାମି ଅତି ନିକଟରେ ସମସ୍ତ ଆବେଦନ ଅଭିଯୋଗ ଗୁଡ଼ିକର ବିଚାର କରି ଜିଲ୍ଲାପାଳଙ୍କ ମଞ୍ଜୁର ସହ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ କର୍ମଚାରୀ ମାନଙ୍କୁ ଏବିଡିଓ ନିର୍ଦ୍ଦେଶ ଦେଇଥିଲେ। ଏହି ଜନ ଶୁଣାଣୀ ଶିବିର କାର୍ଯ୍ୟକ୍ରମ ଅବସରରେବେରେଡ଼ା କିଆ ସରପଞ୍ଚ ଅକ୍ଷୟ କୁମାର ପ୍ରଧାନ ,ଜିପିଡିଓ ମହେଶ ପଟ୍ଟନାୟକ,ପିଇଓ ଜନାର୍ଦ୍ଦନ ନାୟକ, ବିଏସଏସଓ ରାମକୃଷ୍ଣ ବେହେରା, ଡବ୍ଲୁଓ ଉର୍ମିଳା ପ୍ରଧାନ,ଏମ୍ ଆଇ କିରନ ବେହେରା, ରୁରାଲ ହଉସୀଙ୍ଗ ସଂଯୋଜକ କମଳ ପ୍ରସାଦ ନାୟକ ଏବଂ ଏଡିଓ ରାଜେଶ୍ୱରୀ ବିଷୟୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ୨୦ରୁ ଉର୍ଦ୍ଧ୍ୱ ପରିବାର ଦୁର୍ଦ୍ଦଶାରେ ପଞ୍ଚାୟତ ଅଫିସରୁ ମାତ୍ର ଅଳ୍ପ ଦୂରରେ ଜଳ ବନ୍ଦୀ



ଧର୍ମଶାଳା ୨୮/୦୭(ଅକ୍ଷର ଓଡ଼ିଶା) ପ୍ରବଳ ବର୍ଷା ଯୋଗୁଁ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା (ମାଳହାଟ) ଗ୍ରାମରେ ବ୍ୟାପକ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ଗ୍ରାମରେ ଜଳ ନିଷ୍କାସନ ପାଇଁ କୌଣସି ଉଚିତ୍ ବ୍ୟବସ୍ଥା ନଥିବାରୁ ଏବେ ୨୦ରୁ ଅଧିକ ପରିବାର ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି। ପ୍ରତିବର୍ଷ ବର୍ଷାଦିନେ ଏହି ଅଞ୍ଚଳରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିଲେ ମଧ୍ୟ ସ୍ଥାୟୀ ଜଳ ନିଷ୍କାସନ ନାଳ ନିର୍ମାଣ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ ।ଲଗାଣ ବର୍ଷା ପାଣି ଲୋକଙ୍କ ଘରଦ୍ୱାର ଏବଂ ବାରଣ୍ଡାରେ ଜମି ରହିବାରୁ ଦୈନନ୍ଦିନ ଜୀବନଯାତ୍ରା ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି ।ଗ୍ରାମର ରାସ୍ତାଘାଟ ଜଳମଗ୍ନ ହୋଇଯିବାରୁ ଲୋକମାନେ ଘରୁ ବାହାରକୁ ବାହାରିବା ମଧ୍ୟ କଷ୍ଟକର ହୋଇପଡ଼ିଛି !ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ବାରମ୍ବାର ପ୍ରଶାସନ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଦୁର୍ଦ୍ଦଗ୍ରସ୍ତ ପରିବାରଗୁଡ଼ିକ ବିପଦପୂର୍ଣ୍ଣ ଅବସ୍ଥାରେ ଦିନ କାଟୁଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ଦେଖାଯାଇ ନାହିଁ ।ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀମାନେ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି:ପମ୍ପ ଦ୍ୱାରା ଜମି ରହିଥିବା ପାଣିକୁ ତୁରନ୍ତ ନିଷ୍କାସନ କରାଯାଉ ।ଭବିଷ୍ୟତ ପାଇଁ ଏକ ସ୍ଥାୟୀ ଜଳ ନିଷ୍କାସନ ନାଳ ନିର୍ମାଣ କରାଯାଉ ।ପ୍ରଭାବିତ ପରିବାରଗୁଡ଼ିକୁ ଆବଶ୍ୟକୀୟ ସହାୟତା ଯୋଗାଇଦିଆଯାଉ।

# ବେଗୁନିଆ ବିଧାୟକଙ୍କ ପ୍ରତିନିଧି ହେଲେ ପ୍ରଶାନ୍ତ ବେହେରା

ଖୋର୍ଦ୍ଧା, ୨୮/୦୭(ଅକ୍ଷର ଓଡ଼ିଶା) : ବେଗୁନିଆ ବୋଲଗଡ ବିଧାୟକ ପ୍ରଦୀପ କୁମାର ସାହୁ ପୁଣିଥରେ ଅଭିଜ୍ଞ ସଂଗଠକ ଓ ବରିଷ୍ଠ ସାମାଜିକ କର୍ମୀ ପ୍ରଶାନ୍ତ ବେହେରାଙ୍କୁ ନିଜର ପ୍ରତିନିଧି ଭାବେ ମନୋନୀତ କରିଛନ୍ତି। ବିଧାୟକଙ୍କ ଏହି ନିଷ୍ପତିକୁ ବେଗୁନିଆ ଅଂଚଳରେ ସ୍ୱାଗତ କରାଯାଇଥିବାବେଳେ ବିଭିନ୍ନ ରାଜନୈତିକ, ସାମାଜିକ ଓ ବୁଦ୍ଧିଜୀବୀ ମହଲରୁ ଶ୍ରୀ ବେହେରାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ପ୍ରଶାନ୍ତ ବେହେରାଙ୍କ ରାଜନୈତିକ ଜୀବନ ଛାତ୍ର ରାଜନୀତିରୁ ଆରମ୍ଭ ହୋଇଥିଲା। ସେ ରମାମଣି ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଭାବେ ଦାୟିତ୍ୱ ସଫଳତାର ସହ ପାଳନ କରି ନିଜର ସଂଗଠନ ଦକ୍ଷତା ଓ ନେତୃତ୍ୱର ପରିଚୟ ଦେଇଥିଲେ। ପରବର୍ତୀ ସମୟରେ ସେ ସକ୍ରିୟ ଭାବେ ପଂଚାୟତ ରାଜନୀତିରେ ପ୍ରବେଶ କରି କଣ୍ଟାବାଡ଼ ଗ୍ରାମ ପଂଚାୟତର ସମିତି ସଭ୍ୟ ଏବଂ ପରେ ଲଗାତାର ଚାରିଥର ସରପଂଚ ଭାବେ ଜନସେବା କରିଥିଲେ । ସରପଂଚ ଥିବା ସମୟରେ ସେ ଗ୍ରାମର ବିକାଶ, ମୌଳିକ ସୁବିଧାର ସମ୍ପ୍ରସାରଣ ଓ ଲୋକମାନଙ୍କ ସମସ୍ୟାର ସମାଧାନ ଦିଗରେ ଅନେକ ପଦକ୍ଷେପ ନେଇଥିବାରୁ ଅଂଚଳବାସୀଙ୍କ ଆସ୍ଥାଭାଜନ ହୋଇପାରିଥିଲେ । ଏହା ପୂର୍ବରୁ ସେ ପୂର୍ବତନ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ପ୍ରତିନିଧି ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରି ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ବିଭିନ୍ନ ଜନସମସ୍ୟାର ସମାଧାନରେ ସକ୍ରିୟ ଭୂମିକା ନିଭାଇଥିଲେ। ତାଙ୍କର ଦୀର୍ଘ ଅଭିଜ୍ଞତା, ସାଂଗଠନିକ ଦକ୍ଷତା ଓ ଜନସମ୍ପର୍କକୁ ଦୃଷ୍ଟିରେ ରଖି ବର୍ତମାନର ବିଧାୟକ ପ୍ରଦୀପ କୁମାର ସାହୁ ପୁଣିଥରେ ତାଙ୍କ ଉପରେ ଆସ୍ଥା ପ୍ରକାଶ କରି ପ୍ରତିନିଧି ଭାବେ ମନୋନୀତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରଶାନ୍ତ ବେହେରାଙ୍କ ପରିବାର ଦୀର୍ଘଦିନ ଧରି ସ୍ଥାନୀୟ ପ୍ରଶାସନ ଓ ଜନସେବା ସହ ଜଡ଼ିତ ରହିଆସିଛି । ବର୍ତମାନ ତାଙ୍କ ମା କଂଟାବାଡ଼ ଗ୍ରାମ ପଂଚାୟତର ସରପଂଚ ଭାବେ କାର୍ଯ୍ୟ କରୁଥିବାରୁ ପରିବାରର ଜନସେବାର ପରମ୍ପରା ଅବ୍ୟାହତ ରହିଛି । ପୁନର୍ବାର ବିଧାୟକଙ୍କ ପ୍ରତିନିଧି ଭାବେ ମନୋନୀତ ହେବା ପରେ ପ୍ରଶାନ୍ତ ବେହେରା ବିଧାୟକ ପ୍ରଦୀପ କୁମାର ସାହୁଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି ଯେ, ବିଧାୟକଙ୍କ ବିଶ୍ୱାସ ଓ ଆସ୍ଥାକୁ ସମ୍ମାନ ଜଣାଇ ଆଗାମୀ ଦିନରେ ଅଂଚଳର ସାମଗ୍ରିକ ବିକାଶ, ସାଧାରଣ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ସରକାରୀ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଂଚାଇବା ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିବେ ।



ବୁଧବାର ୨୯।୦୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଲାଗି ଭାରତୀୟ ଦଳ ଘୋଷିତ




ନୂଆଦିଲ୍ଲୀ, ୨୮/୦୭ : ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଲାଗି ବିସିସିଆଇ ମଙ୍ଗଳବାର ଦଳ ଘୋଷଣା କରିଛି। ଅନ୍‌କ୍ୟାପ୍‌ଡ ଅଫ୍‌ସ୍ପିନର ସାରାଂଶ ଜୈନ ନୂଆଁମୁହଁ ଭାବେ ସାମିଲ ହୋଇଥିଲା ବେଳେ ସ୍ପିନ୍ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ଦଳକୁ ଫେରିଛନ୍ତି। ଦ୍ରୁତବୋଲର ଯଶପ୍ରୀତ ବୁମ୍‌ରା ଓ ବ୍ୟାଟର୍ ସାଇ ସୁଦର୍ଶନ ଏହି ୧୫ ଜଣିଆ ଦଳରେ ସ୍ଥାନ ପାଇଥିଲେ ମଧ୍ୟ ବିସିସିଆଇ ଉତ୍କର୍ଷ କେନ୍ଦ୍ର (ସିଓଇ) ଠୁ ଫିଟ୍‌ନେସ୍ ପ୍ରମାଣପତ୍ର ପାଇବା ପରେ ହିଁ ଖେଳି ପାରିବେ। ଇଂଲଣ୍ଡ ଗସ୍ତ ବେଳେ ସ୍ପିନ୍ ଅଲ୍‌ରାଉଣ୍ଡର ୱାଶିଂଟନ୍ ସୁନ୍ଦର ଜଙ୍ଘ ମାଂସପେସୀ ଟାଣି ହେବା ସମସ୍ୟାରେ ପଡ଼ିଥିବାରୁ ଶ୍ରୀଲଙ୍କା ଗସ୍ତରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ସାରାଂଶଙ୍କୁ ସ୍ଥାନ ମିଳିଛି।

୩୩ ବର୍ଷୀୟ ମଧ୍ୟପ୍ରଦେଶ ବୋଲର ସାରାଂଶ ମଧ୍ୟ ଲୋୟର ମିଡିଲ୍ ଅର୍ଡର ବ୍ୟାଟର୍। ଶ୍ରୀଲଙ୍କ ଗସ୍ତରେ ସେ ଭାରତୀୟ ଏ' ଦଳ ବିପକ୍ଷରୁ ଖେଳି ଉଭୟ ବଲ୍ ଓ ବ୍ୟାଟ୍‌ରେ ଚମତ୍କାରିତା ଦେଖାଇଥିଲେ। ଗଲ୍‌ରେ ଖେଳାଯାଇଥିବା ଶ୍ରୀଲଙ୍କା-ଏ' ବିପକ୍ଷ ଦ୍ୱିତୀୟ ୪ଦିନିଆ ମ୍ୟାଚ୍‌ରେ ସେ ୬ ୱିକେଟ୍ ଅକ୍ତିଆର କରିବା ସହ ୭ ନମ୍ବରରେ ବ୍ୟାଟିଂକୁ ଆସି ୭୦ଅଞ୍ଚ ରନ୍‌ର ଅପରାଜିତ ପାଳି ଖେଳି ଦଳକୁ ୧୦ ୱିକେଟ୍ ବିଜୟ ଦେବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଜୁନ୍‌ରେ ଖେଳାଯାଇଥିବା ଆଫ୍‌ଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟରେ ଜାଡ଼େଜାଙ୍କୁ ବିଶ୍ରାମ ଦିଆଯାଇଥିଲା। ଏହି ଶୃଙ୍ଖଳାରେ ତାଙ୍କ ସ୍ଥାନରେ ସ୍ପିନ୍ ଦାୟତ୍ୱ କୁଲଦୀପ ଯାଦବ ଓ ମାନବ ସୁତାରଙ୍କୁ ମିଳିଥିଲା। ଉଭୟ ମଧ୍ୟ ଶ୍ରୀଲଙ୍କା ଗସ୍ତ ଦଳରେ ସାମିଲ ହୋଇଛନ୍ତି। ବୁମ୍‌ରାଙ୍କ ବାଦ୍ ଦ୍ରୁତ ବୋଲର ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଗୁରନୂର ବ୍ରାର ଦଳରେ ସ୍ଥାନ ବଜାୟ ରଖିଛନ୍ତି। ମାଂସପେସୀ ଜନିତ ସମସ୍ୟାରେ ପଡ଼ିଥିବା ହର୍ଷିତ ରାଣା ଓ ନୀତୀଶ କୁମାର ରେଡ୍ଡୀଙ୍କୁ ଏହି ଶୃଙ୍ଖଳା ଲାଗି ଚୟନ କରାଯାଇ ନାହିଁ। ଟେଷ୍ଟ ଶୃଙ୍ଖଳା ପୂର୍ବରୁ ଅଗଷ୍ଟ ୭ରୁ କଲମ୍ବୋରେ ଖେଳାଯିବାକୁ ଥିବା ୪ଦିନିଆ ମ୍ୟାଚ୍‌ର ନେତୃତ୍ୱ ବି ଅଧିନାୟକ ଶୁବମନ ଗିଲ୍ ନେବେ। ପ୍ରଥମ ଟେଷ୍ଟ ଗଲ୍‌ରେ ଅଗଷ୍ଟ ୧୫ରୁ ୧୯ ଏବଂ ଦ୍ୱିତୀୟ କଲମ୍ବୋରେ ଅଗଷ୍ଟ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଖେଳାଯିବ।

**ଭାରତୀୟ ଦଳ:** ଶୁବମନ ଗିଲ୍ (ଅଧିନାୟକ), କେଏଲ୍ ରାହୁଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲା, ଋଷଭ ପନ୍ତ (ୱିକେଟ୍‌କିପର), ସାଇ ସୁଦର୍ଶନ, ଦେବଦତ୍ତ ପଡ଼ିକଲ, ଧ୍ରୁବ ଜୁରେଲ (ୱିକେଟ୍‌କିପର), ରବୀନ୍ଦ୍ର ଜାଡ଼େଜା, କୁଲଦୀବ ଯାଦବ, ମାନବ ସୂତାର, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୂର ବ୍ରାର, ସାରାଂଶ ଜୈନ।

## ୟୁଏସ୍ ଓପନ୍ ମିଶ୍ରିତ ଯୁଗଳ ପ୍ରତିଯୋଗିତା

# ଏକାଠି ଖେଳିବେ ଜୋକୋଭିକ୍-ସାବାଲେଙ୍କା



ନୂଆଦିଲ୍ଲୀ, ୨୮/୭: ଟେନିସ କିଂବଦନ୍ତି ନୋଭାକ ଜୋକୋଭିକ୍ ଓ ଆରିନା ସାବାଲେଙ୍କା ଆଗାମୀ ୟୁଏସ୍ ଓପନ୍ ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ଏକାଠି ଖେଳିବେ। ଏହି ଯୋଡ଼ି ୧୬ ଦଳୀୟ ଏହି ପ୍ରତିଯୋଗିତାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାର ବିଜେତା ଦଳକୁ ୧ ମିଲିୟନ୍ ଡଲାର (ଭାରତୀୟ ମୁଦ୍ରାରେ ୯.୫ କୋଟିରୁ ଅଧିକ) ପୁରସ୍କାର ପ୍ରଦାନ କରାଯିବ। ଫଳରେ ଗତ ବର୍ଷଠୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ପ୍ରତି ପୁଣିଥରେ ଅନେକ ଶ୍ରେଷ୍ଠ ଏକକ ଟେନିସ୍ ଖେଳାଳି ଆକୃଷ୍ଟ ହୋଇଛନ୍ତି।

ଜୋକୋଭିକ୍-ସାବାଲେଙ୍କା ବାଦ୍ ତାରକା ଖେଳାଳି ଗତ ସଂସ୍କରଣର ଉପବିଜେତା ଯୋଡ଼ି ଇଗା ସିଟେକ-କାସ୍ପର ରୁଡ୍, ଏଲିନା ରିବାକିନା ଓ ଟେଲର ଫ୍ରିଜ୍, ନାଓମି ଓସାକା ଓ କେଇ ନିଶିକୋରି ଏବଂ ଜେସିକା ପେଗୁଲା ଓ ଜ୍ୟାକ୍ ଡ୍ରାପର ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ତେବେ ବିଜେତା ସାରା ଇରାନୀ ଓ ଆନ୍ଦ୍ରିଆ ଭଭାସୋରିଙ୍କ ଏକକ ମାନ୍ୟତା କମ୍ ଥିବାରୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଏମାନଙ୍କୁ ୱାଇଲ୍ଡ କାର୍ଡର ଆବଶ୍ୟକତା ପଡ଼ିବ। ଏହି ପ୍ରତିଯୋଗିତାର ମୁଖ୍ୟ ଡ୍ର ଅଗଷ୍ଟ ୨୫ ଓ ୨୬ ତାରିଖରେ ନ୍ୟୁୟର୍କ ସିଟିର ଏଥର ଏସ୍ ଷ୍ଟାଡିୟମ୍ ଓ ଲୁଇସ ଆମଷ୍ଟ୍ରଙ୍ଗ ଷ୍ଟାଡିୟମ୍‌ରେ ଖେଳାଯିବ। ୬ଟି ଶ୍ରେଷ୍ଠ ମିଳିତ ଏକକ ମାନ୍ୟତା ଯୋଡ଼ି ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ୮ଟି ଦଳ ୱାଇଲ୍ଡ କାର୍ଡ ଦ୍ୱାରା ପ୍ରତିଯୋଗିତାରେ ଖେଳିବାକୁ ମନୋନୀତ ହେବେ। ସେହିଭଳି ଅନ୍ୟ ଦୁଇ ଦଳ ଅଗଷ୍ଟ ୨୪ ତାରିଖରେ ଯୋଗ୍ୟତା ପର୍ଯ୍ୟାୟ ଖେଳି ଆସବେ।

## ବିଶ୍ୱ ବନ୍ଧୁକଚାଳନା

# ସୋନମ-ହିମାଂଶୁଙ୍କୁ କାଂସ୍ୟ



ହାଙ୍ଗ୍‌ଝୌ, ୨୮/୦୭ : ଭାରତୀୟ ରାଇଫଲ ସୁଟର୍ ସୋନମ ଉତ୍ତମ ମାସ୍କର ଓ ହିମାଂଶୁ ଧିଲନ ଚଳିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ରାଇଫଲ/ପିସ୍ତଲ/ସଟ୍‌ଗନ୍ ପ୍ରତିଯୋଗିତାରେ କାଂସ୍ୟ ଜିତିଛନ୍ତି। ହାଙ୍ଗ୍‌ଝେ ?ରେ ଚାଲିଥିବା ଏହି ପ୍ରତିଯୋଗିତାର ୧୦ ମିଟର ଏୟାର ପିସ୍ତଲ ଟିମ୍ ଇଭେଣ୍ଟରେ ଏହି ଯୋ? ତୃତୀୟ ସ୍ଥାନରେ ରହିଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ସୋନମ (୩୧୭.୨) ଓ ହିମାଂଶୁ (୩୧୭.୪) ଏକାଠି ୬୩୪ .୬ ପଏଣ୍ଟ ସହ ଫାଇନାଲ୍ ସ୍ଥାନ ପକ୍କା କରିଥିଲେ। ତାଙ୍କ ସହ ଅନ୍ୟ ଏକ ଭାରତୀୟ ଯୋ?ଇଲାଭେନିଲ ଭାଲାରିଭାନ (୩୧୬.୮) ଓ ପାର୍ଥ ରାକେଶ ମାନେ (୩୧୭,୪) ମୋଟ ୬୩୪.୨ ସ୍କୋର୍ ସହ ଫାଇନାଲ୍‌ରେ ପହଞ୍ଚିଥିଲେ। ଫାଇନାଲ୍‌ରେ ସୋନମ ଓ ହିମାଂଶୁ ୪୪୧.୨ ପଏଣ୍ଟ (ଉଭୟ ୨୨୦.୬ ଲେଖାଏଁ) ପାଇ ଦୁଇ ଚୀନ୍ ଯୋ?ଙ୍କଠୁ ପଛରେ ପ? କାଂସ୍ୟ ପାଇଥିଲେ। ତେବେ ଇଲାଭେନିଲ (୧୯୦.୫) ଓ ପାର୍ଥ (୧୮୮.୩) ୩୭୮ ପଏଣ୍ଟ ଚତୁର୍ଥ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଥିଲେ। ଏହି କାଂସ୍ୟ ସହ ଭାରତର ପଦକ ସଂଖ୍ୟା ୪ (୧ ସ୍ୱର୍ଣ୍ଣ, ୧ ରେ?ପ୍ୟ ଓ ୨ କାଂସ୍ୟ)ରେ ପହଞ୍ଚିଛି।

# ରାଜ୍ୟଗୋଷ୍ଠୀ ରେକର୍ଡ ଲିଫ୍ଟ ସହ ଅଜୟଙ୍କୁ ରୌପ୍ୟ



ଗ୍ଲାସ୍‌ଗୋ, ୨୮/୦୭ : ଭାରତୀୟ ଭାରୋତ୍ତଳକ ଭାଲୁରି ଅଜୟ ବାବୁ ଚଳତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଚମତ୍କାର ପ୍ରଦର୍ଶନ କରି ରୌପ୍ୟ ପଦକ ଜିତିଛନ୍ତି। ପୁରୁଷ ୭୯ କେଜି ବର୍ଗରେ ଅଳ୍ପକେ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଥିବା ଅଜୟ ନୂଆ ଗେମ୍ ରେକର୍ଡ ମଧ୍ୟ କରିଥିଲେ। ୨୧ ବର୍ଷୀୟ ଅଜୟ ୧୪୯ କେଜି ସ୍ନାଚ୍ ଉଠାଇ ଗେମ୍ ରେକର୍ଡ କରିଥିଲେ। ଏହାପରେ ସେ ୧୮୧ କେଜି କ୍ଲିନ୍ ଓ ଜର୍କ ଉଠାଇ ମୋଟ ୩୩୦ କେଜି ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସ୍ନାଚ୍‌ରେ ୧୪୭ କେଜି ଉଠାଇ ଅଜୟଙ୍କ ପଛରେ ଥିବା ମାଲେସିଆର ଇରି ହିଦାୟାତ ମହମ୍ମଦ କ୍ଲିନ୍ ଓ ଜର୍କରେ ୧୮୪ କେଜି ଉଠାଇବା ସହ ମୋଟ ୩୩୧ କେଜି ଉଠାଇ ଗେମ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଇଂଲଣ୍ଡର କ୍ରିସ୍ ମୁରେ (୩୨୫) କାଂସ୍ୟ ପାଇଥିଲେ। ଅଜୟଙ୍କ ବାପା ଶ୍ରୀନିବାସ ରାଓ ୨୦୧୦ ନୂଆଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାଂସ୍ୟ ଜିତିଥିଲେ। ୫୬ କେଜି ଭାରୋତ୍ତୋଳନରେ ସେ ଏହି ପଦକ ଜିତିଥିଲେ।

# ଗୋଟିଏ ଦିନରେ ଯାଆଁଳା ଭଗ୍ନୀଙ୍କୁ ଜିମ୍ନାଷ୍ଟିକ୍ସ ପଦକ




ଗ୍ଲାସ୍‌ଗୋ, ୨୮/୦୭ : ଯାଆଁଳା ରୋପର ଭଉଣୀ ଆବିଗେଲ ଓ ଇମିଲି ଚଳିତ ରାଜ୍ୟଗୋଷ୍ଠୀ କ୍ରୀ?ାର ଜିମ୍ନାଷ୍ଟିକ୍ସରେ ଅଲଗା ଅଲଗା ଇଭେଣ୍ଟରେ ଦୁଇଟି ପଦକ ଜିତିଛନ୍ତି। ଏହି ଦୁଇ ଯାଆଁଳା ଭଉଣୀ ମଧ୍ୟ ୱେଲ୍‌ସ ପାଇଁ ପ୍ରଥମ ଜିମ୍ନାଷ୍ଟିକ୍ସ ପଦକ ଜିତିଛନ୍ତି। ଏହି ଦୁଇ ଭଉଣୀ ଜିମ୍ନାଷ୍ଟିକ୍ସର ଦୁଇ ଇଭେଣ୍ଟ ଭଲ୍ଟ ଓ ଅନ୍‌ଇଭେନ୍ ବାର୍‌ସ୍‌ରେ ଦୁଇଟି କାଂସ୍ୟ ପାଇଥିଲେ। ମହିଳା ଭଲ୍ଟରେ ଆବିଗେଲ୍ ତୃତୀୟ ସ୍ଥାନରେ ରହିଥିଲେ। ତାଙ୍କ ଭଉରୀ ଇମିଲି ଏହି ଇଭେଣ୍ଟରେ ଚତୁର୍ଥ ସ୍ଥାନରେ ରହିଥିଲେ। ତେବେ ଏହାର କିଛି ଘଣ୍ଟା ପୂର୍ବରୁ ଇମିଲି ଅନ୍‌ଇଭେନ୍ ବାର୍‌ସ୍‌ରେ କାଂସ୍ୟ ଜିତି ସାରିଥିଲେ। ପଦକ ଜିତିବା ପରେ ଉଭୟ ଏକାଠି ଫଟୋ ପୋଜ୍ ଦେଇ ଖୁସି ମନାଇଥିଲେ। ଏହି ୨୦ ବର୍ଷୀୟା ଦୁଇ ଯାଆଁଳା ଭଉଣୀଙ୍କ ଏହି ସଫଳ ମୁହୂର୍ତ୍ତରେ ଏମାନଙ୍କ ଅଭିଭାବକ ଜନ୍ ଓ ମାଇକେଲ୍ ଉପସ୍ଥିତ ଥିଲେ।

# କୁଶାରେଙ୍କୁ ଐତିହାସିକ ହାଇଜମ୍ପ ରୌପ୍ୟ




ଗ୍ଲାସ୍‌ଗୋ, ୨୮/୦୭ : ଜାତୀୟ ରେକର୍ଡଧାରୀ ହାଇଜମ୍ପର୍ ସର୍ବେଶ କୁଶାରେ ସୋମବାର ରାତିରେ ଆଉ ଏକ ଇତିହାସ ରଚିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ହାଇଜମ୍ପରେ ରୌପ୍ୟ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ହୋଇଛନ୍ତି। ଗ୍ଲାସ୍‌ଗୋରେ ସୋମବାର ରାତିରେ ୩୧ ବର୍ଷୀୟ ଏହି ଭାରତୀୟ ହାଇଜମ୍ପର୍ ୨.୨୫ ମିଟର ସଫଳତା ସହ ଡେଇଁ ରୌପ୍ୟ ପଦକ ନିଶ୍ଚିତ କରିଥିଲେ। ଜାମାଇକାର ରୋମେନ୍ ବେକ୍‌ଫୋର୍ଡ ସାମାନ ଉଚ୍ଚ ଡେଇଁଥିଲେ ମଧ୍ୟ ସ୍ୱର୍ଣ୍ଣ ପାଇଥିଲେ। ଇଂଲଣ୍ଡର ଜ୍ୟାକ୍ କିମାନି (୨.୨୦ ମିଟର) କାଂସ୍ୟ ଜିତିଥିଲେ। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟ ଜଣେ ଭାରତୀୟ ଆଦର୍ଶ ରାମ (୨.୧୫ ମିଟର) ପଞ୍ଚମ ସ୍ଥାନରେ ରହିଥିଲେ। କୁଶାରେଙ୍କ ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀ?ାରେ ଭାରତର କେବଳ ତେଜସ୍ୱିନ ଶଙ୍କର କାଂସ୍ୟ (ବର୍ମିଂହାମ୍, ୨୦୨୨) କାଂସ୍ୟ ଜିତିଥିଲେ। ସୋମବାର କିନ୍ତୁ ତେଜସ୍ୱିନ ପ୍ରଥମ ପ୍ରୟାସରେ ୨.୦୫ ମିଟର ଡେଇଁବାରେ ବିଫଳ ହେବାରୁ ଓହରି ଯାଇଥିଲେ। ସେ ଗୁରୁବାର ପୁରୁଷ ଡେକାଥଲନ ଇଭେଣ୍ଟରେ ଟ୍ରାକ୍କୁ ଓହ୍ଲାଇବେ। ହାଇଜମ୍ପରେ ବ୍ୟକ୍ତିଗତ ଶ୍ରେଷ୍ଠ ୨.୨୯ ମିଟର ରଖିଥିବା ୨୭ ବର୍ଷୀୟ ତେଜସ୍ୱିନଙ୍କ ନଜର ଡେକାଥଲନ ଉପରେ ରହିଛି। ଗତ ଦୁଇ ବର୍ଷ ହେବ ସେ ବ୍ୟକ୍ତିଗତ ହାଇଜମ୍ପରେ ପ୍ରାୟତଃ ଭାଗନେଉ ନାହାନ୍ତି। ପ୍ରଥମ ଭାରତୀୟ ଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ୧୧୦ ମିଟର ବାଧା ଦୌଡ଼ର ଫାଇନାଲ୍‌ରେ ପହଞ୍ଚିଥିଲେ ତେଜାସ ଶିର୍ସେ। ଫାଇନାଲ୍ ପୂର୍ବ ୱାର୍ମଅପ୍ ବେଳେ ତାଙ୍କର ଡେବିଲିଟେଟିଙ୍ଗ ନାଭିକୁଲାର ଷ୍ଟ୍ରେସ୍ ଫ୍ୟାକ୍‌ଚର ହୋଇଥିଲା। ଏହା ସତ୍ତ୍ୱେ ସାହାସ ଦେଖାଇ ଫାଇନାଲ୍ ଟ୍ରାକ୍କୁ ଓହ୍ଲାଇଥିଲେ। ହେଲେ ଆହତ ଯୋଗୁଁ ଏହି ଜାତୀୟ ରେକର୍ଡଧାରୀ ୧୫.୩୯ ସେକେଣ୍ଡରେ ରେସ୍ ଶେଷ କରିବା ସହ ଅଷ୍ଟମ ସ୍ଥାନରେ ରହିଥିଲେ। କିନ୍ତୁ ୨୪ ବର୍ଷୀୟ ଶିର୍ସେ (୧୩.୭୬ ସେକେଣ୍ଡ) ନିଜ ହିଟ୍‌ରେ ତୃତୀୟ ଏବଂ ମୋଟ ଉପରେ ଷଷ୍ଠରେ ରହି ଫାଇନାଲ୍‌ରେ ପହଞ୍ଚିଥିଲେ।

# ଦାଦନ ଶ୍ରମିକ ଭାବେ ଗଜପତି ଛାଡ଼ି ଗୋଆ ଯାଇଥିବା ଯୁବକଙ୍କ ମୃତ୍ୟୁ



ପାରଳାଖେମୁଣ୍ଡି, ୨୮/୭ (ତାରିଣୀ ପ୍ରସାଦ ପଣ୍ଡା): ଦରିଦ୍ରତାର ତାଡନା ଯୋଗୁଁ ଆବଶ୍ୟକ ଫି ଉଚ୍ଚଶିକ୍ଷାର ପାଠ ପଢିବା ପାଇଁ ନଥିବା ଯୋଗୁଁ ଗଜପତି ଜିଲ୍ଲାର ନିଜର ଭିଟା ମାଟି ଛାଡି ଅର୍ଥ ଯୋଗାଡ଼ ପାଇଁ ଗୋଆକୁ ଦାଦନଶ୍ରମିକ ଭାବେ ଖଟିବାକୁ ଯାଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଦୁଃଖଦ ଖବର ହସ୍ତଗତ ହୋଇଛି। ଏହି ଯୁବକ ଜଣକ ବି.ଏଡ୍‌ରେ ଆଡମିଶନ୍ କରିବାକୁ ଟଙ୍କା ଅଭାବରୁ ଘର ଛାଡ଼ି ରୋଜଗାର ପାଇଁ ଗୋଆକୁ ଯାଇଥିଲେ। ହେଲେ ସଫଳ ହେଲାନି ତାଙ୍କ ସ୍ୱପ୍ନ, ଯୁବକ ଜଣକ ସେଠାରେ ମୃତ୍ୟୁବରଣ କଲେ. ଏଭଳି ଦୁଃଖଦ ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ବ୍ଲକ ଡେଙ୍ଗେସଖାଲ ଗାଁରେ। ମୃତ ଯୁବକ ହେଲେ ଡେଙ୍ଗେସଖାଲ ଗ୍ରାମରେ ମୁନା ନାୟକ। ମୁନା ବି.ଏ. ପାସ୍ କରିବା ପରେ ବି.ଏଡ୍‌ରେ ନାମ ଲେଖାଇ ଶିକ୍ଷକ ହେବାର ସ୍ୱପ୍ନ ଦେଖିଥିଲେ। କିନ୍ତୁ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ଆଡମିଶନ୍ ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ଉଦ୍ଦେଶ୍ୟରେ ସେ ଗୋଆକୁ ଦାଦନ ଖଟିବାକୁ ଯାଇଥିଲେ। ମୁନାଙ୍କ ବାପାଙ୍କର ପ୍ରାୟ ୧୩ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କ ମା' ଅନେକ କଷ୍ଟରେ ତିନି ପୁଅ ଓ ଗୋଟିଏ ଝିଅଙ୍କୁ ପାଠ ପଢ଼ାଉଥିଲେ। ପରିବାରର ବଡ଼ ପୁଅ ହୋଇଥିବାରୁ ମୁନା ନିଜ ପାଠପଢ଼ା ସହ ପରିବାରର ଦାୟିତ୍ୱ ବୁଝି ରୋଜଗାର ଆଶାରେ ଘର ଛାଡ଼ିଥିଲେ। ହେଲେ ଗୋଆରେ ତାଙ୍କର ମୃତ୍ୟୁ ଖବର ଆସିବା ପରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ମୁନାଙ୍କ ବି.ଏଡ୍ ପଢ଼ିବାର ସ୍ୱପ୍ନ ଅଧୁରା ରହିଯାଇଥିବା ବେଳେ ଏବେ ସମଗ୍ର ଗାଁ ଶୋକରେ ଭାଙ୍ଗି ପଡ଼ିଛି। ଅନ୍ୟପଟେ ଗରିବ ପରିବାର ହୋଇଥିବାରୁ ଗୋଆରୁ ମୃତଦେହକୁ ନିଜ ଜନ୍ମମାଟିକୁ ଆଣିବା ପାଇଁ ସେମାନଙ୍କ ପାଖରେ ଆର୍ଥିକ ସମ୍ବଳ ନାହିଁ। ତେଣୁ ସରକାର ଏହି ଗରିବ ପରିବାରକୁ ସାହାର୍ଯ୍ୟର ହାତ ବଢ଼ାଇଲେ ମୃତ ଶରୀର ଗାଁରେ ପହଞ୍ଚା ଯାଉ ବୋଲି ଗ୍ରାମବାସୀମାନେ ନିବେଦନ କରିଛନ୍ତି।

## ଗ୍ରେଭ୍‌ସଙ୍କ ନୂଆ ଟେଷ୍ଟ ରେକର୍ଡ

# ଲଗାତାର ୫ ମେଡେନ୍ ଓଭରରେ ୫ ୱିକେଟ୍




ତରୌବା, ୨୮/୦୭: ୱେଷ୍ଟଇଣ୍ଡିଜ୍ ଅଲରାଉଣ୍ଡର ଜଷ୍ଟିନ୍ ଗ୍ରେଭ୍‌ସ ଟେଷ୍ଟ କ୍ରିକେଟ୍‌ରେ ନୂଆ ରେକର୍ଡ କରିଛନ୍ତି। ପ୍ରଥମ ବୋଲର ଭାବେ ଲଗାତାର ୫ ମେଡେନ୍ ଓଭର୍‌ରେ ୫ ୱିକେଟ୍ ନେଇଛନ୍ତି। ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟରେ ସେ ଏହି ସଫଳତା ପାଇଛନ୍ତି। ଗ୍ରେଭ୍‌ସଙ୍କ ପୂର୍ବରୁ ଏହି ରେକର୍ଡ ଷ୍ଟୁଆର୍ଟ ବ୍ରଡ୍‌ଙ୍କ ନାମରେ ଥିଲା। ଇଂଲଣ୍ଡର ପୂର୍ବତନ ବୋଲର ବ୍ରଡ୍ ୨୦୧୬ରେ ଜୋହାନେସବର୍ଗରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟରେ ଲଗାତାର ୪ ମେଡେନ୍ ଓଭରରେ ୪ ୱିକେଟ୍ ନେଇଥିଲେ। ତୃତୀୟ ଦିନରେ ୩୨ ବର୍ଷୀୟ ଗ୍ରେଭ୍‌ସଙ୍କ ୫/୨୭ ବୋଲିଂ ସଫଳତା ବଳରେ ପାକିସ୍ତାନର ପ୍ରଥମ ପାଳି ୨୮୨ ରନ୍‌ରେ ଅଟକି ଯାଇଥିଲା। ନିଜର ୧୭ତମ ଟେଷ୍ଟରେ ଗ୍ରେଭ୍‌ସଙ୍କ ଏହା ପ୍ରଥମ ୫ ୱିକେଟ୍ ସଫଳତା ପାଇଥିଲେ। ପ୍ରଥମ ପାଳିରେ ୱେଷ୍ଟଇଣ୍ଡିଜ୍ ୩୧୦ ରନ୍ କରିଥିଲା ବେଳେ ତୃତୀୟ ଦିନର ଷ୍ଟମ୍ପ ବେଳକୁ ୧୨୭/୭ ରନ୍ କରି ୧୫୫ ରନ୍‌ର ଅଗ୍ରଣୀ ନେଇଛି।

# ଆନ୍ତଃବିଦ୍ୟାଳୟ ବାସ୍କେଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ



କଟକ:(୨୮/୭) ବୟାଳିଶ ମୌଜା ଅନ୍ତର୍ଗତ ରାଉତରାପୁର ସ୍ଥିତ ଲିଲି ଇଣ୍ଟରନ୍ୟାସନାଲ୍ ସ୍କୁଲ ପରିସରରେ ଆୟୋଜିତ ଦ୍ୱିତୀୟ ସର୍ବ ଓଡ଼ିଶା ଆନ୍ତଃବିଦ୍ୟାଳୟ ବାସ୍କେଟବଲ୍ ପ୍ରତିଯୋଗିତା୨୦୨୬ ଅତ୍ୟନ୍ତ ଉତ୍ସାହ ଓ ଆନନ୍ଦର ସହ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କଟକ ସଦରର ମାନ୍ୟବର ବିଧାୟକ ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଚେୟାରମ୍ୟାନ୍ ଡ଼ଃ ଜାହିର ବେଗ ଏବଂ ସମ୍ପାଦକ ସକିଲ୍ ଅଖ୍‌ତର ଖାନ ମଧ୍ୟ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଏପରି ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିଥିବାରୁ ବିଦ୍ୟାଳୟର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ପ୍ରତିଯୋଗିତାରେ କଟକ, ଭୁବନେଶ୍ୱର, କେନ୍ଦ୍ରାପଡ଼ା ଏବଂ ବ୍ରହ୍ମପୁର ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୬ଟି ବିଦ୍ୟାଳୟର ବାସ୍କେଟବଲ୍ ଦଳ ଅଂଶଗ୍ରହଣ କରିଥିଲେ। ଖେଳାଳିମାନେ ଉତ୍କୃଷ୍ଟ କ୍ରୀଡ଼ାନୈପୁଣ୍ୟ, ଦଳୀୟ ମନୋଭାବ, ଶୃଙ୍ଖଳା ଏବଂ କ୍ରୀଡ଼ାସୁଲଭ ଭାବନାର ପରିଚୟ ଦେଇଥିଲେ। ପ୍ରତିଯୋଗିତାର ବାଳକ ବିଭାଗରେ ଏସ୍‌ଏଲ୍ ସ୍ପୋର୍ଟସ୍ ଏକାଡେମୀ ଚାମ୍ପିୟନ୍ ହୋଇଥିବାବେଳେ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ ରନର୍ସ-ଅପ୍ ହୋଇଥିଲା। ସେହିପରି ବାଳିକା ବିଭାଗରେ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ ଚାମ୍ପିୟନ୍ ହୋଇଥିବାବେଳେ ବକ୍ସି ଗାଲ୍‌ର୍ସ ହାଇସ୍କୁଲ୍ ରନର୍ସ-ଅପ୍ ସ୍ଥାନ ଅଧିକାର କରିଥିଲା। ଉଭୟ ବିଭାଗର ବିଜେତା ଦଳକୁ ୫,୦୦୦ ଟଙ୍କା ନଗଦ ପୁରସ୍କାର, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ରନର୍ସ-ଅପ୍ ଦଳଗୁଡ଼ିକୁ ୩,୦୦୦ ଟଙ୍କା ନଗଦ ପୁରସ୍କାର, ଟ୍ରଫି ଓ ପ୍ରମାଣପତ୍ର ଦିଆଯାଇଥିଲା। ଏହା ସହିତ ପ୍ରତିଯୋଗିତାରେ ଯୋଗଦେଇଥିବା ସମସ୍ତ ଦଳ ଓ ଖେଳାଳିଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାକୁ ଦେଖିବା ପାଇଁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଅଭିଭାବକ, କ୍ରୀଡ଼ାପ୍ରେମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଖେଳାଳି, ପ୍ରଶିକ୍ଷକ, ଅତିଥି ଏବଂ ଦର୍ଶକମାନଙ୍କ ପାଇଁ ବିଦ୍ୟାଳୟ ପକ୍ଷରୁ ଖାଦ୍ୟ, ପାନୀୟ, ବିଶ୍ରାମ ଓ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥା ସୁଚାରୁ ରୁପେ କରାଯାଇଥିଲା।ପରିଶେଷରେ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ସାଗରିକା ପତି ସମସ୍ତ ଅତିଥି, ଖେଳାଳି, ପ୍ରଶିକ୍ଷକ, ଅଭିଭାବକ ଓ କ୍ରୀଡ଼ାପ୍ରେମୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ବନ୍ୟା ଆଶଙ୍କା କରି ପ୍ରଶାସନ ପକ୍ଷରୁ ସତର୍କ ସୂଚନା

ରାଜକନିକା, ୨୮/୦୭(ନୁରେଇ ଖାନ) ନଦୀ ନାଳ ଘେରା ରାଜକନିକା ବ୍ଲକ ହୋଇଥିବାରୁ ଚଳିତ ବର୍ଷ ଲଘୁଚାପ ଜନିତ ପ୍ରବଳ ବର୍ଷା ହେବାରୁ ବୈତରଣୀ ଓ ଖରୋସ୍ରୋତା ନଦୀରେ ବନ୍ୟା ଆଶଙ୍କା ନେଇ ଆଜି ନଦୀ କୁଳିଆ ଲୋକମାନଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି ତେବେ ବୈତରଣୀ ଓ ଖରୋସ୍ରୋତା ନଦୀ କୁଳିଆ ରାଜକନିକା ବ୍ଲକର ପାଖାପାଖି ଭାରିଗଦା, ବରୁଣାଡିହା, ବରୁଣା, ପାରିନୁଆପଡା ସିକୋ, କାଟଣା ଜୟନଗର, ବରାଡିଆ, ତରାଶ, ବାଘବୁଦା, ଜାଗୁଳାଇପଡା, ନହୁଣି, ଶିହପଡା, ବାରାଦୋମାଣ୍ଡା ଭଳି ପ୍ରାୟ କୋଡିଏ ପଞ୍ଚାୟତର ପାଖାପାଖି ପଚାଶରୁ ଉର୍ଦ୍ଧ ଗାଁ 'ର ୧୫ ହଜାରରୁ ଉର୍ଦ୍ଧ ଲୋକେ ପ୍ରଭାବିତ ହେବାକୁ ନେଇ ଆଜି ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି । ଯଦି ବନ୍ୟଜଳ ପ୍ରଭାବିତ ହୁଏ ଜରୁରୀ କାଗଜ ପତ୍ର ସହିତ ମୂଲ୍ୟବାନ ସାମଗ୍ରୀକୁ ସାଙ୍ଗରେ ନେଇ ପାଖରେ ଥିବା ବନ୍ୟା ଆଶ୍ରୟ ସ୍ଥଳ ଯିବାକୁ ନିବେଦନ କରିଛନ୍ତି।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera